

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-107 •MONDAY •13 OCTOBER 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୧୦୭ •ସୋମବାର •୧୩ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ଜଙ୍ଗଲରୁ ଧରାହେଲେ ୩ ଅଭିଯୁକ୍ତ

- ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ଡ୍ରୋନ୍
- ଦୁର୍ଗାପୁର ଯିବ ଓଡ଼ିଶା ମହିଳା କମିସନ ଟିମ୍
- ଶୁଣୁନାହାନ୍ତି ପଶ୍ଚିମବଙ୍ଗ ମହିଳା କମିସନ



■ ଭୁବନେଶ୍ୱର/ଜଳେଶ୍ୱର, ୧୨।୧୦ (ସମିସ): ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ମେଡିକାଲ କଲେଜରେ ଦ୍ୱିତୀୟ ବର୍ଷର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଅଭିଯୁକ୍ତ ଅପୁ ବାଉରୀ (୨୧), ଫିର୍ଦ୍ଦୋଶ ଶେଖ୍ (୨୩) ଏବଂ ରିଆଜୁଦ୍ଦିନ (୩୧)କୁ ଗିରଫ କରିଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହ ସ୍ଥାନୀୟ କିଛି ଲୋକଙ୍କ ବୟାନ ଆଧାରରେ ମୋଟ ୫ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗିଥିବା ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମୋବାଇଲ ଟ୍ରାକିଂ କରି ପାରାନଗଞ୍ଜ ଜଙ୍ଗଲରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଜେରା କରୁଛି। ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଜଙ୍ଗଲ ମଧ୍ୟରେ ଡ୍ରୋନ୍ ସହାୟତାରେ ଖୋଜା ଚାଲିଛି।

ଏହି ଘଟଣାରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଦୁଇଜଣିଆ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କ ବାପା-ମା'ଙ୍କୁ ସାକ୍ଷାତ କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି। ପରିବାରଲୋକଙ୍କ ସନ୍ଦେହ ଥିବା ଛାତ୍ରୀଙ୍କ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି। ଅପରାଧୀଙ୍କୁ ଚିହ୍ନଟ କରିବାକୁ କ୍ୟାମ୍ପସରେ ସିସିଟିଭି ଫୁଟେଜ୍ ଏବଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି।

ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମହିଳା କମିସନ ▶ପୃଷ୍ଠା-୭

## ମମତାଙ୍କ ମନ୍ତବ୍ୟ ନେଇ ହଙ୍ଗାମା

■ ଦୁର୍ଗାପୁର, ୧୨।୧୦ (ଏଜେନ୍ସି): ଓଡ଼ିଶାର ଜଣେ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମହିଳାମାନେ ବିଳମ୍ବିତ ରାତିରେ ବାହାରେ ବୁଲିବା ଉଚିତ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଛନ୍ତି। ନାରୀମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ମମତା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ନିନ୍ଦା କଲେ ବିରୋଧୀ ଦଳ**

ଏହି କାଣ୍ଡ ପାଇଁ ସମସ୍ତ ଦୋଷ ଦୁର୍ଗାପୁରର ସଂପୃକ୍ତ ଘରୋଇ ମେଡିକାଲ କଲେଜ ଉପରେ ଲଦି ଦେଇ ମମତା କହିଛନ୍ତି ଯେ ପିଲାମାନଙ୍କର ସୁରକ୍ଷା ଦାୟିତ୍ୱ ହେଉଛି କଲେଜର। ରାତି ସାଢ଼େ ୧୨ଟା ପରେ ସଂପୃକ୍ତ ଏମ୍‌ବିବିଏସ୍ ଛାତ୍ରୀ କଲେଜ କ୍ୟାମ୍ପସ ବାହାରକୁ କେମିତି ଗଲେ ବୋଲି ପ୍ରଶ୍ନ କରିଛନ୍ତି। ମଧ୍ୟରାତିରେ ପିଲାମାନଙ୍କୁ ବାହାରକୁ ଛାଡ଼ିବା ଉଚିତ ନୁହେଁ। ଆଇନଶୃଙ୍ଖଳା ପୁଲିସର ଦାୟିତ୍ୱ ଥିଲେ ମଧ୍ୟ ସବୁ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ନୁହେଁ। ଦୁର୍ଗାପୁରର ଯେଉଁ ▶ପୃଷ୍ଠା-୭

### ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏ ଆସନ ଭାଗବଣ୍ଟା



■ ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି): ଆସନ୍ତା ମାସରେ ବିହାର ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ କ୍ଷମତାସୀନ ଏନ୍‌ଡିଏ ଅଂଶୀଦାର ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ବିଜେପି ଏବଂ ନୀତୀଶ କୁମାରଙ୍କ ଜେଡିୟୁ ୧୦୧ ଲେଖାଏଁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମେଣ୍ଟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ମିଳିଛି ୨୯ଟି ଆସନ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ସହମତି ଭିତ୍ତିରେ ଏଭଳି ଆସନ ବୁଝାମଣା ହୋଇଛି ବୋଲି ବିଜେପିର ବିହାର ପ୍ରଭାରୀ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ବୁଝାମଣା ଅନୁଯାୟୀ ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଜେଡିୟୁ ଏବଂ ବିଜେପି ଉଭୟ ୧୦୧ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ।

**୧୦୧ ଲେଖାଏଁ ଆସନରେ ଲଢ଼ିବେ ବିଜେପି-ଜେଡିୟୁ**

**ଚିରାଗଙ୍କୁ ୨୯, ମାନ୍‌ଝି ଓ କୁଶୱାହଙ୍କୁ ୬ ଲେଖାଏଁ ଆସନ**

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୦୫ ପରେ ପ୍ରଥମ ଥର ଲାଗି ଜେଡିୟୁ ଏବଂ ବିଜେପି ସମାନ ଆସନରେ ଲଢ଼ିବେ। ଏହାପୂର୍ବରୁ ଜେଡିୟୁ ସର୍ବଦା ବିଜେପି ଅପେକ୍ଷା ଅଧିକ ଆସନରେ ଲଢୁଥିଲା। ଗତ ୪ଟି ନିର୍ବାଚନରେ ଜେଡିୟୁ ବଡ଼ ଭାଇର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ଗତ ୨୦୨୦ ନିର୍ବାଚନରେ ଜେଡିୟୁ ୧୧୫ଟିରେ ପ୍ରାର୍ଥୀ ଦେଇଥିବା ବେଳେ ବିଜେପି ୧୧୦ଟି ଆସନରେ ଲଢ଼ିଥିଲା। ▶ପୃଷ୍ଠା-୭

### ଆଜି ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି; ଦ୍ୱୈତ ଦାୟିତ୍ୱରେ ଓଡ଼ିଶା ସିଇଓ

# ନିରପେକ୍ଷତାକୁ ନେଇ ପ୍ରଶ୍ନ

■ ଭୁବନେଶ୍ୱର, ୧୨।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପୂର୍ବରୁ ଉପନିର୍ବାଚନ ତାରିଖ ଘୋଷଣା ହେବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ନିର୍ବାଚନ ପ୍ରକ୍ରିୟା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସର୍ବଦଳୀୟ ବୈଠକଠାରୁ ଆରମ୍ଭ କରି ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନଙ୍କ "ଦ୍ୱୈତ ଦାୟିତ୍ୱ'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବରିଷ୍ଠ ଆଇଏଏସ୍ ଅଧିକାରୀ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନ୍ୟ ଏକ ସରକାରୀ ପଦବୀରୁ ▶ପୃଷ୍ଠା-୭

**ଚାପ ଯୋଗୁଁ ପ୍ରଭାବିତ ହୋଇପାରେ ଏସ୍‌ଆଇଆର୍**

# ବିଜେପିରେ 'ପୋଷା ପୁଅ'; ନୂଆପଡ଼ାରେ ବିଭାଜନ

- ଦଳର ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ କରାଯାଉଛି ଅବହେଳା
- ବସନ୍ତ ଓ ପୁଅ ଅଭିନନ୍ଦନଙ୍କ ପଦକ୍ଷେପକୁ ନେଇ ଚିନ୍ତାରେ ଦଳ
- ଦଳୀୟ ପଦକ୍ଷେପକୁ ପ୍ରସନ୍ନ, ଯଦୁମଣିଙ୍କ ସମର୍ଥକଙ୍କ ବିରୋଧ

■ ଭୁବନେଶ୍ୱର, ୧୨।୧୦ (ସମିସ): ଘରେ ନ ପଶୁଣୁ ବିଜେପି ନେତାଙ୍କ ମୁଣ୍ଡରେ ଚାଳ ବାଜିଛି। ପରଲୋକଗତ ବିଜେଡି ନେତା ରାଜେନ୍ଦ୍ର ଢ଼ୋଲକିଆଙ୍କ ପୋଷ୍ୟ ପୁତ୍ର ଜୟ ଢୋଲକିଆଙ୍କୁ ଦଳରେ ମିଶାଇ ନୂଆପଡ଼ା ବାଜି ଜିତିବାକୁ ଯୋଜନା କରିଥିବା ବିଜେପିକୁ ଲାଗିଛି ବଡ଼ ଝଟ୍‌କା। ଜୟଙ୍କୁ ଦଳକୁ ଆଣି ଟିକଟ ଦେବା ପ୍ରସଙ୍ଗକୁ ବରିଷ୍ଠ ନେତାମାନେ ପସନ୍ଦ କରୁ ନ ଥିବାବେଳେ ନୂଆପଡ଼ାରୁ ଆଶାୟୀ ଥିବା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମନ୍ତବ୍ୟ ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇଛି। ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ନେତାଙ୍କୁ ଉପେକ୍ଷା କରାଯାଉଥିବା ସଂକ୍ରାନ୍ତରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ପୁଣିଥରେ ସତ୍ୟ ସାବ୍ୟସ୍ତ ହୋଇଛି। ଜୟଙ୍କ ଯୋଗଦାନ ବିଜେପି ପାଇଁ ରାସ୍ତା ସହଜ କରିବା ପରିବର୍ତ୍ତେ ଅଧିକ ଜଟିଳ କରିଛି। ନୂଆପଡ଼ା ସମେତ ରାଜ୍ୟବ୍ୟାପୀ କର୍ମୀ ମହଲରେ ଏପରି ମିଶ୍ରଣକୁ ନାପସନ୍ଦ କରିଛନ୍ତି।

ଜୟଙ୍କ ଯୋଗଦାନ ପୂର୍ବରୁ ଶନିବାର ବସନ୍ତ ପଣ୍ଡାଙ୍କ ସହ ଘଣ୍ଟା ଘଣ୍ଟା ଧରି କବାଟ କିଳା ଆଲୋଚନା କରିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମେ ଜୟଙ୍କ ବିଜେପି ଯୋଗଦାନକୁ ପୂରାଜୋରରେ ବିରୋଧ କରିଥିଲେ ବସନ୍ତ। ନିଜ ପୁଅର ଭବିଷ୍ୟତକୁ ନେଇ ବସନ୍ତ ଚିନ୍ତା ପ୍ରକଟ କରିବା ସହ ଏପରି ମିଶ୍ରଣକୁ ସେ ଗ୍ରହଣ କରିପାରିବେ ନାହିଁ ବୋଲି ମନମୋହନ-ମାନସଙ୍କୁ ସଫାସଫା କହିଥିଲେ। ତେବେ ପୁଅଙ୍କୁ ଥଇଥାନ ସଂକ୍ରାନ୍ତରେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ବସନ୍ତ ମିଶ୍ରଣ ସଭାକୁ ଆସିବା ସହ ମଞ୍ଚକୁ ଚଢ଼ିଥିଲେ। ମାତ୍ର ମିଶ୍ରଣ ପର୍ବ ପରେ ବିଭିନ୍ନ ଗଣଣାଧ୍ୟମକୁ ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ ▶ପୃଷ୍ଠା-୭

# ଆଜି ଉତ୍ତର ଓଡ଼ିଶାରୁ ମେଲାଣି ନେବ ମୌସୁମୀ

■ ଭୁବନେଶ୍ୱର, ୧୨।୧୦ (ସମିସ): ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବ। ମୁଖ୍ୟତଃ ଉତ୍ତର ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ। ଗତ ଦୁଇ ଦିନ ହେବ ରାଜ୍ୟରୁ ବର୍ଷାର ପରିମାଣ କମିଯାଇଛି। ଏହାସହିତ ଆଗକୁ ବିଶେଷ ପାଣିପାଗଜନିତ ନିୟାମକ ସକ୍ରିୟ ନ ଥିବାରୁ ବର୍ଷାର ସମ୍ଭାବନା ମଧ୍ୟ କମ୍ ରହିଛି। ତେଣୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଆକାଶ ନିର୍ମଳ ରହିବ। ଦିନବେଳା ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ବାୟୁମଣ୍ଡଳରେ ଜଳୀୟବାଷ୍ପ କମିଯିବା ହେତୁ ତାପମାତ୍ରା ମଧ୍ୟ ହ୍ରାସ ପାଇବ। ଏହି ସମୟରେ ରାତିରେ କାକର ପଡ଼ିବା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୨୩-୨୫ ▶ପୃଷ୍ଠା-୭

**ରାତିରେ ରାଜୁତି କରିବ କୁହୁଡ଼ି ଓ କାକର**

# ଜାଲରେ ପଡ଼ିଲେ ୯୦ଟି ବିରଳ ତେଲିଆ ମାଛ

**କୋଟିଏ ଟଙ୍କାରେ କିଣିନେଲା ଔଷଧ କମ୍ପାନୀ**



■ ବାଲେଶ୍ୱର(ଉତ୍ତର), ୧୨।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସୀମାନ୍ତ ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀଙ୍କ ଜାଲରେ ଆଜି ବିରଳ ପ୍ରଜାତିର ତେଲିଆ(ଭୋଳା) ମାଛ ଲାଗିଛି। ଏହାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଦୀଘା ମୁହାଣରେ ଟ୍ରଲର୍ ଲାଗିବା ପରେ ଏହି ପ୍ରଜାତିର ୯୦ଟି ମାଛ ନିକଟସ୍ଥ ବଜାରକୁ ଆସିଥିଲା। ପ୍ରତ୍ୟେକ ମାଛର ଓଜନ ୩୦ରୁ ୩୫ କେଜି ହୋଇଥିଲା ବେଳେ ଏହା ଏକ କୋଟି ଟଙ୍କାରେ ନିଲାମ ହୋଇଥିଲା। କୋଲକାତାର ଏକ ଔଷଧ କମ୍ପାନୀ ଏହାକୁ କିଣି ନେଇଥିବା ଜଣାପଡ଼ିଛି। ଟ୍ରଲର୍‌ରୁ ମାଛଗୁଡ଼ିକ ଆସିବା ପରେ ଏହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସୂଚନାଯୋଗ୍ୟ, ଏହି ମାଛର ଚର୍ବି ଏବଂ ଅନ୍ୟାନ୍ୟ ଅଂଶ ବିଭିନ୍ନ ଜୀବନ ରକ୍ଷାକାରୀ ଔଷଧ ▶ପୃଷ୍ଠା-୭







ସକାଳ
www.sakalaepaper.com

# ପୁଣି ଥରେ ଉଦାହରଣ ସୃଷ୍ଟିକଲା କେରଳ

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** କେରଳ ପୁଣି ଥରେ ଦେଶ ତଥା ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆ ପାଇଁ ଉଦାହରଣ ସୃଷ୍ଟି କରିଛି । ସରକାର ଓ ସାମାଜିକ ଭାଗୀଦାରିରେ କେରଳ ପୁଣିଥରେ ଦେଶର ରୋଲ ମଡେଲ ହେବାକୁ ଯାଉଛି । ଦକ୍ଷିଣ ଭାରତର ଏହି ରାଜ୍ୟ ଅତି ଦାରିଦ୍ର୍ୟକୁ ହଟାଇବାରେ ସକ୍ଷମ ହୋଇଛି । ଅବଶ୍ୟ ଆସନ୍ତା ନଭେମ୍ବରରେ ଏ ନେଇ ଆନୁଷ୍ଠାନିକ ଘୋଷଣା ହେବ । ଅତି ଦାରିଦ୍ର୍ୟକୁ ହଟାଇବାରେ କେରଳ ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟର ମାନ୍ୟତା ପାଇବ । ଜାତିସଂଘ ଅନୁସାରେ ଦିନକୁ ୧୫୮.୧୦ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଅତି ଦରିଦ୍ର ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ କହିଛନ୍ତି । କେରଳ ଖାଦ୍ୟ, ଆୟ, ସ୍ୱାସ୍ଥ୍ୟ ଓ ବାସଗୃହକୁ ଆଧାର କରି ବିଭିନ୍ନ ଯୋଜନା କରିଥିଲା ଓ ଏହାକୁ ମାନବୀୟ ଗାରିମାର ଆଖ୍ୟା ଦେଇଥିଲା । ଏହି ପ୍ରକ୍ରିୟାରେ ସାମାଜିକ ସଂଗଠନଗୁଡ଼ିକର ତରଫରୁ ଅଭୂତପୂର୍ବ ସହାୟତା ମିଳିଥିଲା । କେରଳରେ ୭୩ ହଜାର

## ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟ ଭାବେ ହଟାଇଲା 'ଅତି ଦାରିଦ୍ର୍ୟ'

ମାଇକ୍ରୋ ଯୋଜନା କରିଥିଲା ଓ ବିଭିନ୍ନ ପରିବାରର ଆବଶ୍ୟକତା ଅନୁଯାୟୀ ସହାୟତା ପ୍ରଦାନ କରାଯାଇଥିଲା । ଏ ନେଇ ଖର୍ଚ୍ଚ ହେଉଥିବା ଅର୍ଥ ଓ ସାହାଯ୍ୟର ହିସାବ ମଧ୍ୟ ରଖାଯାଉଥିଲା । ୪ ବର୍ଷ ମଧ୍ୟରେ କେରଳ ଶେଷରେ ଏହି ଏଥିରେ ସଫଳତା ହାସଲ କରିଥିଲା ।

୨୦୨୧ରେ ଲୋକଙ୍କୁ ଅତି ଦାରିଦ୍ୟରୁ ବାହର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ରାଜ୍ୟ ସରକାର ଏଥିପାଇଁ ୧,୩୦୦ ସର୍ଭେୟରଙ୍କୁ ୧୪ଟି ଜିଲ୍ଲାରେ ନିୟୋଜିତ କରିଥିଲେ । ଯେଉଁ ଲୋକମାନେ ଖାଦ୍ୟ, ସ୍ୱାସ୍ଥ୍ୟ, ଆୟ ଓ ବାସଗୃହର ଅଭାବ ଦେଇ ଗତି କରୁଥିଲେ ସର୍ଭେୟରମାନେ ସେମାନଙ୍କୁ ଚିହ୍ନଟ କରିଥିଲେ । ଏହି ପ୍ରକ୍ରିୟାରେ ୱାର୍ଡ ଓ ବିଭିନ୍ନ ଡିଭିଜନର ଭାଗୀଦାରୀର ନାମାଙ୍କନ, ସବ-କମିଟି ଦ୍ୱାରା ସର୍ଟଲିଷ୍ଟିଂ, ମୋବାଇଲ ଆପ୍ ଦ୍ୱାରା ସାକ୍ଷାତକାର ଓ ଗ୍ରାମସଭା ଦ୍ୱାରା ଫାଇନାଲ ଭେରିଫିକେଶନକୁ ସାମିଲ କରାଯାଇଥିଲା । ଏହି କ୍ରମରେ ୧,୦୩, ୦୯୯ ଲୋକଙ୍କୁ ଚିହ୍ନଟ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୮୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିଲେ । ୨୪ ପ୍ରତିଶତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାଥିଲା । ୨୧ ପ୍ରତିଶତ ଲୋକ ଖାଦ୍ୟାଭାବେ ଦେଇ ଗତି କରୁଥିଲେ । ୧୫ ପ୍ରତିଶତ ଲୋକଙ୍କୁ ପାଖରେ ବାସଗୃହ ନଥିଲା । ଏହାପରେ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇଥିଲା । କୋଟିୟମ ଜିଲ୍ଲାରେ ୯୭୮ ମାଇକ୍ରୋ ପ୍ଲାନ ସହ ଏହାର ଶୁଭାରମ୍ଭ କରାଯାଇଥିଲା । ଶେଷରେ ଏହା ପର୍ଯ୍ୟାୟ କ୍ରମେ ସଫଳତା ହାସଲ କରିଥିଲା ।




# ପାକ୍-ଆଫଗାନ ସୀମାରେ ଲଢ଼େଇ

## କାବୁଲ ଏୟାର ଷ୍ଟ୍ରାଇକ୍‌ର ପ୍ରତିଶୋଧ ● ୫୮ ପାକ୍ ସୈନ୍ୟଙ୍କୁ ମାରିଲା ତାଲିବାନ



**କାବୁଲ,୧୨ ।୧୦(ଏଜେନ୍ସି):**

ଆଫଗାନ୍ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଭାରତ ଗସ୍ତରେ ଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ସଂଘର୍ଷ ଚରମ ସୀମାର ପହଞ୍ଚିଛି । ପାକିସ୍ତାନ ବାୟୁସେନା ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିବା ପରେ ଆଫଗାନିସ୍ତାନ ଏହାର ପ୍ରତିଶୋଧ ନେଇଛି । ଏହି କ୍ରମରେ ଆଫଗାନିସ୍ତାନ ଆକ୍ରମଣରେ ପାକିସ୍ତାନର ୫୮ ଜଣ ସୈନ୍ୟ ନିହତ ହୋଇଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି । ଆଫଗାନିସ୍ତାନର ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏ ନେଇ ସୂଚନା ଦେଇଛନ୍ତି । କେବଳ ସେତିକି ନୁହଁ, ଆଫଗାନିସ୍ତାନ ପାକିସ୍ତାନର ୨୫ଟି ସେନା ପୋଷ୍ଟକୁ ମଧ୍ୟ ନିଜ କବ୍‌ଜାକୁ ନେଇଛି । ଆଫଗାନିସ୍ତାନ ଆକ୍ରମଣରେ ୩୦ଜଣ ପାକ୍

### କବ୍‌ଜାରେ ୨୫ ସେନା ପୋଷ୍ଟ

ସୈନ୍ୟ ମଧ୍ୟ ଆହତ ହୋଇଛନ୍ତି । ଅର୍ଦ୍ଧରାତିରେ ଆମର ଅପରେସନ ଶେଷ ହୋଇଛି । ଯଦି ପାକିସ୍ତାନ ପୁଣିଥରେ ଆଫଗାନିସ୍ତାନ ସୀମାର ଉଲ୍ଲଂଘନ କରେ ତେବେ ଆମେ ସେନା ଦେଶର ରକ୍ଷା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

ରାଜଧାନୀ କାବୁଲ ଓ ଦେଶର ପୂର୍ବାଞ୍ଚଳର ଏକ ବଜାରରେ ପାକିସ୍ତାନ ବୋମା ଆକ୍ରମଣ କରିଛି ବୋଲି ଆଫଗାନ ଅଧିକାରୀମାନେ ଦାବି କରିଛନ୍ତି । ତେବେ ପାକିସ୍ତାନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ । ପାକିସ୍ତାନ ନିଜ ମାଟିରେ ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କୁ ଶରଣ ଦେଉଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି । ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନ ସମେତ ପୂରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛନ୍ତି ବୋଲି ମୁଜାହିଦ କହିଛନ୍ତି । ପାକିସ୍ତାନ ଏମାନଙ୍କୁ ବାହର କରୁ କିମ୍ବା ଆଫଗାନିସ୍ତାନକୁ ସମର୍ପି ଦେଉ ବୋଲି ସେ କହିଛନ୍ତି । ଆଫଗାନିସ୍ତାନରେ ହେଉଥିବା ଆକ୍ରମଣର ଷଡ଼ଯନ୍ତ୍ର ପାକିସ୍ତାନରେ ହେଉଛି ଓ ଏହାର ପ୍ରମାଣ ଆମ ପାଖରେ ରହିଛି ବୋଲି ସେ କହିଛନ୍ତି ।

ଅପରପକ୍ଷରେ ଭାରତ ଭଳି ଆଫଗାନିସ୍ତାନକୁ କଡ଼ା ଜବାବ ଦିଆଯିବ ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ଆଫଗାନିସ୍ତାନ ୬ଟି ଭିନ୍ନ ସ୍ଥାନରେ ଆକ୍ରମଣ କରିଛି ବୋଲି ରେଡିଓ ପାକିସ୍ତାନ ତରଫରୁ କୁହାଯାଇଛି । ଏହି ସଂଘର୍ଷରେ ଆଫଗାନିସ୍ତାନର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦିଆଯାଇଛି ବୋଲି ପାକିସ୍ତାନ ସେନା କହିଛି । ଉଲ୍ଲେଖଥାଉ କି, ୩ ଦିନ ତଳେ ପାକିସ୍ତାନ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା । ଏହାପରେ ଭାରତ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ମୁତ୍ତାକି ପାକିସ୍ତାନକୁ ଏଭଳି ଖେଳିବା ବନ୍ଦ କରୁ ଓ ଆମକୁ ଉତ୍ତେଜିତ ନ କରୁ ବୋଲି କହିଥିଲେ । ସେପଟେ କତାର, ଇରାନ ଓ ସାଉଦି ଆରବ ସଂଯମ ଆଚରଣ ପ୍ରଦର୍ଶନ କରିବାକୁ ଉଭୟ ପାକିସ୍ତାନ ଓ ଆଫଗାନିସ୍ତାନକୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ପାକିସ୍ତାନ ସେନା ଦାବି କରିଛି ଯେ ସେମାନଙ୍କ ଆକ୍ରମଣରେ ଆଫଗାନିସ୍ତାନ ୨୦୦ ତାଲିବାନ ସୈନ୍ୟ ପ୍ରାଣ ହରାଇଛନ୍ତି ।

## ତାଲିବାନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆଗରେ ବସିଲେ ମହିଳା

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ରବିବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ । ଏଥିରେ ମହିଳା ସାମ୍ବାଦିକଙ୍କୁ ଆମନ୍ତ୍ରଣ କରାଯାଇଥିଲା । ମହିଳା ସାମ୍ବାଦିକମାନେ ପ୍ରଥମ ଧାଡ଼ିରେ ହିଁ ବସିଥିଲେ । ଏହାପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଡକାଯାଇ ନଥିଲା ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା । ଗତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ନ ଡାକିବା ନେଇ ମୁତ୍ତାକି ସଫେଇ ଦେଇଥିଲେ । ସମୟ କମ୍‌ଥିବାରୁ ସାମ୍ବାଦିକଙ୍କର ଏକ ଛୋଟିଆ ତାଲିକା ପ୍ରସ୍ତୁତ କରାଯାଇଥିଲା । ଏହା ଏକ ବୈଷୟିକ ତ୍ରୁଟି ବୋଲି କୁହାଯାଇପାରେ । ଏହା ପଛରେ ଅନ୍ୟ କୌଣସି କାରଣ ନଥିଲା ବୋଲି ମୁତ୍ତାକି ସ୍ପଷ୍ଟ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସେ ମହିଳାଙ୍କ ଶିକ୍ଷା, ଭାରତୀୟ ଦୂତାବାସ ପୁଣି ଆରମ୍ଭ କରିବା, ଭାରତ ସହିତ ବ୍ୟବସାୟ ଓ ବାଣିଜ୍ୟ ନେଇ ସାକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ ।

## ଭାରତ- ଆଫଗାନ୍ ବିବୃତିକୁ ପାକିସ୍ତାନର ବିରୋଧ

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ଅକ୍ଟୋବର ୧୦ରେ ଭାରତ ଓ ଆଫଗାନିସ୍ତାନ ଦେଇଥିବା ମିଳିତ ବିବୃତିକୁ ପାକିସ୍ତାନ କଡ଼ା ବିରୋଧ କରିଛି । ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ଭାରତ ଗସ୍ତ ଅବସରରେ ନୂଆଦିଲ୍ଲୀରେ ଦୁଇଦେଶ ମିଳିତ ବିବୃତ୍ତି ଦେଇଥିଲେ । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଏହି ବିବୃତି ନେଇ କଡ଼ା ଆପତ୍ତି କରାଯାଇଛି । କାଶ୍ମୀରକୁ ଭାରତ ଅଂଶ ବୋଲି ଏହି ବିବୃତ୍ତିରେ ଦର୍ଶାଯାଇଛି । ଏହା ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବର ଉଲ୍ଲଂଘନ ବୋଲି ପାକିସ୍ତାନ କହିଛି । ଏହି ମିଳିତ ବିବୃତିରେ ଜାମ୍ମୁ-କଶ୍ମୀରରେ ଗତ ଏପ୍ରିଲରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଆଫଗାନିସ୍ତାନ କଡ଼ା ଭାଷାରେ ନିନ୍ଦା କରିଥିଲା । ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ । ଦୁଇ ଦେଶ ସବୁ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ । ଏଥିସହ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ବିଶ୍ୱସନୀୟତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ୪ ପିଲାଙ୍କୁ ବିଷ ଦେଇ ମା'ର ଆତ୍ମହତ୍ୟା

**ସିକର,୧୨ ।୧୦(ଏଜେନ୍ସି):** ରାଜସ୍ଥାନର ସିକରରେ ଗୋଟିଏ ପରିବାରରେ ୪ ପିଲାଙ୍କୁ ବିଷ ଦେଇ ଜଣେ ମା' ଆତ୍ମହତ୍ୟା କରିଛନ୍ତି । ମାଙ୍କ ସହ ୩ ପୁଅ ଓ ଗୋଟିଏ ଝିଅ ଫ୍ଲାଟ୍‌ରେ ବିଷ ଦ୍ୱାରା ଜୀବନ ହାରିଛନ୍ତି । ଘଟଣାସ୍ଥଳରେ ୧୦ଟି ବିଷ ପ୍ୟାକେଟ ଉଦ୍ଧାର କରାଯାଇଛି । ଏଥିମଧ୍ୟରୁ ୮ଟି ବ୍ୟବହୃତ ହୋଇଛି । ସେହିପରି ଏକ ପାନୀୟ ବିଷ ମଧ୍ୟ ମିଳିଛି ବୋଲି ପୁଲିସ କହିଛି । ପତିଙ୍କ ସହ ନ ପଡିବାରୁ କିରଣ ଓରଫ୍ ପିଙ୍କି ଚୌଧୁରୀ ନାମକ ଏହି ମହିଳା ଅଲଗା ରହୁଥିଲେ । ପିଙ୍କିଙ୍କ ବୟସ ୪୦ । ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଥିଲେ । ତାଙ୍କ ଫ୍ଲାଟ ଗୋଟିଏ ସପ୍ତାହ ଧରି ବନ୍ଦ ଥିଲା ଓ ସେଠାରୁ ଦୁର୍ଗନ୍ଧ ଆସୁଥିଲା । ଫଳରେ ବିଲ୍ଡିଂରେ ରହୁଥିବା ଅନ୍ୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ପହଞ୍ଚି ଏହି ୫ଟି ମୃତଦେହ ଉଦ୍ଧାର କରିଥିଲା ଓ ଏଗୁଡିକ ପଚି ଯାଇଥିଲା । ପିଙ୍କି ଦୁଇଥର ବିବାହ କରିଥିଲେ । ପ୍ରଥମ ପତିଙ୍କୁ ସେ ୨୦୦୬ରେ ପ୍ରେମ ବିବାହ କରିଥିଲେ । କିନ୍ତୁ ୨୦୧୯ରେ ତାଙ୍କୁ ଛାଡ଼ପତ୍ର ଦେଇ ଆଉ ଜଣଙ୍କୁ ବିବାହ କରିଥିଲେ । ଦ୍ୱିତୀୟ ପତିଙ୍କ ବିରୋଧରେ ସେ ଦୁଷ୍କର୍ମର ଅଭିଯୋଗ ଆଣିଥିଲେ ଓ ତାଙ୍କ ସହ ପିଙ୍କିଙ୍କର କୌଣସି ସମ୍ପର୍କ ନଥିଲା । ପ୍ରଥମ ପତି ଏମାନଙ୍କ ମୃତଦେହ ନେବାକୁ ମନା କରିଥିଲେ ।

## ଏୟାର ଇଣ୍ଡିଆକୁ ଆରଏଟିର ଯାଞ୍ଚ ପାଇଁ ଡିଜିସିଏର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ରବିବାର ଏୟାର ଇଣ୍ଡିଆକୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛି । ଯେଉଁ ବୋଇଂ ୭୮୭ ବିମାନରେ କିଛିଦିନ ତଳେ ପାୱାର କଣ୍ଡିସନିଂ ମଡ୍ୟୁଲ (ପିସିଏମ୍) ବଦଳାଯାଇଛି, ସେହି ସବୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି)ର ଷ୍ଟୋୱେଜ (ଫିଟିଂ ଆଣ୍ଡ କଣ୍ଡିସନ)ର ଦ୍ୱିତୀୟଥର ପାଇଁ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କିଛିଦିନ ତଳେ ଏୟାର ଇଣ୍ଡିଆର ଦୁଇଟି ବୋଇଂ ୭୮୭ ବିମାନରେ ହୋଇଥିବା ବୈଷୟିକ ଘଟଣା ଓ ଏୟାର ଇଣ୍ଡିଆର ସବୁ ୭୮୭ ଡ୍ରିମଲାଇନର ବିମାନଗୁଡିକର ଗ୍ରାଉଣ୍ଡ କରିବା ନେଇ ଫେଡେରେସନ ଅଫ୍ ଇଣ୍ଡିଆନ ପ୍ଲାଇଟ୍ସ (ଏଫ୍‌ଆଇପି)ର ଦାବି ପରେ ଡିଜିସିଏ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଏହି ନିର୍ଦ୍ଦେଶ ଦେଇଛି । ଅମେରିକୀୟ ବିମାନ ନିର୍ମାତା ବୋଇଂ ମଧ୍ୟ ଏହି ଭଳି ଘଟଣାକୁ ରୋକିବାକୁ ଅବଲମ୍ବନ କରିଥିବା ବିଭିନ୍ନ ଉପାୟ ନେଇ ଡିଜିସିଏ ସବିଶେଷ ରିପୋର୍ଟ ତଲବ କରିଛି । ଏହା ବ୍ୟତୀତ ବିଶ୍ୱବ୍ୟାପୀ ବୋଇଂ ୭୮୭ ସିରିଜର ବିମାନରେ ଏହି ଭଳି ଅନକମାଣ୍ଡ ଆରଏଟି ଡିପ୍ଲୟମେଣ୍ଟର ବିଭିନ୍ନ ଘଟଣା ସମ୍ପୂର୍ଣ୍ଣ ତଥ୍ୟ ଡିଜିସିଏ ମାଗିଛି । ପିସିଏମ୍ ମଡ୍ୟୁଲ ବଦଳାଇବା ପରେ ଦେଖାଦେଇଥିବା ସର୍ଭିସ ଡିଫିକଲ୍ଟିର ରିପୋର୍ଟର ସୂଚନା ମଧ୍ୟ ମଗାଯାଇଛି ।

# ଅପରେସନ ବ୍ଲୁ-ଷ୍ଟାର୍ ଥିଲା ଭୁଲ୍ ନିଷ୍ପତ୍ତି: ଚିଦାମ୍ବରମ୍

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ଅପରେସସନ ବ୍ଲୁ-ଷ୍ଟାର୍ ନେଇ ଏକ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି । ସେହି କହିଛନ୍ତି ଯେ, '୧୯୮୪ ଜୁନ୍‌ରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ବାହାରକୁ ବାହାର କରିବା ପାଇଁ ଅପରେସନ ବ୍ଲୁ-ଷ୍ଟାର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏହି ନିଷ୍ପତ୍ତି ଭୂଲ୍ ଥିଲା । ଏଥିପାଇଁ ଇନ୍ଦିରା ଗାନ୍ଧୀଙ୍କୁ ଜୀବନ ଦେବାକୁ ପଡ଼ିଥିଲା । କିନ୍ତୁ ଏହି ନିଷ୍ପତ୍ତି କେବଳ ତାଙ୍କର ନଥିଲା । ଏଥିରେ ସେନା, ପୁଲିସ, ଗୁଇନ୍ଦା ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଥିଲେ' । ହିମାଚଳ ପ୍ରଦେଶର କାସାଉଲିରେ ଶନିବାର ଆୟୋଜିତ 'ଖୁସୱନ୍ତ ସିଂହ ଲିଟେରେଚର ଫେଷ୍ଟିଭାଲ୍'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି । ଜଣାଶୁଣା ସାମ୍ବାଦିକ ହରିନ୍ଦର ବାବେଜାଙ୍କ ବହି 'ଦେ ୱିଲ ସୁଟ୍ ୟୁ ମ୍ୟାଡାମ'କୁ ନେଇ ହୋଇଥିବା ଆଲୋଚନାରେ ସେ ବ୍ଲୁ-ଷ୍ଟାର୍ ବିଷୟରେ ଆଲୋକପାତ କରି ଏହି କଥା କହିଥିଲେ । ସ୍ୱର୍ଣ୍ଣ ମନ୍ଦିରକୁ ଫେରି ପାଇବାର ଏହି ପ୍ରକ୍ରିୟା ନିହାତି ଭୁଲ ଥିଲା । ତେବେ ଏଥିପାଇଁ କୌଣସି ସେନା ଅଧିକାରୀଙ୍କୁ ଅପମାନ କରିବାକୁ ଚାହୁଁନାହିଁ ବୋଲି ସେ କହିଥିଲେ । ଅପରେସନ ବ୍ଲୁ-ଷ୍ଟାର୍‌କୁ ନେଇ ଗତ ୬ ମାସ ମଧ୍ୟରେ ଦ୍ୱିତୀୟଥର ପାଇଁ ବଡ଼ ମନ୍ତବ୍ୟ ଦିଆଯାଇଛି । ଏହା ପୂର୍ବରୁ ଗତ ମେ ୪ରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲଙ୍କ ଗାନ୍ଧୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା । ଏଥିରେ ସେ ଅପରେସନ ବ୍ଲୁ-ଷ୍ଟାର୍ ଏକ ଭୁଲ ବୋଲି ସ୍ୱୀକାର କରିଥିଲେ । ୮୦ ଦଶକରେ ଯେଉଁ ତ୍ରୁଟି ହୋଇଥିଲା ତା'କୁ ସ୍ୱୀକାର କରିବାକୁ ରାଜି ଅଛି ବୋଲି ସେ କହିଥିଲେ । ଅପରେସନ ବ୍ଲୁ-ଷ୍ଟାର୍ ପରେ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ ଦେହରକ୍ଷୀମାନେ ଗୁଳିକରି ହତ୍ୟା କରିଥିଲେ । ଏହାପରେ ସାରା ଭାରତରେ ଶିଖ ବିରୋଧୀ ଦଙ୍ଗା ହୋଇଥିଲା ଓ ଏଥିରେ ୩,୦୦୦ ଶିଖଙ୍କୁ ହତ୍ୟା କରାଯାଇଥିଲା ।



'ଏଥିପାଇଁ ଇନ୍ଦିରାଙ୍କୁ ଜୀବନ ଦେବାକୁ ପଡ଼ିଥିଲା'

## ବର୍ଦ୍ଧମାନ ଷ୍ଟେସନରେ ଦଳାଚକଟା: ୧୨ ଆହତ

**କୋଲକାତା,୧୨ ।୧୦(ଏଜେନ୍ସି):** ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳ ଷ୍ଟେସନରେ ରବିବାର ସନ୍ଧ୍ୟାରେ ହୋଇଥିବା ଦଳାଚକଟାରେ ଅତିକମ୍‌ରେ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି । ୪, ୬ ଓ ୭ ନଂ ପ୍ଲାଟ୍‌ଫର୍ମରେ ଏକାସଙ୍ଗେ ୩ଟି ଟ୍ରେନ୍ ଛିଡ଼ା ହୋଇଥିଲା । ନିଜ ଟ୍ରେନ୍ ଧରିବାକୁ ୩ଟି ଟ୍ରେନ୍‌ର ଯାତ୍ରୀ ଫୁଟ୍ ଓଭର ବ୍ରିଜ୍‌ରେ ଦୌଡ଼ିବାକୁ ଲାଗିଥିଲେ । ଫଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଓ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା । ଶେଷରେ ଏହା ଦଳଚକଟାର ରୂପ ନେଇଥିଲା । ଆହତଙ୍କୁ ରେଳବାଇର ଉଦ୍ଧାରକାରୀ ଦଳ ବର୍ଦ୍ଧମାନ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛି । ଏହି ଘଟଣା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିଛିବର୍ଷ ତଳେ ଏହି ଷ୍ଟେସନରେ ଏକ ପାଣି ଟାଙ୍କି ଭୁଶୁଡିବା ଫଳରେ ଏକାଧିକ ଲୋକ ମୃତ୍ୟୁବରଣ କରିଥିଲେ ।



# ଦିଲ୍ଲୀ ଜୈନ ମନ୍ଦିରରୁ ୪୦ ଲକ୍ଷ ଟଙ୍କାର ସୁନା କଳସ ଚୋରି

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ଉତ୍ତରପୂର୍ବ ଦିଲ୍ଲୀର ଜ୍ୟୋତିନଗରରେ ଜୈନ ମନ୍ଦିରରୁ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି । ସୁନା ପ୍ଲେଟ ଦିଆଯାଇଥିବା ୪୦ ଲକ୍ଷ ଟଙ୍କାର ଏକ କଳସ ମନ୍ଦିରରୁ ଚୋରି ହୋଇଛି । ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି । ଲୋକ ଯେତେବେଳେ କର୍ବାଚୌଥର ବ୍ରତ ପାଳନ କରୁଥିଲେ ସେତେବେଳେ ମନ୍ଦିରର କଳସ ଚୋରି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି । ଏହି କଳସର ଓଜନ ୨୫ରୁ ୩୦ କେଜି ଥିଲା । ମନ୍ଦିରର ଶିଖରରେ ଥିବା ୪୦ ଲକ୍ଷ ଟଙ୍କାର ଏହି କଳସ ଚୋରି ହୋଇଛି ବୋଲି ପୁଲିସ କହିଛି । ତମ୍ବାରେ ତିଆରି ଏହି କଳସ ସୁନା ଦ୍ୱାରା ଆଚ୍ଛାଦିତ ହୋଇଥିଲା । ପୂର୍ବରୁ ମଧ୍ୟ ଲାଲକିଲ୍ଲା ନିକଟରେ ଏକ ଜୈନ ଧାର୍ମିକ ସମାରୋହରେ ପାଖାପାଖି ଏକ କୋଟି ଟଙ୍କା ମୂଲ୍ୟର ଜିନିଷ ଚୋରି ହେବା ଘଟଣା ସାମ୍ନାକୁ ଆସିଥିଲା । ଏହାର କିଛି ଦିନ ପରେ ହିଁ ଏହି ଘଟଣା ଘଟିଛି ବୋଲି ପୁଲିସ କହିଛି । ଜଣେ ବ୍ୟକ୍ତି ବିଜୁଳି ତାରକୁ ବ୍ୟବହାର କରି ମନ୍ଦିର ଛାତ ଉପରେ ଚଢ଼ିବା ପରେ ଶିଖରରେ ପହଞ୍ଚିଥିଲେ ଓ କଳସକୁ ନେଇ ପଳାଇଯାଇଥିଲେ । ଶନିବାର ସକାଳେ ଶିଖରରେ କଳସକୁ ଦେଖିବାକୁ ନ ପାଇବାରୁ ଲୋକେ ମନ୍ଦିର ପ୍ରଶାସନକୁ ସୂଚନା ଦେଇଥିଲେ । ରାତି ୧୧.୪୫ରେ ଜଣେ ଯୁବକ ମନ୍ଦିର ବାହାରେ ବୁଲୁଥିବାର ସିସିଟିଭି କ୍ୟାମେରାରେ ଦେଖାଯାଇଥିଲା । ସେ ଉପରକୁ ଚଢ଼ି କଳସ ନେଇଯାଇଛି ବୋଲି ପୁଲିସ କହିଛି । ଏବେ ଏହି ଘଟଣା ନେଇ ମାମଲା ରୁଜୁ କରାଯାଇଛି ।

# ଆଜି ମୁକ୍ତ ହେବେ ଇସ୍ରାଏଲ ପଣବନ୍ଦୀ; ଶାନ୍ତି ଚୁକ୍ତି ବୈଠକରେ ଟ୍ରମ୍ପ ଉପସ୍ଥିତ



**ଗାଜା,୧୨ ।୧୦(ଏଜେନ୍ସି):**

ଗାଜା ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଅନୁସାରେ ସୋମବାର ସକାଳେ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରାଯିବ । ଏହିକ୍ରମେ ୨୦ ଜୀବିତ ବ୍ୟକ୍ତି ଓ ୨୮ଟି ମୃତଦେହ ହମାସ ତରଫରୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରାଯିବ । ଅନ୍ୟପଟେ ଇସ୍ରାଏଲ ଗାଜାରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବା ପ୍ରକ୍ରିୟା ଆରମ୍ଭ କରିଛି । ଏହାପରେ ପଣବନ୍ଦୀଙ୍କୁ ଫେରାଇବା ପାଇଁ ହାମାସକୁ ୭୨ ଘଣ୍ଟା ସମୟ ଦିଆଯାଇଛି । ଇସ୍ରାଏଲ ମଧ୍ୟ ୨,୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିବ । ଏହି ପ୍ରକ୍ରିୟାକୁ ଅନ୍ତର୍ଜାତୀୟ ରେଡକ୍ରସ୍ ତଦାରଖ କରିବ ବୋଲି କୁହାଯାଇଛି । ଯଦି ସ୍ଥିତି ଅନୁକୂଳ ହୁଏ, ତେବେ ରବିବାର ରାତିରୁ ପଣବନ୍ଦୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଇଛି ।

ପୁଣି ସୋମବାର ଇଜିପ୍ଟରେ ଗାଜା ଯୁଦ୍ଧ ସମାପ୍ତ କରିବା ଚୁକ୍ତି ନେଇ ଚର୍ଚ୍ଚା ହେବ । ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଶ୍ୱର ୨୦ରୁ ଅଧିକ ନେତା ଅଂଶଗ୍ରହଣ କରିବେ । କିନ୍ତୁ ସୋମବାର ହେବାକୁ ଥିବା ଗାଜା ଶାନ୍ତି ଚୁକ୍ତିର ଆନୁଷ୍ଠାନିକ ସମାରୋହରେ ସାମିଲ ହେବାକୁ ହମାସ ମନା କରିଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଯୋଜନାରେ କିଛି ଅଂଶ ସହ ଆମେ ସହମତ ନୁହଁ ବୋଲି ହମାସର ବରିଷ୍ଠ ନେତା ହୋସାମ ବଦ୍ରାନ୍ କହିଛନ୍ତି । ଇଜିପ୍ଟରେ ଆୟୋଜନ ହେବାକୁ ଥିବା ଶାନ୍ତି ଚୁକ୍ତିରେ ଭାରତ ପକ୍ଷରୁ ବୈଦେଶିକ ରାଜ୍ୟମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ସାମିଲ ହେବେ । ଏହି ଶାନ୍ତି ଚୁକ୍ତି ବୈଠକ ଲୋହିତ ସାଗରର ମନୋରମ ରିସୋର୍ଟ ଶର୍ମ-ଅଲ ଶେଖରେ ଆୟୋଜନ ହେବ । ଏଥିରେ ଯୋଗଦେବାକୁ ଆମେରିକା ସ୍ପେନ୍, ଜାପାନ, ଆଜରବୈଜାନ, ହଙ୍ଗେରୀ, ଅଲସାଲଭାଡୋର, ସାଇପ୍ରସ, ଗ୍ରୀସ୍, ବାହରିନ, କୁଏତ ଓ କାନାଡ଼ା ସମେତ ଅନ୍ୟ ଦେଶଗୁଡ଼ିକର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛି । ସୋମବାର ଟ୍ରମ୍ପ ଇସ୍ରାଏଲ ପହଞ୍ଚି ସଂସଦ ନେସେଟ୍‌କୁ ସମ୍ବୋଧିତ କରିବେ । ବନ୍ଧକଙ୍କୁ ମୁକ୍ତି କରିବାର ପ୍ରକ୍ରିୟା ଅବସରରେ ସେ ଇସ୍ରାଏଲରେ ରହିବେ ଓ ସେ ସବୁ ପଣବନ୍ଦୀଙ୍କୁ ଭେଟିବେ ବୋଲି ଅନୁମାନ କରାଯାଉଛି ।

# ପୀତବାସଙ୍କ ମୋବାଇଲରୁ ଖୋଲୁଛି ସାଂଘାତିକ ରହସ୍ୟ!

■ ସମ୍ପର୍କ ଓ ତିକ୍ତତାର କାରଣ ଖୋଜୁଛି ପୁଲିସ, ୨ ଜଣଙ୍କୁ ଜେରା
■ ତାଲିକାରେ ଘନିଷ୍ଠ ସହଯୋଗୀ, ସାମ୍ବାଦିକ, ଆଇନଜୀବୀ
■ ମୁକୁଳିଲେ ଅଟକ ଦୁଇ ଯବାନ, ପରିବାର ଲୋକେ ଆଶ୍ୱସ୍ତ

ବ୍ରହ୍ମପୁର,୧୨।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୭ ଦିନ ବିତିବାକୁ ବସିଥିଲେ ହେଁ ଏଯାଏ ପୁଲିସ ହାତରେ ସେମିତି କିଛି ଠୋସ୍ ସୁରାକ୍ ଲାଗିନାହିଁ। କିଏ ଓ କାହିଁକି ହତ୍ୟା କଲା, ତା'ର ଖିଅ ପାଉନି ପୁଲିସ। ଅନ୍ଧାରରେ ବାଡ଼ି ବୁଲାଇବା ଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏପରିସ୍ଥଳେ, ପୁଲିସ ହେପାଜତରେ ଥିବା ପୀତବାସଙ୍କ ଦୁଇଟି ମୋବାଇଲରୁ କିଛି ସାଂଘାତିକ ରହସ୍ୟ ପୁଲିସକୁ ମିଳିଛି। ଏକାଧିକ ମହିଳା ବନ୍ଧୁଙ୍କ ସହ ସମ୍ପର୍କ ଓ ସେମାନଙ୍କ ମଧ୍ୟରେ ତିକ୍ତତା ହତ୍ୟାର ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି। କଲ୍-ଡିଟେଲ୍ସ-ରିପୋର୍ଟ (ସିଡିଆର୍) ଆଧାରରେ ପୁଲିସ ୨ଜଣ ମହିଳାଙ୍କୁ ପଚରାଉଚରା କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆଗକୁ ଅନ୍ୟମାନଙ୍କୁ ମଧ୍ୟ ପଚରାଉଚରା କରାଯଇପାରେ। ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ପୁଲିସ ସାମାନ୍ୟତମ କୌଣସି ସୁରାକ୍‌କୁ ହାତଛଡ଼ା କରିବାକୁ ଚାହୁଁନାହିଁ।



ସିସିଟିଭି ଫୁଟେଜ୍ ଆଧାରରେ ସନ୍ଦିଗ୍ଧଙ୍କ ନିକଟତର ହେବାକୁ ପୁଲିସ ପ୍ରୟାସ ଜାରି ରଖିଥିବା ବେଳେ ପୀତବାସଙ୍କ ସଂସ୍ପର୍ଶରେ ରହୁଥିବା ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କଠାରୁ ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। ସେଥିମଧ୍ୟରେ ପୀତବାସଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ସମେତ ଏକାଧିକ ଆଇନଜୀବୀ ମଧ୍ୟ ଅନ୍ତର୍ଭୁକ୍ତ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ପଚରାଉଚରା କରାଯାଉଛି। ସେହିଭଳି, ଘଟଣା ଦିନ ଉପସ୍ଥିତ ଥିବା ତଥା ପୀତବାସଙ୍କୁ ହସ୍ପିଟାଲକୁ ନେଇଥିବା ଯୁବକ ଓ ଭିଡିଓ ଉତ୍ତୋଳନ କରିଥିବା ସାମ୍ବାଦିକଙ୍କୁ ମଧ୍ୟ ଏକାନ୍ତରେ ପଚରାଉଚରା କରିଥିବା ଜଣାପଡ଼ିଛି।

ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ଘର ଓ କ୍ରସର ଓ ତତ୍‌ସଂଲଗ୍ନ ଜମି ତାଙ୍କ ଅଗୋଚରରେ ହଡ଼ପ ହୋଇଥିବା ଭଳି ନୂଆ ତଥ୍ୟ ପଦାକୁ ଆସୁଛି। ଏହାକୁ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି।

ଅପରପକ୍ଷେ, ପୁଲିସ କବ୍‌ଜାରେ ଅଟକ ୨ ଯବାନଙ୍କୁ ସନ୍ଦେହ ଦୂର ପରେ ଛାଡ଼ି ଦିଆଯାଇଛି। ଯବାନଦ୍ୱୟ ଦୁଇ ବନ୍ଧୁ ଏବଂ ସେମାନେ କୁମାର ପୂର୍ଣ୍ଣିମା ଅବସରରେ ତାସ୍ ଖେଳିବାକୁ ଏକାଠି ହୋଇଥିଲେ। ପ୍ରଥମେ ସେମାନେ ଖାଇବା ଆଣିବାକୁ ନନ୍ଦନ ହୋଟେଲକୁ ଯାଇଥିଲେ। କିନ୍ତୁ ସେତେବେଳକୁ ସେଠାରେ ପାର୍ସଲ ବ୍ୟବସ୍ଥା ବନ୍ଦ ହୋଇସାରିଥିଲା। ପରେ ସେମାନେ ଭୂପତି ହୋଟେଲକୁ ଯାଇଥିଲେ। ସେମାନଙ୍କ ସମ୍ମୁଖରେ ପୀତବାସ ନିଜ ବାଇକ୍‌ରେ ଯାଉଥିଲେ। ଯାହା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଯବାନଙ୍କ ଗାଡ଼ି ପୀତବାସଙ୍କୁ ପିଛା କରୁଥିବା ଭଳି ଭ୍ରମ ସୃଷ୍ଟି କରିଥିଲା। ପରେ ସମସ୍ତେ ଭୂପତି ହୋଟେଲକୁ ଯାଇ ସେଠାରୁ ଖାଦ୍ୟ ପାର୍ସଲ ନେଇଥିଲେ। ସେଠାରେ ପୁଣି ସମସ୍ତଙ୍କ ଫୁଟେଜ ସିସିଟିଭିରେ କଏଦ୍ ହୋଇଥିଲା। ଏହାକୁ ପୁଲିସ ତଦନ୍ତ ବେଳେ ସନ୍ଦେହ କରିଥିଲା। ତେବେ, ଘଟଣା ସହ କାହାରି କୌଣସି ପ୍ରକାରର ସମ୍ପର୍କ ନଥିଲେ ହେଁ ହତ୍ୟାକାଣ୍ଡ ଭଳି ଘଟଣାରେ ସମସ୍ତଙ୍କୁ ଅଟକ ରଖାଯାଇଥିବାରୁ ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ସେପଟେ କାଳେ ତାସ ଖେଳ କଥା ପଦାରେ ପଡ଼ିଯିବ, ସେନେଇ ମଧ୍ୟ ଯବାନଦ୍ୱୟ ବିବ୍ରତ ହୋଇପଡ଼ିଥିଲେ। ଜେରା ବେଳେ ପୁଲିସକୁ ବାରମ୍ବାର ମିଥ୍ୟା ତଥ୍ୟ ଦେଇ ଅଯଥାରେ ହରଡ଼ଘଣାରେ ପଡ଼ିଥିଲେ। ସନ୍ଦେହ ଦୂର ହେବା ପରେ ଉଭୟେ ମୁକୁଳିବା ସହ ଆଶ୍ୱସ୍ତ ହୋଇଛନ୍ତି।

## ସପ୍ତାହକ ପରେ ବିଜେପି ପକ୍ଷରୁ ଶୋକସଭା

# ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ବ୍ରହ୍ମପୁର, ୧୨।୧୦ (ସମିସ): ବିଳମ୍ବରେ ହେଲେ ପଛେ, ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କ ଦେହାନ୍ତରେ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହିଲପାଟଣାସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀଙ୍କ ସହ ବହୁ ଆଇନଜୀବୀ ସାମିଲ ହୋଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରି ସ୍ମୃତିଚାରଣ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ତେବେ ଏହି ସଭାରେ ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି।

ସ୍ମୃତିସଭାରେ ଓକିଲାତି ପେସାରେ ପୀତବାସଙ୍କ ଗୁରୁତୁଲ୍ୟ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ ଚକ୍ରାନ୍ତକାରୀଙ୍କୁ ଅଭିଶାପ ଦେଇଥିଲେ। ଯେଉଁମାନେ ସିଧାସଳଖ ହତ୍ୟାକାଣ୍ଡରେ ଜଡ଼ିତ, ସେମାନେ କେବଳ ମୋହରା। ତେଣୁ, ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି।

ସେପଟେ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତିଙ୍କ ଅପରିପକ୍ୱ ବକ୍ତବ୍ୟ ଉପସ୍ଥିତ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଥିଲ। କାହ୍ନୁ କହିଥିଲେ ଯେ ପୀତବାସଙ୍କୁ ହତ୍ୟା ପାଇଁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଗତ ୨୬



■ ଷଡ଼ଯନ୍ତ୍ରକାରୀଙ୍କୁ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀଙ୍କ ଅଭିଶାପ
■ କାହ୍ନୁଙ୍କ ଅପରିପକ୍ୱ ମନ୍ତବ୍ୟକୁ ନେଇ ଅସନ୍ତୋଷ
■ ସ୍ମୃତିଚାରଣ କଲେ ଦଳୀୟ ନେତା, ବିଧାୟକ ଓ ଆଇନଜୀବୀ;
■ ସମସ୍ତଙ୍କର ଗୋଟିଏ ଦାବି; 'ମୋହରା'ଙ୍କୁ ନୁହେଁ, ପ୍ରକୃତ ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ହେଉ ଦୃଢ଼ କାର୍ଯ୍ୟାନୁଷ୍ଠାନ

ତାରିଖରୁ ପୀତବାସଙ୍କୁ ପିଛା କରାଯାଇ ଶେଷରେ ୬ ତାରିଖ ରାତିରେ ହତ୍ୟା କରାଯାଇଥିଲା। କେବଳ ସେତିକି ନୁହେଁ, ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପଡ଼ୋଶୀ ଆନ୍ଧ୍ରରୁ ଆସିଥିଲା। ଏଥିରେ ପୂର୍ବର ଏକ ହତ୍ୟାକାଣ୍ଡରୁ ଖସି ଯାଇଥିବା ଅଭିଯୁକ୍ତଙ୍କ ସମ୍ପୃକ୍ତି ଅଛି। ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୀତବାସଙ୍କ ନିକଟରେ ଥିବାରୁ ସେଗୁଡ଼ିକୁ ହାସଲ କରିବାକୁ ଏହି ହତ୍ୟାକାଣ୍ଡ କରାଯାଇଥିବା ବେଳେ ହତ୍ୟାକାରୀମାନେ ପୀତବାସଙ୍କଠାରୁ ଉକ୍ତ ତଥ୍ୟ ଛଡ଼ାଇ ନେଇଥିବା କାହ୍ନୁ ଶୋକସଭାରେ ଓ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଗୋଟିଏପଟେ, ଏକ ସମ୍ବେଦନଶୀଳ ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବା ବେଳେ କାହ୍ନୁଙ୍କ ଭଳି ବରିଷ୍ଠ ରାଜନେତାଙ୍କ ଏଭଳି ମନ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଖୋଦ୍ ବିଜେପିର କେତେକ ନେତା।

ପୀତବାସଙ୍କ ସ୍ମୃତିରେ ଦଳ ପକ୍ଷରୁ ଶୋକସଭାର ଆୟୋଜନରେ ବିଳମ୍ବ ହୋଇଥିଲେ ହେଁ ରବିବାର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି ଜିଲ୍ଲା ସଭାପତି ସରୋଜ ସାବତ। ଅନ୍ୟମାନଙ୍କ ମଧ୍ୟରେ ଟି. ଗୋପୀ, ସୁନୀଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପରେଶ ଚନ୍ଦ୍ର ରଥ, ରାମକୁମାର ପାତ୍ର, ପଦ୍ମଚରଣ ସାହୁ, ଏସ୍. ରାଣୀ, ବାଳକୃଷ୍ଣ ସାମନ୍ତରାୟ, ଅଶୋକ କୁମାର ଶୁକ୍ଲା, ବନମାଳୀ ସେଠୀ, ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ଚିନ୍ମୟାନନ୍ଦ ମହନ୍ତ, କର୍ପୋରେଟର୍ବ ନିତା ସାହୁ, ବିଷ୍ଣୁ ସୁବୁଦ୍ଧି, କୁଞ୍ଜବିହାରୀ ପଣ୍ଡାଙ୍କ ସମେତ ବହୁ ନେତା କର୍ମୀ ଉପସ୍ଥିତ ଥିଲେ।

# ସୂଚନା ଅଧିକାର ଆଇନକୁ ପଙ୍ଗୁ କରୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, ୧୨।୧୦ (ସମିସ): ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ। ସରକାରଙ୍କ କାର୍ଯ୍ୟ ପଦ୍ଧତିରେ ସ୍ୱଚ୍ଛତା ଆସିବା ସହ ସରକାରଙ୍କ ଉତ୍ତରଦାୟିତ୍ୱ ବଢ଼ିବା ଲକ୍ଷ୍ୟ ନେଇ ୟୁପିଏ ସରକାର ଏହି ଆଇନ ପ୍ରଣୟନ କରିଥିଲେ। ମାତ୍ର ବର୍ତ୍ତମାନର ବିଜେପି ସରକାର ଏହାକୁ ପଙ୍ଗୁ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ସୂଚନା ଅଧିକାର ଆଇନର ୨୦ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଏହା କହିଛନ୍ତି।



ଉକ୍ତ କହିଛନ୍ତି, ୟୁପିଏ ସରକାର ଅମଳରେ ୨୦୦୫ମସିହାରେ ଆର୍‌ଟିଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା। କିନ୍ତୁ, ବିଜେପି ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କାଟି ଚାଲିଛି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି ଯେ ବର୍ତ୍ତମାନ ସୂଚନା ଆଇନ ଅନ୍ତର୍ଗତ ୨୩ ଲକ୍ଷ ମାମଲା ଏବଂ ୪ ଲକ୍ଷ ଅପିଲ ବିନା ଫୈସଲାରେ ପଡ଼ି ରହିଛି। କେନ୍ଦ୍ରୀୟ ସୂଚନା କମିଶନ ଓଡ଼ିଶାର କମିଶନରେ ଠିକ୍ ଭାବରେ ନିଯୁକ୍ତି ମଧ୍ୟ କରୁନାହାନ୍ତି। ମୋଟାମୋଟି ବିଜେପି ସରକାର ଉକ୍ତ ଆଇନକୁ ଅକାମୀ କରିବାରେ ଲାଗିଛନ୍ତି ବୋଲି ଶ୍ରୀ ରାୟ ମତବ୍ୟକ୍ତ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ସୂଚନା ଆଇନ ସଂଶୋଧନ ଫଳରେ ଓଡ଼ିଶା ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ବର୍ଷକୁ ୬ହଜାର ଆବେଦନ ନାକଚ କରିଦିଆଗଲା ଏବଂ କୈଫିୟତ ଦିଆଗଲା ଯେ ତଥ୍ୟ ମାଗିଲା ବେଳେ କୌଣସି ସ୍ୱଷ୍ଟତା ନାହିଁ। ଆଇନକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନିଆନଯିବା ଯୋଗୁଁ ସାଧାରଣ ଜନତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେବା ସହ ସୂଚନା କର୍ମୀ ହତ୍ୟାର ଶିକାର ହେଉଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ଭଇଁଷା ପୁରୁଣା ଡାକ୍ତରଖାନାରୁ ୩ଟି କଙ୍କାଳ ଠାବ

■ ପୁଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ
■ ପାଖରେ ପଡିଛି ମାଙ୍କଡ଼ ବାଳ ଓ ଲାଞ୍ଜ

ପାଟଣାଗଡ଼, ୧୨।୧୦(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗାଁର ପୁରୁଣା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ କୋଠାର ୱାସ୍‌ରୁମରୁ ରବିବାର ୩ଟି କଙ୍କାଳ ଠାବ ହୋଇଛି। ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏ ସମ୍ପର୍କରେ ପାଟଣାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

୬ବର୍ଷ ହେଲା ବନ୍ଦ ପଡ଼ିଥିବା ଭଇଁଷା ଗାଁର ଏହି ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ ୱାସ୍‌ରୁମ୍ ଭିତରେ ୩ଟି କଙ୍କାଳ ପଡ଼ିଥିବା ଜଣେ ବ୍ୟକ୍ତି ଦେଖିବା ପରେ ପ୍ରଥମେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଅବଗତ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରିଥିଲେ। ତେବେ କଙ୍କାଳର ଆଖପାଖ ସ୍ଥାନରେ ମାଙ୍କଡ଼ର ବାଳ ଓ ଲାଞ୍ଜ ପଡ଼ିଥିବାରୁ ତାହା ମାଙ୍କଡ଼ର କଙ୍କାଳ ବୋଲି ଅନୁମାନ କରାଯାଉଛି। ତେବେ ଏହି ପରିତ୍ୟକ୍ତ ୱାସରୁମ ଭିତରେ କେବେଠାରୁ ଏହି କଙ୍କାଳ ପଡ଼ିଛି, ଯଦି ଏହା ମାଙ୍କଡ଼ର କଙ୍କାଳ, ତେବେ ତାହା ଏହି ପରିତ୍ୟକ୍ତ ୱାସରୁମ ଭିତରକୁ କିଭଳି ଆସିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବାଲି ଚାଲାଣକୁ ବିରୋଧ କରିବାରୁ ମାଡ଼

ସାରସକଣା, ୧୨।୧୦ (ସମିସ): ବେଆଇନ ବାଲିଚାଲାଣକୁ ବିରୋଧ କରିବାରୁ ଯୁବକଙ୍କୁ ମାଡ଼। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍ ଜାମଶୋଳାଠାରେ ଏଭଳି ଘଟଣା ଘଟିଛି।



ଝାରପୋଖରିଆ ଥାନା ଅଧୀନ ଜାମଶୋଳାଠାରେ ଦିନକୁ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ବେଆଇନ ବାଲି ଘାଟରୁ ଶହଶହ ଟ୍ରକ୍ ବାଲି ଉଠୁଛି। ଏନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବିରୋଧ କରି ଗତକାଲି ବିଳମ୍ବିତ ରାତିରେ ବାଲି ଚୋରାଚାଲାଣ ହେଉଥିବା ସମୟରେ ଏକ ହାଇୱାକୁ ଅଟକାଇଥିଲେ। କିନ୍ତୁ ବାଲିମାଫିଆମାନେ ସେମାନଙ୍କୁ ମାଡ଼ ମାରି ହାଇୱା ନେଇ ପଳାଇବାରୁ ଯୁବକଜଣଙ୍କ ପୁଲିସକୁ ଖବର ଦେଇଥିଲେ। ତେବେ ମାଡ଼ ମାରିଥବା ଯୁବକଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଅଭିଯୋଗ କରିଥିବା ଯୁବକ ବିକାଶ ରଞ୍ଜନ ସାହୁଙ୍କୁ ଥାନାକୁ ନେଇ ଯାଇଥିଲା। ପୁଲିସର ଏପରି ନିଷ୍କ୍ରିୟତା ଯୋଗୁଁ ଶାନ୍ତ ଝାରପୋଖରିଆ ଅପରାଧପ୍ରବଣ ହୋଇପଡ଼ିଲାଣି। ପୁଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନର ବିଜୁ ଜନତା ଦଳ ଥାନା ଘେରଉ କରିବ ବୋଲି କହିଛନ୍ତି ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି।

ସୂଚନାଯୋଗ୍ୟ, ଜାମଶୋଳାଠାରେ ବାଲିମାଫିଆଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ଶହଶହ ଟ୍ରକ୍ ବାଲି ଚୋରାରେ ଚାଲାଣ କରୁଛନ୍ତି। ନଦୀକୂଳିଆ ଗ୍ରାମବାସୀ ବିରୋଧ କଲେ, ସେମାନଙ୍କୁ ନାଲିଆଖି ଦେଖାଉଛନ୍ତି। ଏପରିକି, ବୋମା ପକାଇ ଜୀବନରୁ ମାରିବା ପାଇଁ ମଧ୍ୟ ଧମକ ଦେଉଛନ୍ତି।

■ ସରକାରଙ୍କ ନିକଟରେ 'ପିଷ୍ଟା'ର ଦାବି

# ଅଣଶିକ୍ଷା କାର୍ଯ୍ୟରୁ ଶିକ୍ଷକଙ୍କୁ ମୁକ୍ତ କର

ଭୁବନେଶ୍ୱର,୧୨।୧୦(ସମିସ): ପ୍ରାଥମିକ ଶିକ୍ଷକଙ୍କୁ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଉଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ବେଳେ ଅଣଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷାଦାନକୁ ବ୍ୟାପକ ପ୍ରଭାବିତ କରୁଛି। ଫଳରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ସମ୍ପ୍ରତି ଉଲ୍ଲାସ ପୋର୍ଟାଲରେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସ୍ୱାକ୍ଷରତା ଓ ପାଠପଢ଼ା ବିଷୟରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ଶିକ୍ଷକଙ୍କୁ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଖରାଛୁଟି ପରେ ଦୀର୍ଘ ୪ମାସ ହେଲା ଠିକ୍ ଭାବେ ପାଠପଢ଼ା ହେଉନଥିବା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷକଙ୍କୁ ବହୁତ ଅଣଶିକ୍ଷା କାର୍ଯ୍ୟ ଦିଆଯାଉଥିବାରୁ ସେମାନେ ଶିକ୍ଷାଦାନ ପାଇଁ ସମୟ ପାଉ ନାହାନ୍ତି। ସ୍ୱଳ୍ପ ଶିକ୍ଷକରେ ଶିକ୍ଷାଦାନ କରୁଥିବା ବେଳେ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସେମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଏବେ ପୁଣି ଉଲ୍ଲାସ ପୋର୍ଟାଲରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ କେତେବେଳେ ଉଲ୍ଲାସ ସର୍ଭେ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି, ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ନାହିଁ, କେବଳ ଅଣଶିକ୍ଷା କାର୍ଯ୍ୟ କରି ତା'ର ଫଟୋ ଉପରିସ୍ଥ ଅଧିକାରୀଙ୍କୁ ଦେବାରେ ସମୟ ଅପଚୟ ହେଉଛି। ଶିକ୍ଷା ଅଧିକାର ନିୟମ-୨୦୦୯ ଓ ଅଧିନିୟମ-୨୦୧୦ ଧାରା ୨୭ର ଏହା ଉଲ୍ଲଂଘନ ଦର୍ଶାଇବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟାରେ ନିୟୋଜିତ କରିବା ଯୋଗୁଁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଦୁର୍ବଳ ହେଉଛି ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି। ଉଲ୍ଲାସ ସର୍ଭେରୁ ଶିକ୍ଷକଙ୍କୁ ବାଦ୍ ଦେବା ପାଇଁ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଦାବି କରିଛନ୍ତି।

# କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ?

ପୁରୀ, ୧୨।୧୦ (ସମିସ): ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଠନ ହୋଇଛି। ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହେବାର ପାଖାପାଖି ବର୍ଷେ ପରେ ନୂଆ କମିଟି ଗଠନ କରାଯାଇଛି। ହେଲେ, ଗତ କମିଟି ନେଇଥିବା ଅନେକଗୁଡ଼ିଏ ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସେଥିମଧ୍ୟରୁ ସେବାୟତଙ୍କ ପାଇଁ ଘର ଏବଂ ଶ୍ରୀମନ୍ଦିର ଆଦର୍ଶନ ଗୁରୁକୁଳ ଅନ୍ୟତମ। ସେବାୟତଙ୍କ ଜୀବନଜୀବିକା ପାଇଁ ଏହି ଦୁଇ ପ୍ରସ୍ତାବ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ନୂଆ କମିଟି ପ୍ରଥମ ବୈଠକରେ ଏହା ଉପରେ ବିଧିବଦ୍ଧ ଭାବେ ଆଲୋଚନା ହୋଇନାହିଁ। ପ୍ରଶ୍ନ ଉଠୁଛି, କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ। ପୁଣି ସେବାୟତଙ୍କ ପାଇଁ ବାସଗୃହ ତିଆରି ହେବ ନା ନାହିଁ, ତାହାକୁ ନେଇ ବି ସେବାୟତ ଦ୍ୱନ୍ଦ୍ୱରେ।

ସେବାୟତ ଘରର ପିଲାମାନେ ମହାପ୍ରଭୁଙ୍କ ସେବାପୂଜା ସାଙ୍ଗକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେପରି ନିଜକୁ ପ୍ରତିଷ୍ଠିତ କରିପାରିବେ, ସେଥିପାଇଁ ଅଣ୍ଟା ଭିଡ଼ିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ସେମାନଙ୍କ ଲାଗି ଆବଶ୍ୟକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳର ପରିକଳ୍ପନା କରିଥିଲା। ସେବାୟତ ପିଲାମାନେ ଗୁରୁକୁଳରେ ଶିକ୍ଷା ସହ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଅଧିକ ଜ୍ଞାନ ହାସଲ କରିପାରିବେ ବୋଲି ଲକ୍ଷ୍ୟ ରହିଥିଲା। ୨୦୨୨-୨୩ ଶିକ୍ଷାବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ

**ସେବାୟତଙ୍କ ବାସଗୃହ ବି ଅଟକି ଯାଇଛି**

ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

ଗୁରୁକୁଳ ନିର୍ମାଣ ପାଇଁ ମାଟିତୋଟା ମୌଜାରେ ୧୭ ଏକର ଜମି ଚିହ୍ନଟ ସରିଛି। ପୂର୍ବ ରାଜ୍ୟ ସରକାର ଗୁରୁକୁଳ ସ୍ଥାପନ ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିଲାଗି, ପରିଚାଳନା କମିଟି ଅଧୀନରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସୋସାଇଟି ଗଠନ କରାଯିବ। ଗୁରୁକୁଳ ପରିଚାଳନା ଲାଗି ସୋସାଇଟି ଏବଂ ବିର୍ଲା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏଠାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେବ। ଏହି ଗୁରୁକୁଳରେ ୫୦ ପ୍ରତିଶତ ସେବାୟତ ପିଲା, ଯେଉଁମାନେ ଏଠାରେ ରହି ପାଠ ପଢ଼ିବେ। ସେହିପରି ପୁରୀ ଆଖପାଖର ୫୦ ପ୍ରତିଶତ ପିଲା ମଧ୍ୟ ପଢ଼ିପାରିବେ। ସେବକ ପିଲାଙ୍କୁ କୌଣସି ପ୍ରକାର ଫି' ଦେବାକୁ ପଡ଼ିବ ନାହିଁ। ସିବିଏସ୍‌ଇ ପାର୍ଟନରେ ଶିକ୍ଷାଦାନ କରାଯିବ। କିନ୍ତୁ, ସେବକ ପିଲାମାନେ ଫର୍ମାଲ ଶିକ୍ଷା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଜ୍ଞାନ ଆହରଣ କରିପାରିବେ ବୋଲି ଚୂଡ଼ାନ୍ତ କରାଯାଇଥିଲା। ହେଲେ ଏହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି।

ସେହିପରି ସେବାୟତଙ୍କୁ ଘର ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଥିଲା ପୂର୍ବ ପରିଚାଳନା କମିଟି। ମହାପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା କରୁଥିବା ଅନେକ ସେବାୟତଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। ନିଷ୍ଠାର ସହ ନୀତିକାନ୍ତି କରୁଥିଲେ ବି ସେମାନଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଉପରେ ଭଲ ଛାତଟିଏ ନାହିଁ। ତଥାପି ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ରଖି ନିଜ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି ଅନେକ ସେବାୟତ। ତେଣୁ ସେହି ସେବାୟତ ପରିବାରଙ୍କୁ ବାସଗୃହ ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା। ଏଥିଲାଗି ହରଚଣ୍ଡୀ ସାହି ମୌଜାରେ ୩.୧୮ ଏକର ଜମି ଚିହ୍ନଟ ହୋଇଥିଲା। ଏହି ଜମି ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବା ପରେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଡିଜାଇନ୍ ପ୍ରସ୍ତୁତ ପାଇଁ କୁହାଯିବ। ସେହିପରି କେଉଁ ଆଧାରରେ ସେବାୟତଙ୍କୁ ଘର ଦିଆଯିବ, କେଉଁମାନେ ପାଇବାକୁ ଯୋଗ୍ୟ ଏ ସବୁ ବିଷୟରେ ଆଲୋଚନା କରାଯାଇ ସ୍ଥିର ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୦୦ ଆପାର୍ଟମେଣ୍ଟ କରାଯିବା ଲାଗି ଆକଳନ କରାଯାଇଥିଲା। ଜଣଙ୍କୁ ୬୦୦ରୁ ୬୫୦ ବର୍ଗଫୁଟ୍‌ରେ ଘର ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ଜମି ଆଇନ ବିବାଦରେ ଛନ୍ଦି ହୋଇଯାଇଛି। ଜଣେ ବ୍ୟକ୍ତି ହାଇକୋର୍ଟରୁ ଷ୍ଟେ'ଅର୍ଡର୍ ଆଣିଥିବା ବେଳେ ଆଗକୁ ବଢ଼ିପାରିନି ପ୍ରକ୍ରିୟା। ଇତିମଧ୍ୟରେ ଉକ୍ତ ଦୁଇଟି ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେଇଥିବା ପରିଚାଳନା କମିଟି କାର୍ଯ୍ୟକାରୀ ଗତବର୍ଷ ଅଗଷ୍ଟ ୧୧ତାରିଖରେ ଶେଷ ହୋଇଥିଲା। ତେବେ ନୂଆ କମିଟି ପାଇଁ ଏହି ଦୁଇଟି ପ୍ରକଳ୍ପ ନିଶ୍ଚିତ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି।

**ଚାକିରି ବେପାର**

# ଶଙ୍କର ପୃଷ୍ଟି, ମୁନ୍ନା ମହାନ୍ତି ସମେତ ୧୦ଜଣଙ୍କ ଆକାଉଣ୍ଟ ଅଚଳ

■ ଫୋରେନ୍‌ସିକ୍ ଲ୍ୟାବ୍ ଗଲା ଗିରଫ ୫ ଦଲାଲଙ୍କ ମୋବାଇଲ୍ ଫୋନ୍
■ ଲ୍ୟାବ୍‌କୁ ଯାଞ୍ଚ ପାଇଁ ପଠାଗଲା ପଞ୍ଚସଫ୍ଟ ଅଫିସ୍‌ରୁ ଜବତ କମ୍ପ୍ୟୁଟର
■ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେଇ ପାରିବେ ନାହିଁ ଗିରଫ ୧୧୪

ଭୁବନେଶ୍ୱର, ୧୨।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ପଞ୍ଚସଫ୍ଟ ମୁଖ୍ୟ ଶଙ୍କରପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସମେତ ୧୦ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛି। ସେହିପରି ଧରାପଡ଼ିଥିବା ୫ ଦଲାଲଙ୍କ ଫୋନ୍ ଓ ଶଙ୍କର ପୃଷ୍ଟି ଅଫିସରୁ ଜବତ କମ୍ପ୍ୟୁଟର, ଅନ୍ୟ ଡିଭାଇସ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ଦିଆଯାଇଛି। ଏହାର ରିପୋର୍ଟ ଆସିଲେ କେଉଁମାନେ ଏହି ଦଲାଲମାନଙ୍କ ସହ ଯୋଗସୂତ୍ରରେ ଥିଲେ ତାହା ସ୍ପଷ୍ଟ ହେବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ଫେରାର ଥିବା ଶଙ୍କର ଓ ମୁନ୍ନାକୁ ଧରିବାକୁ କ୍ରାଇମବ୍ରାଞ୍ଚର ୪ଟି ଟିମ୍ ବିଭିନ୍ନ ରାଜ୍ୟକୁ ଯାଇଥିଲେ ମଧ୍ୟ ସେମାନଙ୍କ ହାତରେ କିଛି ସୁରାକ ମିଳିନାହିଁ।

ଅନ୍ୟପଟରେ ଏବେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ଆହୁରି ୧୬ ଜଣ ବ୍ୟକ୍ତିଙ୍କ ଉପରେ ନଜର ରଖିଛି। ଆଶାୟୀମାନଙ୍କ ସହ ସେମାନେ ଯୋଗାଯୋଗ କରିବା ସହ ସେମାନଙ୍କଠାରୁ ଏହି ବ୍ୟକ୍ତିମାନେ ଟଙ୍କା ଆଦାୟ କରୁଥିଲେ। ଏହି ମାମଲାରେ ଆହୁରି ବଡ଼ ବଡ଼ ମାଛ ଅଛନ୍ତି। ତେଣୁ ସେମାନଙ୍କୁ ଆଗାମୀ ଦିନରେ ଗିରଫ କରାଯିବା ପରେ ପୁରା ଘଟଣା ପଦାକୁ ଆସିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ଯିବାବେଳେ ଗିରଫ ହୋଇଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କ ଭାଗ୍ୟ ଏବେ ଝୁଲୁଛି। ସେମାନେ ଜେଲରୁ ବାହାରିବା ପରେ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେବା ଉପରେ କଟକଣା ଜାରି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଓପିଆରବି ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ସେମାନେ ଏଭଳି ଜାଲିଆତି କରି ଚାକିରି ପାଇବା ପାଇଁ ଆଶା କରିଥିଲେ। ତେଣୁ ସେମାନଙ୍କୁ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ନଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ। ଆହୁରି ମଧ୍ୟ କୋର୍ଟକୁ ମଧ୍ୟ ଏନେଇ କ୍ରାଇମ୍‌ବ୍ରାଞ୍ଚ ଅବଗତ କରିବେ। କୋର୍ଟ ସେମାନଙ୍କ ପରୀକ୍ଷା ଦେବା ନେଇ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ କାର୍ଯ୍ୟ ବୋଲି କହିଛନ୍ତି। ତେବେ ଏହି ପରୀକ୍ଷାର୍ଥୀମାନେ ଧରା ପଡ଼ିବା ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, କୋରାପୁଟ ଓ ବ୍ରହ୍ମପୁରରୁ ଅନ୍ୟ ରାଜ୍ୟରେ ପରୀକ୍ଷା ଅଭ୍ୟାସ ପାଇଁ ଯାଇଥିବା ଆହୁରି ପ୍ରାୟ ୩୦୦ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଏଯାଏ କୌଣସି ତଥ୍ୟ ମିଳି ନ ଥିବା କୁହାଯାଉଛି।

ମାତ୍ର ଏହି ସମଗ୍ର ଘଟଣାକୁ ନେଇ ଓପିଆର୍‌ବି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି। ଗତକାଲି ଓପିଆରବି ଅଧ୍ୟକ୍ଷ ଏହାକୁ ଏକ ଛୋଟ ସଂଗଠନ ଓ ଏଥିରେ ୩ ଜଣ ସଦସ୍ୟ ଥିବା ଉଲ୍ଲେଖ କରି ସବୁ ଦୋଷ ଆଇଟିଆଇକୁ ଠେଲିବାକୁ ମଧ୍ୟ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ତତ୍ତ୍ୱାବଧାରକ ସଂସ୍ଥା ଭାବରେ ଆଇଟିଆଇ କାହାକୁ ପରୀକ୍ଷା ସବ୍‌ଲେଟ୍ କଲା ଓ ତାହା କିପରି ପରିଚାଳନା କରିବାକୁ ଯୋଜନା ହୋଇଛି ସେ ସମ୍ପର୍କରେ ଓପିଆରବି ଖବର ରଖିବା କଥା, ମାତ୍ର ସେହି ଦାୟିତ୍ୱରେ ଖିଲାପ ହୋଇଥିବା ସ୍ପଷ୍ଟ ହୋଇ ଯାଇଛି। ପୁନଶ୍ଚ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାର ଛାପା, ପରୀକ୍ଷା କେନ୍ଦ୍ର ମନୋନୟନ ଆଦି କାର୍ଯ୍ୟ ଆଇଟିଆଇରୁ ସିଲିକନ୍ ଓ ସିଲିକନ୍‌ରୁ ପଞ୍ଚସଫ୍ଟକୁ ପ୍ରଦାନ କରାଯାଇଥିବା ସତ୍ତ୍ୱେ ଓପିଆରବି କାହିଁକି ଚୁପ୍ ବସିଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

# ପରକୀୟା ପ୍ରୀତି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ପାପଡାହାଣ୍ଡି/ କୋଷାଗୁମୁଡ଼ା ୧୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା କୋଡୀଙ୍ଗା ଥାନା ଅନ୍ତର୍ଗତ ଚୋଚୋରାଗୁଡା ଗ୍ରାମରେ ପରକୀୟା ପ୍ରୀତି ସନ୍ଦେହରେ ବୃଦ୍ଧକୁ ହତ୍ୟା କରାଯାଇଛି। କୋଡିଙ୍ଗା ପୁଲିସ ଓ ସାଇଣ୍ଟିଫିକ ଟିମ ଘାଟନାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଚୋଚାରାଗୁଡା ଗ୍ରାମର ଶୁକ୍ରୁ ଗୌଡ଼ (୭୫) ଶନିବାର ସନ୍ଧ୍ୟା ସମୟରେ ଗ୍ରାମରେ ଥିବା ନିଜ ସମ୍ପର୍କୀୟ ନୀଳକଣ୍ଠ ଗୌଡ଼ ଘରକୁ ଯାଇଥିଲେ। ଏହି ସମୟରେ ନୀଳକଣ୍ଠ ଘର ବାହାରକୁ କୌଣସି କାମରେ ଯାଇଥିଲେ। ଘରକୁ ଫେରିବା ପରେ ଘରେ ଶୁକ୍ରୁ ଦେଖି ନିଜ ସ୍ତ୍ରୀକୁ ଅସଜ୍ଜିତ ଅବସ୍ଥାରେ ଦେଖି ଉଭୟଙ୍କୁ ମାଡ଼ ମାରିଥିଲେ। ପତ୍ନୀର ହାତ ଭାଙ୍ଗି ଯାଇଥିବା ବେଳେ୍ୱାଡ଼ରେ ଶୁକ୍ରୁଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଶୁକ୍ରୁଙ୍କ ଭଣଜା କୋଡୀଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ କୋଡୀଙ୍ଗା ଥାନା କେଶ ନ ୧୮୨/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଯୁଗଳ କିଶୋର ଶବର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ପତ୍ନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

# ଗାଦବା ସମାଜ ବିକାଶ ପରିଷଦର ବାର୍ଷିକ ଉତ୍ସବ



ବୈପାରୀଗୁଡା, ୧୨।୧୦ (ସମିସ): ବୈପାରୀଗୁଡା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରଠାରେ ରବିବାର ଗାଦବା ସମାଜ ବିକାଶ ପରିଷଦ ର ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହୋଇଛି। ପ୍ରଥମେ ସ୍ଥାନୀୟ ବିରୋଖମ୍ବ ପୋଲ ଠାରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଦବା ସମାଜର ପାରମ୍ପରିକ ବେଶ ଭୁଷା ସହ ଗୀତ ନାଚ ମାଧ୍ୟମରେ ଅତିଥିମାନଙ୍କୁ ପାଛୋଟି ଆଣିଥିଲେ। ମୋହନ ଶ୍ରୀକରଲିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ବରିଷ୍ଠ ନେତା ମୁକୁନ୍ଦ ହନ୍ତଲ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାଗିରଥି ମୁର୍ଜିଆ, ଜିତେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ବିଶେଷ କରି ଗାଦବା ସମ୍ପ୍ରଦାୟର ଭାଷା, ସଂସ୍କୃତି ଏବଂ ସମ୍ମାନର ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବୈପାରୀଗୁଡା ବ୍ଲକର ୨୦ଟି ପଞ୍ଚାୟତର ଗାଦବା ସମ୍ପ୍ରଦାୟର ଲୋକ ସାମିଲ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜ ସମ୍ପାଦକ ସନୁ ତେନ୍ତୁଳି ପଡିଆ ପରିଚାଳନା କରିଥିଲେ

# ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ



ସୁନାବେଡା,୧୨।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସୁନାବେଡା ସ୍ଥିତ କେନ୍ଦ୍ରୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ଅନୁସନ୍ଧାନ କେନ୍ଦ୍ର (ଆଇସିଏଆର) ସଭା ଗୃହରେ ଏକ ସମାବେଶର ଅୟୋଜନ କରାଯାଇଥିଲା। କେନ୍ଦ୍ରର ମୁଖ୍ୟ ଡ଼ଃ ରାମଜୟମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୁନ୍ଦୁରାର କୃଷି ଅଧିକାରୀ ତାପସ ଚନ୍ଦ୍ର ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସୁନାବେଡା ପୌର ପରିଷଦର ୧ ନଂ ୱାଡର୍‌ର କାଉନସିଲର ତଥା ସମାଜସେବୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀ ଭାଇମାନେ କେବଳ ଧାନ ଚାଷ ଉପରେ ନିର୍ଭର ନ ହୋଇ ଡାଲି, ତୈଳବିଜ , ଗୋ-ପାଳନ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଅଧିକ ଅର୍ଥ ରୋଜଗାର କରିପାରିବେ ବୋଲି କହିଥିଲେ। ଉକ୍ତ ବୈଠକରେ ବୈଜ୍ଞାନିକ ଶାଶ୍ୱତ କର ଏବଂ ବୈଜ୍ଞାନିକ ଶୋଭାଗ୍ୟ ସାମଲ ମଧ୍ୟ ଉପସ୍ଥିତ ଥିଲେ। ଆଇସିଏଆର, କେନ୍ଦ୍ରର ଏସିଟିଓ, ଗୋଲକ ବିହାରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାପସ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୭୬ ଜଣ କୃଷକ ଯୋଗ ଦେଇଥିଲେ।

# ବିନା ଡିଜେରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ବୈପାରୀଗଡ଼ା,୧୨।୧୦(ସମିସ):

ମେଲାଣି ନେଲେ ମାଆ ଗଜଲକ୍ଷ୍ମୀ। ବୈପାରୀଗୁଡା ଠାରେ ରବିବାର ସନ୍ଧ୍ୟାରେ ଶେଷ ହେଲା ମାଆ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ। ଡିଜିଟାଲ ଯୁଗରେ ଅଧିକାଂଶ ସ୍ଥାନରେ ମାଆଙ୍କ ଭସାଣି ବେଳେ ଡିଜେ ବାଜାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ଚଳିତ ବର୍ଷ ଛାତି ଥରିଲା ଭଳି ଡିଜେ ମ୍ୟୁଜିକ୍ ନଥିଲା। କେବଳ ସଂକୀର୍ତ୍ତନ ବାଜାରେ ମାଆଙ୍କ ମେଲାଣି ଉତ୍ସବରେ କମ୍ପିଉଠିଥିଲା ବୈପାରୀଗୁଡା ସହର। ଏହି ଅବସରରେ ପୂଜା କମିଟି ତରଫର ମଞ୍ଚରେ ମା'ଙ୍କ ଲଡୁ ବିଜେତା ତଥା କଂଗ୍ରେସ ମଲିକଙ୍କୁ ଲଡୁ ପ୍ରଦାନ କରିବା ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ମା'ଙ୍କ ଶେଷ ଦର୍ଶନ ପାଇଁ ନଗର ପରିକ୍ରମା ସମୟରେ ଭକ୍ତଙ୍କ ଗହଳି ଲାଗିଥିଲା।

## ଏସ୍‌ଡିସିରେ ଖେଳ ଓ ସଂଗୀତ ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି

# ୪କୋଟି ଟଙ୍କା ହେରଫେରର ଅଭିଯୋଗ ଆଣିଲା ବିଜେଡି



- ➤ ତତ୍କାଳୀନ ଜିଲ୍ଲାପାଳ ଓ ପିଏ ଆଇଟିଡିଏଙ୍କ ଚଞ୍ଚକତା ଅଭିଯୋଗ
- ➤ ଏସ୍‌ଡିସି ଭଙ୍ଗ ପରେ ସାମଗ୍ରୀ କିଣା ହେଲା କେମିତି

ରାୟଗଡ଼ା, ୧୨।୧୦(ସମିସ) : ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ଗତ ୨୦୨୪ ସେପ୍ଟେମ୍ବର ୪ ତାରିଖରେ ରାଜ୍ୟର ୨୩ଟି ଆଦିବାସୀ ବହୁଳ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସିଡିସି)କୁ ଭଙ୍ଗ କରାଯାଇଥିଲା। ଏହାର ୫ମାସ ପରେ ରାୟଗଡ଼ା ଜିଲ୍ଲା ଏସ୍‌ଡିସି ମାଧ୍ୟମରେ ଖେଳ ଓ ସଂଗୀତ ସାମଗ୍ରୀ କିଣାରେ ପ୍ରାୟ ୪କୋଟି ଟଙ୍କାକୁ ରାୟଗଡ଼ାର ପୂର୍ବତନ ଜିଲ୍ଲାପାଳ ଶ୍ରୀମତି ପାରୁଲ ପଟୱାରୀ ଏବଂ ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଖୁଲାସା କରି ସରକାରଙ୍କ ଉପରେ ବର୍ଷିଛି ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳ (ବିଜେଡି)। ରାୟଗଡ଼ା ସହରର ସ୍ଥାନୀୟ ହୋଟେଲ କପିଳାସ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିସିର ପୂର୍ବତନ ରାଜ୍ୟ ଉପଦେଷ୍ଟା ତଥା ରାଜ୍ୟ ସାଧାରଣ ସଂପାଦକ (ବିଜେଡି) ପ୍ରଦୀପ ମାଝି, ଏସଡିସି ରାୟଗଡ଼ା ଜିଲ୍ଲାର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତି ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି ଉପସ୍ଥିତ ରହି ଏହାର ଦୃଢ ନିନ୍ଦା କରିବା ସହ ରାଜ୍ୟ ସରକାର ଏ ଦିଗରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆଦିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁର୍ନୀତି କରିଥିବା ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ସମସ୍ତେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝି ଦେଇଥିବା ସୂଚନା ପ୍ରକାରେ ପୂର୍ବତନ ବିଜେଡି ସରକାର ଆଦିବାସୀଙ୍କ ବିକାଶ ପାଇଁ ରାଜ୍ୟର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ସ୍ୱତନ୍ତ୍ର ଅର୍ଥ ବ୍ୟୟ ବରାଦ କରିଥିଲେ। ଏହି ପରିଷଦକୁ ପରିଚାଳନାରେ ସହଯୋଗ ପାଇଁ ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ତେବେ ରାଜ୍ୟରେ ବିଜେପି ସରକାର ଶାସନ କ୍ଷମତାକୁ ଆସିବା ପରେ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ପକ୍ଷରୁ ଗତ ୨୦୨୪ ମସିହା ସେପ୍ଟେମ୍ବର ୪ତାରିଖରେ ଏହି ପରିଷଦକୁ ଭଙ୍ଗ କରିଦିଆଗଲା। ତେବେ ରାୟଗଡା ଜିଲ୍ଲାରେ ଏହି ପରିଷଦକୁ ମାଧ୍ୟମ କରି ଦୁଇ ପ୍ରଶାସନିକ ଅଧିକାରୀ ପ୍ରାୟ ୪କୋଟି ଟଙ୍କା ଆତ୍ମସାତ କରିଥିବା ବେଳେ ଏଭଳି ଦୁର୍ନୀତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଦିବାସୀ ବର୍ଗର ହୋଇ ମଧ୍ୟ ସବୁଜାଣି ସମର୍ଥନ କରୁଥିବା ଦୁଃଖଦାୟକ ବୋଲି ଶ୍ରୀ ମାଝି ଅଭିଯୋଗ କରିଛନ୍ତି। ଏସ୍‌ଡିସି ଭଙ୍ଗ ହେବାର ୫ମାସ ପରେ ଏସଡିସି ତରଫରୁ ଜିଲ୍ଲାର ୧୧ଗୋଟି ବ୍ଲକ୍‌ରେ ଥିବା ସାଂସ୍କୃତିକ କ୍ଲବ୍ ଏବଂ ସ୍ପୋର୍ଟର୍ସ କ୍ଲବ୍ ନିମନ୍ତେ ଚଳିତ ବର୍ଷ ଫେବୃଆରୀ ମାସରେ ୩୦୦ଟି ଲେଖାଁଏ ଖେଳ ଓ ସଂଗୀତ ସାମଗ୍ରୀ କିଣାଯାଇଥିଲା। କୋଟି କୋଟି ଟଙ୍କାର ସାମଗ୍ରୀ ବିନା କୌଣସି ଟେଣ୍ଡରରେ ରାଜ୍ୟ ସରକାରଙ୍କ ଓଡିଶା ଖାଉଟି ସମବାୟ ମହାସଂଘ ଲିଃ. (ଓସିସିଏଫ) ସଂସ୍ଥା, ମାଲଗୋଦାମ ଶାଖା, କଟକ ଦ୍ୱାରା ୫କୋଟି ୩୯ଲକ୍ଷ ୮୭ହଜାର ୮୮୯ଟଙ୍କା ବ୍ୟୟରେ କ୍ରୟ କରାଗଲା। ଯେଉଁ ସାମଗ୍ରୀଗୁଡିକ କିଣାଯାଇଛି ତାହା ପ୍ରତିଟି ସାମଗ୍ରୀ ଚଢା ଦରରେ କିଣାଯାଇ ସରକାରଙ୍କ ଟଙ୍କାକୁ ଆତ୍ମସାତ କରାଯାଇଛି ବୋଲି ବିଜେଡି ଅଭିଯୋଗ ଆଣିଛି। ଓସିସିଏଫରୁ ୨କୋଟି ୪୦ଲକ୍ଷ ୯ହଜାର ୬୯୬ଟଙ୍କାରେ ଯେଉଁ କ୍ରୀଡା ସାମଗ୍ରୀ କ୍ରୟ କରାଯାଇଛି। ତାହାର ପ୍ରକୃତ ବଜାର ମୂଲ୍ୟ ୬୩ଲକ୍ଷ ୫ହଜାର ୪୦୦ଟଙ୍କା ହୋଇଥିବା ବେଳେ ଏଥିରେ ସିଧାସଳଖ ୧କୋଟି ୭୭ ଲକ୍ଷ ୪ହଜାର ୨୯୬ ଟଙ୍କା ଏବଂ ୨ କୋଟି ୯୯ଲକ୍ଷ ୭୮ହଜାର ୧୬୩ ଟଙ୍କାରେ କିଣାଯାଇଥିବା ସଂଗୀତ ସାମଗ୍ରୀର ପ୍ରକୃତ ବଜାର ମୂଲ୍ୟ ୮୫ ଲକ୍ଷ ୫୦ ହଜାର ୩୦୦ଟଙ୍କା ହୋଇଥିବା ବେଳେ ଏଥିରେ ୨କୋଟି ୧୪ଲକ୍ଷ ୨୭ହଜାର ୮୬୩ଟଙ୍କା ମୋଟ ଏହି ଦୁଇଟି ସାମଗ୍ରୀ କିଣାରେ ୩କୋଟି ୯୧ଲକ୍ଷ ୩୨ହଜାର୧୮୯ଟଙ୍କା ଆତ୍ମସାତ କରାଯାଇଥିବା ବିଜେଡି ଦାବି କରିଛି। ଏପରିକି ବଜାରରେ ଗୋଟିଏ ଢୋଲର ଦାମ୍ ୨୭୦୦ଟଙ୍କା ହୋଇଥିବା ବେଳେ ଓସିସିଏଫରେ ଜିଏସଟି ସହ ୧୩୨୭୩ ଟଙ୍କାରେ କିଣା ୩୦୦ଟି ଲେଖାଁଏ କିଣାଯାଇଛି। ସେହିପରି ଝାଞ୍ଜ ଗୋଟିଏ ୧୫୦୦ଟଙ୍କା ଥିବା ବେଳେ ଏହାକୁ ୫୫୦୫ଟଙ୍କା, ନାଗରା ୫୯୦୦ଟଙ୍କା ଥିବା ବେଳେ ୧୪୮୯୪ଟଙ୍କା ଏବଂ ୩୦୦ଟଙ୍କାର ଘୁଂଘୁରକୁ ୧୭୨୩ ଟଙ୍କା, ଟେବଲ ସେଟ୍ ୩୫୦୦ଟଙ୍କାକୁ ଓସିସିଏଫରୁ ୧୬୨୩୬ଟଙ୍କା ଭଳି ଅନେକ ସାମଗ୍ରୀ ଚଢା ଦରରେ ବିଲ କରାଯାଇଛି ଏବଂ କ୍ରୀଡା ସାମଗ୍ରୀରେ ମଧ୍ୟ ବଜାରେ ମିଳୁଥିବା ୫୯୦ଟଙ୍କାର ଭଲିବଲ ନେଟକୁ ୧୮୩୬ ଟଙ୍କାରେ କିଣା ଯାଇଥିବା ବେଳେ ୩୯୦ଟଙ୍କାର ଭଲିବଲକୁ ୧୬୦୭ଟଙ୍କାରେ କ୍ରୟ କରାଯାଇଛି। ଏଭଳି ଅନେକ ଉପକରଣ ଉପରେ ଚଢା ଦରରେ କ୍ରୟ କରାଯାଇ ଅଧିକାରୀମାନେ ମାଲେମାଲ ହୋଇଥିବା ଅଭିଯୋଗ କରିଛି ବିଜେଡି। ତେବେ ବିଜେଡିର ଏଭଳି ସାଂଘାତିକ ଅଭିଯୋଗକୁ ନେଇ ରାୟଗଡ଼ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସରକାରଙ୍କ ଗାଇଡ୍‌ଲାଇନ ଏବଂ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ସାମଗ୍ରୀ କିଣାଯାଇ ସମସ୍ତଙ୍କୁ ବଣ୍ଟନ କରାଯାଇଛି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି।

● ନାବାଳିକା ଅପହରଣ ମାମଲା

# ପୁଅଙ୍କୁ ସହଯୋଗ ଅଭିଯୋଗରେ ବାପା ଗିରଫ

ଜୟପୁର,୧୨।୧୦(ସମିସ): ନାବାଳିକାକୁ ଅପହରଣ ମାମଲାରେ ଅଭିଯୁକ୍ତ ପୁଅକ ସହଯୋଗ କରିଥିବା ଅଭିଯୋଗରେ ଟାଉନ୍ ଥାନା ପୁଲିସ ବାପାଙ୍କୁ ଗିରଫ କରାବା ସହ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ପିତା ବୋରିଗୁମ୍ମା ଥାନା ତୁଟିଗୁଡ଼ା ଗ୍ରାମର ତ୍ରିଲୋଚନ ହରିଜନ(୪୮)। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସଦରଥାନା ଅଞ୍ଚଳର କୁମୁଲିପୁଟ ଗ୍ରାମର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ଗତ ଏକ ମାସ ମଧ୍ୟରେ ପୁଣି ଦୁଇଥର ଅପହରଣ କରିଥିବା ନେଇ ଅଭିଯୁକ୍ତ ହରଡାପୁଟ ଗ୍ରାମର ଯୁବକ ସମୀର ହରିଜନ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏଥିନେଇ ପୁଲିସ ପକ୍ଷରୁ ଫେରାର ଯୁବକଙ୍କୁ ପଚରା ଉଚରା କରିଥିଲେ। କିନ୍ତୁ ବାପା ଏହି ମାମଲାରେ ସହଯୋଗ କରିଥିବା ନେଇ ପ୍ରମାଣ ଭିତ୍ତିକୁ ନେଇ ଆଜି ଅଭିଯୁକ୍ତ ବାପା ତ୍ରିଲୋଚନଙ୍କୁ ଗିରଫ କରିଥିଲେ। ଏଥିନେଇ ନାବାଳିକାଙ୍କ ପିତାଙ୍କ ଏତଲାକୁ ଭିତ୍ତି କରାଯାଇ ଟାଉନଥାନାରେ ଗତ ମାସରେ ଏବଂ ସଦର ଥାନାରେ ଚଳିତ ମାସରେ ଏକ ମାମଲା ପୃଥକ ପୃଥକ ଭାବେ ରୁଜୁ ହୋଇଥିଲା। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୪ତାରିଖରେ ନାବାଳିକା ପାରାବେଢା ସ୍ଥିତ ଏକ ଘରୋଇ ବିଦ୍ୟାଳୟକୁ ପାଠ ପଢିବାକୁ ଆସିଥିବା ବେଳେ ଅଭିଯୁକ୍ତ ଯୁବକ ବିଦ୍ୟାଳୟ ନିକଟରୁ ଏକ କାର ଯୋଗେ ଅପହରଣ କରିଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ଖୋଜାଖୋଜି କରିଥିଲେ ସୁଦ୍ଧା ପରିବାର ପକ୍ଷରୁ ବାଳିକାଙ୍କୁ ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏକ ମାସ ମଧ୍ୟରେ ପୁଣି ସେହି ନାବାଳିକାଙ୍କୁ ଗତ ୫ ତାରିଖରେ ବିଳମ୍ବିତ ରାତିରେ ଅପହରଣ କରିଥିବା ନେଇ ଅଭିଯୁକ୍ତ ସମୀରଙ୍କ ବିରୋଧେ ସଦରଥାନାରେ ନାବାଳିକାଙ୍କ ପିତାଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିଲା।

# ବିନା ସୂଚନାରେ ଛୁଟିରେ ରହୁଥିବା ଶିକ୍ଷକଙ୍କୁ ସୁରକ୍ଷା!

କୋଷାଗୁମୁଡା,୧୨।୧୦(ସମିସ):

ଦଶହରା ପର୍ବକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୂର୍ବରୁ ଦରମା ସହ ଛୁଟି ଘୋଷଣା କରିଥିଲେ। ୨୭ ସେପ୍ଟେମ୍ବର ଠାରୁ ଛୁଟି ହୋଇ ବିଦ୍ୟାଳୟ ଗୁଡ଼ିକ ଖୋଲା ହେବ ଅକ୍ଟୋବର ୮ ତାରିଖରେ ବୋଲି ପୂର୍ବରୁ ଛୁଟି ଘୋଷଣା ହୋଇଥିଲା। ତେବେ ବିଦ୍ୟାଳୟ ୮ତାରିଖରୁ ଖୋଲିଲେ ମଧ୍ୟ କୋଷାଗୁମୁଡା ବ୍ଲକ ଅଧୀନ କିଛି ବିଦ୍ୟାଳୟ ଗୁଡ଼ିକ ରେ ଶିକ୍ଷକ ଶିକ୍ଷୟିତ୍ରୀ ଆସିନଥିବା ଦେଖିବାକୁ ମିଳିଥିଲା। କିଛି ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏ ନେଇ ପଚାରି ବୁଝିବାରୁ ସେମାନେ କହିଛନ୍ତି ସେ କାଲି ଆସିଥିଲେ, ଆଜି ଛୁଟିରେ ଅଛନ୍ତି। ସେହି କଥାରୁ ପୁଣି କିଛି ପ୍ରଶ୍ନ ପଚାରିବାରୁ ଛୁଟି ପୂର୍ବରୁ ଦେଇଥିଲେ ଛୁଟି ଦରଖାସ୍ତ। କାହିଁକିନା ତାଙ୍କ ଶରୀର ଅସୁସ୍ଥ, ତାଙ୍କ ପରିବାରରେ ଦୁଃଖ ହୋଇଥିବା ଯୋଗୁଁ ଛୁଟିରେ ଅଛନ୍ତି ବୋଲି ସଫେଇ ଦିଆଯାଇଥିଲା। ଯଦି ଆସିବାରେ ବିଳମ୍ବ ହେବ ତେବେ ଇଏଲ୍ ହେବ ବୋଲି କହିଛନ୍ତି। ଏପଟେ ବିଦ୍ୟାଳୟ ଖୋଲିବା ଦିନ ଅନୁପସ୍ଥିତ ଶିକ୍ଷକଙ୍କର ରେଜିଷ୍ଟରରେ ସ୍ୱାକ୍ଷର କିଏ କରିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଜାଣି ଅଜଣା ଭଳି ନାଟକ କରୁଥିବା ଅଭିଯୋଗ ହେଉଛି। ଅନୁପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଲିଛି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିରୀହ ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କାହିଁକି ଏଭଳି ଖେଳ ଖେଳାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ଠାରୁ ମୋଟା ଅଙ୍କରେ ଦରମା ପାଇ ବିଭିନ୍ନ ବ୍ୟକ୍ତିଗତ ସମସ୍ୟା ଦେଖାଇ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତି ରହୁଥିବାକୁ ନେଇ ବର୍ତ୍ତମାନ କୋଷାଗୁମୁଡା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ଆଗାମୀ ଦିନରେ ଏଭଳି ସମସ୍ୟା ଦେଖା ଯିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ୩ଟି ବୋମାକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୧୨।୧୦(ସମିସ): ମାଲକାନଗିରି ଜିଲ୍ଲାର ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଙ୍ଗଲରେ ଖଞ୍ଜିଥିବା ୩ଟି ଲ୍ୟାଣ୍ଡମାଇନ୍‌କୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଛନ୍ତି। ସୂଚନା ଅନୁଯାୟୀ ମାଓ ଦମନ ନିମନ୍ତେ ନାରାୟଣପୁର ଜିଲ୍ଲାରେ ଏସ୍‌ଟିଏଫ ଯବାନ ଜିଲ୍ଲାର କୋହକମେଟା ଥାନା ଅନ୍ତର୍ଗତ କୋଡଲି ଏବଂ ବିଚପାଡା ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲ ମଝିରେ ପ୍ରେସର କୁକରରେ ଖଞ୍ଜାଯାଇଥିବା ତିନୋଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ। ତୁରନ୍ତ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡିକକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଥିଲେ। ଏହାପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି।

# ଜୟପୁରରେ ହେଲା ଓପିଏସଇ ପରୀକ୍ଷା

ଜୟପୁର,୧୨।୧୦(ସମିସ): ରାଜ୍ୟରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପ୍ରଥମ ଥର ପାଇଁ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା। ଜୟପୁର ଠାରେ ୧୮ କେନ୍ଦ୍ର ସ୍ଥାପନ କରାଯାଇଥିଲା ଏବଂ ଏଥିପାଇଁ ୫୨୫୪ଜଣ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା। ଜୟପୁର କେନ୍ଦ୍ରରେ ମୁଖ୍ୟତଃ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲାର ପରୀକ୍ଷାର୍ଥୀ ମାନେ ଯୋଗଦେଇ ପରୀକ୍ଷା ଦେଇଥିଲେ। ପରୀକ୍ଷା କେନ୍ଦ୍ରର ପ୍ରବେଶ ଦ୍ୱାର ଠାରେ ପୁଲିସ ପକ୍ଷରୁ କଡା ସୁରକ୍ଷା ଏବଂ ଯାଞ୍ଚ କରାଯାଇ କେନ୍ଦ୍ର ଗୁଡିକକୁ ପରୀକ୍ଷାର୍ଥୀ ମାନଙ୍କୁ ପ୍ରବେଶ କରାଯାଉଥିଲା। ସେହିପରି ଶ୍ରେଣୀ କକ୍ଷରେ ପ୍ରବେଶ ଦ୍ୱାର ଠାରେ ମଧ୍ୟ ଯାଞ୍ଚ ପରେ ଭିତରକୁ ପ୍ରବେଶ କରାଯାଉଥିଲା। ଚଳିତବର୍ଷ ଓପିଏସ୍‌ସି ଓସିଏସ-୨୦୨୫ ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ଜୟପୁର ସହର ସମେତ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱର ମାତ୍ର ୬ଟି ସହରରେ ପରୀକ୍ଷାକେନ୍ଦ୍ରର ଆୟୋଜିତ କରାଯାଇଥିଲା। ଆଜି ପୂର୍ବାହ୍ଣ ୧୦ଟା ଠାରୁ ମଧ୍ୟାହ୍ନ ୧୨ଟା ଏବଂ ସାଢେ ଗୋଟାଏ ଠାରୁ ସାଢେ ୩ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ୨ଟି ପେପରୁକୁ ୨ଟି ସିଟିଂରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଉପଜିଲ୍ଲାପାଳ ଏ. ଶଶ୍ୟାରେ‡ୀ ବୁଲିଦେଖିବା ସହ ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିଥିଲେ। ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ମେଟାଲ ଡିଟେକ୍ଟର ଏବଂ ଅନ୍ୟାନ୍ୟ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା।

# ବଜାର ସଫେଇ କାର୍ଯ୍ୟ

ପୋଡ଼ାଗଡ଼,୧୨।୧୦(ସମିସ): ଦଶମନ୍ତପୁର ବ୍ଲକ ସଦମହକୁମାର ମୁଖ୍ୟ ବଜାର ଠାରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ କାର୍ଯ୍ୟ ଦଶମନ୍ତପୁର ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ସତ୍ୟ ସାଇ ସଂଗଠନ ଯୋଗ ଦେଇ ସଫେଇ କାମ କରିଥିଲେ। ଏହି ଅବସରରେ ମୁଖ୍ୟ ବଜାର ହସ୍ପିଟାଲ ଛକରୁ ଥାନା ପର୍ଯ୍ୟନ୍ତ ଥିବା ନାଳ ନର୍ଦ୍ଦମା ସଫା ହୋଇଥିଲା। ଏଥିରେ ସେଚ୍ଛାସେବୀ ଉପସ୍ଥିତ ରହି ସଫା କରିଥିଲେ। ସ୍ୱେଚ୍ଛାସେବୀମାନେ ହେଲେ ଚନ୍ଦ୍ର ସେନ ଗଉଡ, ରମେଶ ଚନ୍ଦ୍ର ନାୟକ, ନବୀନ ଦେବରାଜ ପଟ୍ଟନାୟକ ସୁକ୍ ରାମ ଗଣ୍ଡ ବାଲ୍ମୀକି ନାୟକ ପ୍ରମାଦ ଓ ନରେଶ ଦରା।

## ଅନ୍ତର୍ଜାତୀୟ ଦୃଷ୍ଟିହୀନ ଫୁଟବଲ କ୍ରୀଡା ପ୍ରତିଯୋଗିତା

# ଓଡ଼ିଶାରୁ ଭାଗ ନେଇଥିବା ଆକାଶଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ମାଲକାନଗିରି,୧୨।୧୦ (ସମିସ): ମାଲକାନଗିରି ଜିଲ୍ଲାର କୋୟା ସମ୍ପ୍ରଦାୟର ଆଦିବାସୀ ଯୁବକ ଆକାଶ ପଡିଆମୀ ଜାତୀୟ ଓ ଅନ୍ତର୍ଜାତୀୟ ଦୃଷ୍ଟିହୀନ ଫୁଟବଲ ଟୁର୍ନାମେଣ୍ଟରେ ଓଡିଶାରୁ ଜାତୀୟ ଦଳରେ ଭାଗ ନେଇ ସଫଳତା ହାସଲ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ଟୁର୍ନାମେଣ୍ଟଟି କେରଳରେ ଗତ ସେପ୍ଟେମ୍ବର ୨୫ ତାରିଖରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏସେନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ଆକାଶ ଖେଳିଥିଲେ। ଏହି ଟୁର୍ନାମେଣ୍ଟରେ ୬ଟି ଦେଶ ଭାଗ ନେଇଥିଲେ। ଦେଶ ଗୁଡିକ ହେଲା ଭାରତ, ଇରାନ, ଇଂଲଣ୍ଡ, ପୋଲାଣ୍ଡ, ଇଟାଲୀ ସଉତକୋରିଆ ଭାଗ ନେଇଥିଲେ। ଓଡିଶାରୁ ଏକ ମାତ୍ର କ୍ରୀଡାବିତ୍ ଭାବେ ଭାରତ ଟିମରେ ସାମିଲ ହୋଇ ସଫଳତା ହାସଲ ପାଇଲା ପରେ ନିଜ ଜନ୍ମ ମାଟି ମାଲକାନଗିରିକୁ ଆକାଶ ଆଜି ଫେରିଛନ୍ତି। ସେ ଆଜି ସକାଳେ ମାଲକାନଗିରି ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚିଲା ପରେ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ, ବିଭିନ୍ନ ସଂଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ଶୋଭା ଯାତ୍ରାରେ କଲେଜ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପରେ ନିଜ ଜନ୍ମମାଟି ଗୋରାଖୁଣ୍ଟା ପଞ୍ଚାୟତ କୃଷ୍ଣୱାର୍ଡା ଗ୍ରାମରେ ପହଞ୍ଚିବା ପରେ ପଞ୍ଚାୟତ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ତାଙ୍କୁ ଏକ ବିରାଟ ଶୋଭାଯାତ୍ରା ବାହାରି ଥିଲା। ପାରମ୍ପରିକ ଆଦିବାସୀ ନୃତ୍ୟରେ ଶତାଧି ମହିଳା ଓ ପୁରୁଷ ତାଙ୍କ ଘରକୁ ପାଛୋଟି ନେଇଥିଲେ। ସମ୍ବର୍ଦ୍ଧନା ସଭାରେ ସରପଞ୍ଚ ପଦିଏ କବାସୀ, ପୂର୍ବତନ ସରପଞ୍ଚ ଏରା ପଡିଆମୀ, ସମିତି ସଭ୍ୟା ଦେବେ ମାଢି, ଆଡ଼ମା ମାଢି, ସୋମା ମାଡକାମୀ, କସା ମାଡକାମୀ, ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଦୁର୍ଗା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ

ମାଲକାନଗିରି,୧୨।୧୦ (ସମିସ):



ଆଜି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପଲସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳ ନିଜେ ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ପୋଲିଓ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ନିରନ୍ତର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏନଆଇଡି ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ନଜର ରଖିବା ପାଇଁ ୧୨ ଅକ୍ଟୋବର ରେ ମାଲକାନଗିରି ଜିଲ୍ଲାରେ ପୋଲିଓ ପାଇଁ ଉପ-ଜାତୀୟ ଟୀକାକରଣ ଦିବସ ଆୟୋଜନ କରାଯାଉଛି। ୧୩ ଏବଂ ୧୪ ଅକ୍ଟୋବର ଦୁଇ ଦିନରେ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ଟୀକା ଦିଆଯିବ। ଉପ-ଜାତୀୟ ଟୀକାକରଣ ସମୟରେ ସମୁଦାୟ ୦ ରୁ ୫ ବର୍ଷ ବୟସର ୭୫ ହଜାର ୨୫୦ ଜଣ ଶିଶୁଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ ୫୪ ଟି ମୋବାଇଲ୍ ଦଳ ଏବଂ ୫୮ ଟି ଟ୍ରାଞ୍ଜିଟ୍ ଦଳ ସହିତ ମୋଟ ୭୫୨ ଟିକାକରଣ ବୁଥ୍ ଯୋଜନା କରାଯାଇଛି। ୬୧ ଟିକାକରଣ କେନ୍ଦ୍ରରେ ୧୫୦୪ ଜଣ ଟିକାଦାତା ପୋଲିଓ ଟୀକାକରଣ ପାଇଁ ନିୟୋଜିତ ହେବେ। ସମଗ୍ର ଜିଲ୍ଲାରେ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ୍‌ଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଚୋରା ଚାଲାଣ

# ମାଷ୍ଟରମାଇଣ୍ଡ ବିଟେକ୍ ଛାତ୍ର ଗିରଫ

କୋରାପୁଟ,୧୨।୧୦(ସମିସ): କୋରାପୁଟରେ ଗଞ୍ଜେଇ ଚୋରା ଚାଲାଣର ମାଷ୍ଟର ମାଇଣ୍ଡ ବିଟେକ ଛାତ୍ର ଗିରଫ ହୋଇଛି। ଗିରଫ ହୋଇଥିବା ଯୁବକ ଜଣଙ୍କ କୋରାପୁଟ ସଦର ଅନ୍ତର୍ଗତ ପିତେଇ ଗ୍ରାମର ଦୈତାରୀ ଖେମୁଣ୍ଡୁ(୨୭ ବର୍ଷ) । ସେ ବିଟେକ୍ ପଢା ଶେଷ କରିବା ପରେ ୨ ବର୍ଷ ହେବ ରେଳ ଷ୍ଟେସନ ନିକଟସ୍ଥ ସୁନାପୁର ଠାରେ ରହି ମାଫିଆ ମାନଙ୍କୁ ଗଞ୍ଜେଇ ଯୋଗାଇ ଆସୁଥିଲେ। ଏକାଧିକ ଗଞ୍ଜେଇ ଚୋରା ଚାଲାଣରେ ତାର ସମ୍ପୃକ୍ତି ଥିବା ଅଭିଯୋଗରେ କୋରାପୁଟ ରେଳବାଇ ପୋଲିସ ତାକୁ ଆଜି ଗିରଫ କରିଛି। ସୂଚନା ଅନୁସାରେ ଗତ ଏପ୍ରିଲ ମାସରେ ଗଞ୍ଜେଇ ଚୋରା ଚାଲାଣ ନେଇ ରେଳବାଇ ଥାନା ରେ ଏକ ମାମଲା ରୁଜୁ ହୋଇଥିଲା। ଏହି




ଘଟଣାରେ ବିହାରର ଅରବିନ୍ଦ କୁମାର ଶର୍ମା ନାମକ ଜଣେ ଯୁବକକୁ ଗିରଫ କରାଯାଇଥିଲା। ସେ ପୋଲିସ ନିକଟରେ ଗଞ୍ଜେଇ ଯୋଗାଉଥିବା ବ୍ୟକ୍ତି ମାନଙ୍କ ବିଷୟରେ ସମସ୍ତ ତଥ୍ୟ ଦେଇଥିଲା। ଏହାକୁ ଆଧାର କରି ରେଳବାଇ ପୋଲିସ ପକ୍ଷରୁ ଗଞ୍ଜେଇ ଚୋରା ଚାଲାଣର ମାଷ୍ଟର ମାଇଣ୍ଡକୁ ଧରିବା ପାଇଁ ଜାଲ ବିଛା ଯାଇଥିଲା। ଆଜି ରେଳବାଇ ପୋଲିସ ଚୋରା ଚାଲାଣର ମାଷ୍ଟର ମାଇଣ୍ଡକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ବିଭିନ୍ନ ସମୟରେ କୋରାପୁଟ ଜେଲରେ ଗଞ୍ଜେଇ ମାଫିଆଙ୍କ ସହିତ ମଧ୍ୟ ସାକ୍ଷାତ କରୁଥିଲେ। ରେଳ ଷ୍ଟେସନର ପଛ ପାଖରେ ସିସିଟିଭି ନ ଥିବାର ସୁଯୋଗ ନେଇ ସେ ଟ୍ରେନ ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଏହି ଗଞ୍ଜେଇ ଚୋରା ଚାଲାଣ କାରବାରରେ ତାର ଆଉ ୨ ସହଯୋଗୀ ଏବେ ଜେଲରେ ରହିଛନ୍ତି। କୋରାପୁଟ ରେଳବାଇ ପୋଲିସ ବିଟେକ ଛାତ୍ର ଦୈତାରୀ ଖେମୁଣ୍ଡୁକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସନ୍ତୋଷୀ ମହାନ୍ତ ସୂଚନା ଦେଇଛନ୍ତି।

## ବାଇକ୍‌କୁ ପିଟିଲା କାର୍, ବାଇକ୍ ଚାଳକ ମୃତ

କାକିରିଗୁମା,୧୨।୧୦(ସମିସ): କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର କାକିରିଗୁମ୍ମା ଥାନା ତୁନୁପାର ଛକ ନିକଟରେ ଏକ କାର ସମ୍ମୁଖରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁସୁମୁଗୁଡା ଗ୍ରାମର ଡମ୍ବରୁ ବିଶୋଇ ବୋଲି ଜଣାପଡ଼ିଛି। ଶ୍ରୀ ବିଶୋଇ ନିଜ ଘରକୁ ମୋଟର ସାଇକଲ ଯୋଗେ କୁସୁମୁଗୁଡା ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର ଧକ୍କା ଦେଇଥିଲା। ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସପିଟାଲକୁ ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ କାକିରିଗୁମ୍ମା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ି ଜବତ୍ କରି ମାମଲା ରୁଜୁ କରିଛି। ଉତ୍ତ୍ୟକ୍ତ ଗ୍ରାମବାସୀ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ପୁଲିସ୍ ବୁଝାସୁଝା ରାସ୍ତା କରାଇବା ପରେ ଅବରୋଧ ହଟିଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ପଦ୍ମପୁର,୧୨।୧୦(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଶ୍ରୀ ଗିରିଧାରୀ ମହାପ୍ରଭୁଙ୍କ ନିକଟରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଚାଲିଥିଲା। ଏହାର ଭସାଣି ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ପୂଜାରେ ପ୍ରତ୍ୟେକ ଦିନ ବେଦପାଠ ସହ ବିଶିଷ୍ଟ ସାଧୁ ମଦନମୋହନ ଦାସଜୀ ମହାରାଜଙ୍କ ଦ୍ୱାରା ସନ୍ଧ୍ୟାରେ ଭାଗବତ କଥାମୃତ ଲୋକଙ୍କୁ ବିମୋହିତ୍ କରିଥିଲା। ଠିକ୍ ସେହିପରି ପଦ୍ମପୁର ମୁଖ୍ୟ ବଜାର ଶାନ୍ତି ମାର୍କେଟ ଠାରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ଧୁମ୍ ଧାମରେ ପାଳନ ହୋଇଥିଲା। ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶହଶହ ଭକ୍ତ ପ୍ରତ୍ୟେକ ଦିନ ଏଠାରେ ସମାଗମରେ ହୋଇ ମା'ଙ୍କ ଆଶୀର୍ବାଦ ନେବା ସହ ପ୍ରତ୍ୟେକ ଦିନ ଭକ୍ତ ମାନଙ୍କୁ ସାମୂହିକ ପ୍ରସାଦ ସେବନ ପୂଜା କମିଟି ପକ୍ଷରୁ କରାଯାଇଥିଲା। ଠିକ୍ ସେହିପରି ଜାଡିଲି ଗ୍ରାମରେ ମଧ୍ୟ ଖୁବ୍ ଧୁମଧାମରେ ଗଜଲକ୍ଷ୍ମୀ ପୂଜା କରାଯାଇଥିଲା।

## ବିଶ୍ୱ ସଂସ୍କୃତ ଦିବସ ପାଳିତ



କୋରାପୁଟ,୧୨।୧୦(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଙ୍ଘ,କୋରାପୁଟ ପକ୍ଷରୁ ବିଶ୍? ସଂସ୍କୃତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଅର୍ପିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ମହାନ୍ ବିଦ୍ୱାନ ତଥା ଜ୍ୟୋତିର୍ବିତ୍ ପ୍ରଶାନ୍ତ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ , କୋରାପୁଟର ସହ ପ୍ରାଧ୍ୟାପକ ବୀରେନ୍ଦ୍ର ଷଡ଼ଙ୍ଗୀ , ସାରସ୍ୱତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ସଂସ୍କୃତ ପ୍ରେମୀ ଗଣେଶ ଆଚାର୍ଯ୍ୟ , ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାସିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ୧୪ଟି ବ୍ଲକରୁ ୯୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ୫୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ।ସଭା ପ୍ରାରମ୍ଭରେ ଦେବାଶିଷ ପଣ୍ଡାଙ୍କ ବେଦ ପାଠ କରିଥିଲେ। ସଭାପତି ଡ.ଅମିତାଭ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ କୁମାର ମିଶ୍ର ପରିଚୟ ପ୍ରଦାନ କରିଥିବା ବେଳେ ସଙ୍ଘର ସମ୍ପାଦକ ଜ୍ୟୋତିରଂଜନ ନନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ସଂସ୍କୃତ ସୁରକ୍ଷାରେ ସଂସ୍କୃତି ସୁରକ୍ଷା ହୋଇପାରିବ ତଥା ସଂସ୍କୃତ ର ନିୟମିତ ଅଭ୍ୟାସ ଦ୍ୱାରା ଶରୀର ବହୁ ରୋଗରୁ ସୁସ୍ଥତା ଲାଭ କରିପାରିବ ,ଏହି ମୃତ ସଂଜୀବନୀ ଭାଷାର ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ଚର୍ଚ୍ଚା କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଶ୍ରୀମଦ୍ ଭଗବତ ଗୀତା ଓ ନୀତି ଶ୍ଳୋକ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସଂସ୍କୃତ ଅନୁରାଗୀ ଦେବେନ୍ଦ୍ର ମହାପାତ୍ର ଓ ରାଘବ ଦେହୁରୀଙ୍କ ସୁମଧୁର ସଙ୍ଗୀତ ପରିବେଷଣ ତଥା ବିଦ୍ୟାଳୟ ରଛାତ୍ରୀଙ୍କ ନୃତ୍ୟ ସଭା ଶୋଭା ବର୍ଦ୍ଧନ କରିଥିଲା। ଶେଷରେ ତପନ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଷ୍ଟପ୍ରହରୀ ନାମଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୨।୧୦(ସମିସ):



ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର, ନୀତି ପରିଚାଳନା ନିଯୋଗ କାର୍ଯ୍ୟାଳୟରେ ଚଳିତ ୨୦୨୫ ଅଷ୍ଟପ୍ରହରୀ ପାଳନ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ରାଜ ପୁରୋହିତ ତଥା ନିଯୋଗର ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ଚଳିତ ୨୦୨୫ବର୍ଷରେ କାର୍ତ୍ତିକ ମାସର ପୂର୍ଣ୍ଣିମା ନୀତି, ନବରଙ୍ଗପୁର ସହରର ସର୍ବପୁରାତନ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ଅଷ୍ଟପ୍ରହରୀ ନାମ ଯଜ୍ଞ ନୀତି କିଭଳି ସମସ୍ତ ନୀତି କାନ୍ତି ସହିତ ଅତି ସୁରୁଖୁରରେ ପାଳିତ ହେବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କାରଣ ବହୁ ପୂର୍ବରୁ ଅର୍ଥାତ୍ ଆଜିକୁ ୯୦ବର୍ଷରୁ ଅଧିକ ବର୍ଷ ହେବ ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ଅଷ୍ଟପ୍ରହରୀ ନାମ ଯଜ୍ଞ ହେଉଛି। ଚଳିତ ବର୍ଷ ମଧ୍ୟ କାର୍ତ୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ଅର୍ଥାତ୍ ନଭେମ୍ବର ୩ ତାରିଖ ସୋମବାର ଦିନ ସନ୍ଧ୍ୟା ଆରତୀ ପରେ ଅଧିବାସ ନୀତି କରାଯିବ। ପରଦିନ ଅର୍ଥାତ୍ ୪ ନଭେମ୍ବର ଚତୁର୍ଦ୍ଦଶୀ ମଙ୍ଗଳବାର ଦିନ ପ୍ରାତଃ ୮ଟା ରୁ ଆରମ୍ଭ ହୋଇ ୫ନଭେମ୍ବର ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳ ୮ଟା ରେ ନାମ ଯଜ୍ଞ ଏବଂ ନାମ ଜପ ସରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଅର୍ଥାତ୍ ୫ ତାରିଖ ଦିନ ସକାଳ ନୀତି ସରିବା ପରେ ଦଧିହାଣ୍ଡି ଭଞ୍ଜନ ଏବଂ ନଗର କୀର୍ତ୍ତନ ଓ ବିସର୍ଜନ ଆଦି ସମସ୍ତ ନୀତି ସରିବା ପରେ ନବରଙ୍ଗପୁର ଜନସାଧରଣଙ୍କ ପାଇଁ ଏକ ଅନ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା ଏହା ପରେ ଯାଇ ଯଜ୍ଞ କାର୍ଯ୍ୟ ସମାପନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର, ନୀତି ପରିଚାଳନା ନିଯୋଗ ଦ୍ୱାରା ଆୟୋଜିତ ଏହି ପରସ୍ଥିତି ବୈଠକରେ ଦେବୋତ୍ତର ବିଭାଗ ସଭାପତି ଝାଡେଶ୍ୱର ଖାଡଙ୍ଗା, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମ୍ପାଦକ କୁନା ପାତ୍ର, ନିଯୋଗର ଉପ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ନିଯୋଗର ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ , ବିଘ୍ନରାଜ ପାତ୍ର ,ସରୋଜ କୁମାର ପାତ୍ର,ସୁଧାକର ପାଢ଼ୀ, ସତ୍ୟବାଦୀ ଷଡଙ୍ଗୀ , ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଦେବୀ ନାୟକ , ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ନାଥ ଶତପଥୀ, ମୃତ୍ୟୁଞ୍ଜୟ ମହାରଣା , ଏ ସତୀଶ , ଶ୍ରୀଧର ପାତ୍ର , ତ୍ରିପତି ସ୍ୱାଇଁ ,ରଞ୍ଜୁ ରଥ, ବାବୁ ସାହୁ, ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ରହି ଥିଲେ।

## କୁନ୍ଦୁରା ବ୍ରାହ୍ମଣ ସମାଜର ସମାବେଶ

କୁନ୍ଦୁରା, ୧୨।୧୦(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗର ପାଉଁଶି ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ଠାରେ କୁନ୍ଦୁରା ବ୍ଲକ ବ୍ରାହ୍ମଣ ସମାଜର ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ରାଧାନାଥ ଭଟ୍ଟଙ୍କ ଅଧ୍ୟକ୍ଷତାରେ ଏହି ମହା ସମାବେଶ ଆୟୋଜିତ ହୋଇଥିଲା। ବୈଠକରେ ବ୍ରାହ୍ମଣ ସମାଜର ବିଭିନ୍ନ ଦିଗରେ ଉନ୍ନତି ବିଷୟରେ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନବଗଠିତ କର୍ମକର୍ତ୍ତା ମଧ୍ୟରେ ତୃତୀୟ ଥର ପାଇଁ ସଭାପତି ଭାବେ ରାଧାନାଥ ଭଟ୍ଟଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭାପତି ପୁଣି ଥରେ ରାମକୃଷ୍ଣ ସାବତ, ସମ୍ପାଦକ ରାଧା ପ୍ରସାଦ ପାତ୍ର, କୋଷାଧ୍ୟକ୍ଷ ବିଜୟ କୁମାର ଭଟ୍ଟ, ୫ଜଣ ଉପ ସଭାପତି ମାନେ ହେଲେ ଚନ୍ଦ୍ର ଶେଖର ରଥ , କୃଷ୍ଣ ଚନ୍ଦ୍ର ଦାସ ,ବଦ୍ରିନାରାୟଣ ଆଚାର୍ଯ୍ୟ, ରତ୍ନାକର ମିଶ୍ର ,ତ୍ରିନାଥ ପଣ୍ଡା ୫ଟି ସହ ସମ୍ପାଦକ ଗୋପାଳ ସାବତ, ବିଶ୍ୱମ୍ବର ପଣ୍ଡା, ସୁରେନ୍ଦ୍ର ଅଧିକାରୀ, ଦିଲୀପ କୁମାର ସାହୁ, ସୁଧିର ସାବତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀ ଭାବେ ଉଦୟନାଥ ସାହୁ, ନରସିଂହ ସାହୁ, ଭବାନୀ ଶଙ୍କର ରଥ, ସୁବାସ ପାଟ୍ଟଯୋଶି , ପ୍ରଦିପ ଦାସ , ଉପେନ୍ଦ୍ର ପାଣିଗ୍ରାହୀ, ଗୁପ୍ତେଶ୍ୱର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି। ଆଇନ ପରାମର୍ଶ ଦାତା ଭାବେ କିଶୋର ଚନ୍ଦ୍ର ମିଶ୍ରଙ୍କୁ ଚୟନ କରାଗଲା। ବ୍ରାହ୍ମଣ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ନବ ନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ଉପ ଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମୂହିକ ବ୍ରତୋପନୟନ ଓ ଗରିବ ଅସହାୟକୁ ସହାୟତା ଉପରେ ସମାଜ ଗୁରୁତ୍ୱ ଦେଉଥିବା ପରାମର୍ଶ ଦାତା ଉଦୟ ନାଥ ସାହୁ କହିଛନ୍ତି।

## ନୈତିକ ଶିକ୍ଷା ଓ ସ୍ୱଦେଶୀ ବୈଠକ



ଗୁଡ଼ାରୀ,୧୨।୧୦(ସମିସ): ଗୁଡ଼ାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗୁଣୁପୁର ସଙ୍କୁଳସ୍ତରୀୟ ବନ୍ଦନା ଅଭ୍ୟାସ, ନୈତିକ ଶିକ୍ଷା ଓ ସ୍ୱଦେଶୀ ବୈଠକ ରବିବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୭ଟି ଶିଶୁ ବିଦ୍ୟା ମନ୍ଦିରର ମୋଟ ୨୪ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଉପସ୍ଥିତ ଥିଲେ। ୭ଜଣ ପ୍ରଧାନ ଆଚାର୍ଯ୍ୟ ଭାଗ ନେଇଥିଲେ। ୧୧ ଓ ୧୨ ତାରିଖ ଦୁଇ ଦିନି ମଧ୍ୟରେ ପ୍ରଶିକ୍ଷଣ ଶିବିରଟି ଅନୁଷ୍ଠିତ ହୋଇଛି। ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ. ସତୀଶ ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ମଞ୍ଚାସୀନ ରହିଥିଲେ ସଙ୍କୁଳ ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ, ଶିଶୁ ମନ୍ଦିର, ଗୁଡ଼ାରୀ ସଭାପତି କୃଷ୍ଣ ପ୍ରସାଦ ସାହୁ , ସମ୍ପାଦକ ପ୍ରଫୁଲ୍ଲ ଦେଓ , ଯୁଗ୍ମ ସମ୍ପାଦକ ନୀଳାମ୍ବର ଶବର, ଉପସଭାପତି ଗୋପୀନାଥ ଗୌଡ଼। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁ ମଞ୍ଚାସିନ ଅଧିକାରୀ ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଗୁଡ଼ାରୀ ଶିଶୁ ମନ୍ଦିର ସଭ୍ୟା ନିୟତି ଜେନା, ମାତୃ ଭାରତୀ ସଭାପତି ବବିତା ତୁଳ ଓ ରାୟଗଡ଼ା ଜିଲ୍ଲା ସହପ୍ରମୁଖ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

## ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ୍ କର୍ମଚାରୀ ଫୋରମର ସାମ୍ବାଦିକ ସମ୍ମିଳନୀ



କୋରାପୁଟ,୧୨।୧୦(ସମିସ): ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ଠାରେ ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ୍ ନିୟମିତ ସେବା ନିବୃତ୍ତ କର୍ମଚାରୀ ଫୋରମ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ରାଜ୍ୟ ଇଞ୍ଜିନିୟରି ୱାର୍କଚାର୍ଜଡ଼ ନିୟମିତ ସେବା ନିବୃତ୍ତ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ୨୨୭୬୪/୧୯୯୭ ଅନୁସାରେ ୧୦ ବର୍ଷ ଏବଂ ୱାର୍କଚାର୍ଜଡ୍ ନିୟମ ସର୍ତ୍ତାବଳୀ ଅନୁସାରେ ୫ ବର୍ଷ ଚାକିରି ପୂରଣ ହୋଇ ସାରିଥିବା ଇଞ୍ଜିନିୟରି ବିଭାଗର ପେନସନ ଯୋଗ୍ୟ ଅବହେଳିତ ବ୍ରଟ ଓଭର ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀଙ୍କ ସମୁଦାୟ ଚାକିରି କାଳକୁ ହିସାବକୁ ନେଇ ପେନସନ ନିୟମ ୧୯୯୨ ଭୁକ୍ତ କରି ଅବସରକାଳୀନ ପେନସନ ସହିତ ଗ୍ରାଚ୍ୟୁଇଟି ଅଧିନିୟମ ୧୯୭୨ପ୍ରଦାନ କରିବା ପାଇଁ ଦାବି ହୋଇଛି। ୩୦ରୁ ୪୦ ବର୍ଷ ନିରବଚ୍ଛିନ୍ନ ଚାକିରି କରିଥିବା ଇଞ୍ଜିନିୟରି ବିଭାଗର ବ୍ରଟଓଭର ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀ ଅବସର ପରେ କୌଣସି ସାମାଜିକ ନିରାପତ୍ତା ବା ସାମାଜିକ ସୁରକ୍ଷା ପାଇ ପାରୁନାହାନ୍ତି। ଯାହା ଫଳରେ ସେମାନେ ଅଭାବ ଅନାଟନରେ ଜୀବନ ଅତିବାହିତ କରୁଛନ୍ତି। ରାଜ୍ୟରେ ସରକାର ରାଜ୍ୟ ଇଞ୍ଜିନିୟରି ୱାର୍କଚାର୍ଜଡ଼ ନିୟମିତ ସେବା ନିବୃତ୍ତ କର୍ମଚାରୀ ଫୋରମଙ୍କ ଦୁଃଖ ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଅବସରକାଳୀନ ପେନସନ ସହିତ ଗ୍ରାଚ୍ୟୁଇଟି ପ୍ରଦାନ କରିବା ପାଇଁ ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ସଂଘର ସଭାପତି ରଣଜିତ ମହାନ୍ତି, ନଗର ଉନ୍ନୟନ ବିଭାଗ କର୍ମଚାରୀ ସଙ୍ଘ ର ସଭାପତି ପ୍ରଶାନ୍ତ କୁମାର ମହାନ୍ତି,ସମ୍ପାଦକ ଅଶୋକ କୁମାର ମୁଦୁଲି, ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଙ୍ଘ ର ସଭାପତି କୃଷ୍ଣଚନ୍ଦ୍ର ନାୟକ, ସମ୍ପାଦକ ଚିତ୍ତ ରଞ୍ଜନ ମହାରଣା, ଜଳ ସମ୍ପଦ ବିଭାଗ କର୍ମଚାରୀ ସଙ୍ଘ ସଭାପତି ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ଅଜିତ କୁମାର ଦାସ, ପଞ୍ଚାୟତରାଜ ଜିଲ୍ଲା ସଭାପତି କ୍ଷିତୀଶ ମିତ୍ର, ସମ୍ପାଦକ ଆଶିଷ ନନ୍ଦ, ପୂର୍ତ୍ତ ବିଭାଗ ସଂଗଠନ ର ସଦସ୍ୟ କପିଳେଶ୍ୱର ବାରିକ, କଲ୍ୟାଣ ମହାରଣା,ସୁକାନ୍ତ ମହାରଣା, ପ୍ରଦୀପ କୁମାର ନିଶା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମହାରଣା ସହଯୋଗ କରିଥିଲେ।

## ମହାସଭାକୁ ନିର୍ବାଚିତ ସଭ୍ୟ ସଭ୍ୟାଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୧୨।୧୦(ସମିସ): ଜଇଲୁମ ଅନ୍ତର୍ଗତ କୋରାପୁଟ ପ୍ରଧାନ ମଣ୍ଡଳୀ ଚାପଶିଲ ଗୀର୍ଜା ଗୃହ ଠାରେ ମହାସଭାକୁ ନିର୍ବାଚିତ ହୋଇଥିବା ସଭ୍ୟ ସଭ୍ୟା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଛି। ରେଭ ପାଳକ ବିରଞ୍ଚି ଖୋସଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଖ୍ରୀଷ୍ଟଧର୍ମ ନିୟମ ଅନୁଯାଇ ବାଇବଲ ପଠନ କରି ପ୍ରାର୍ଥନା ସହ ନିର୍ବାଚିତ ହୋଇଥିବା ସଭ୍ୟ ସଭ୍ୟା ମାନଙ୍କୁ ପରାମର୍ଶ ଦେଇ ଆଗାମୀ ଦିନରେ ତାଙ୍କ କାର୍ଯ୍ୟ ଶୁଭଙ୍କର ହେବା ନିମନ୍ତେ ପ୍ରଭୁ ଯୀଶୁ ଠାରେ ପ୍ରାର୍ଥନା କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାଳକ ରଶ୍ମି ରଞ୍ଜନ ଲିମା,ପାଳକ କୁନ୍ତଳା ଖୋସଲା, ପାଳକ ବିପିନ ମୟୁର,ବସନ୍ତ ନିଧି ଖୋସଲା, କୁମାର ହିଆଲ, ଯୀଶୁଦାନ ଖୋସଲା,ମୁନା କୁଳିଦୀପ, ମହେନ୍ଦ୍ର କୁଳଦୀପ, ବାବୁଲା ବେନିୟା, ମୁକ୍ତାମଣି ଖରା, ଶେଫାଳି ବେନ୍ୟା,ପ୍ରବୀଣ ନାଗ, ନଜରୀତା ଖୋସଲା, ପ୍ରଫୁଲ୍ଲ ବାଘ, ଅନିଲ ଖୋସଲା, ପ୍ରଧାନମଣ୍ଡଳୀର ପରାମର୍ଶ ଦାତା ଜଗଦୀଶ ଖୋସଲାଙ୍କ ସମେତ ଗ୍ରାମ୍ୟ ମଣ୍ଡଳୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବର୍ତ୍ତମାନ ସେଣ୍ଟ୍ରାଲ ଅନ୍ତର୍ଗତ ଜଇଲୁ ମଣ୍ଡଳୀ (ଅନୁଷ୍ଠାନ) ସ୍ଥିତି ଅତି ଶୋଚନୀୟଅବସ୍ଥା ଅଛି ।ସେଥିପାଇଁ ଯେଉଁ ଆଠଟି ତାଲୁକ ମଣ୍ଡଳୀ ଆମକୁ ନିର୍ବାଚିତ କରି ମହାସଭାକୁ ପ୍ରେରଣ କରିଥିବା ହେତୁ ଆଠଟି ତାଲୁକ ମଣ୍ଡଳୀର ସମସ୍ତ ସଭା ସଭ୍ୟାଙ୍କୁ ଧନ୍ୟବାଦ ଦେଇ. ଜଇଲୁମ ଅନୁଷ୍ଠାନର ସ୍ୱଚ୍ଛ ଓ ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ନିର୍ବାଚିତ ସଭ୍ୟ ସଭ୍ୟା ମାନେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଗ୍ରାମ୍ୟ ମଣ୍ଡଳୀର ସଭାପତି ଯୀଶୁଦାନ ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ସତ୍‌ସଙ୍ଗ ଟୁଙ୍ଗୀର ଉଦ୍‌ଘାଟନ ଉତ୍ସବ



କୋରାପୁଟ,୧୨।୧୦(ସମିସ) କୋରାପୁଟ ବ୍ଲକ ଅନ୍ତର୍ଗତ କେନ୍ଦାର ଗ୍ରାମପଞ୍ଚାୟତର ଫୁଲପଦର ଗ୍ରାମ ଠାରେ ଶ୍ରୀ ପଦ୍ମାବତୀ ନାମ ସଂକୀର୍ତ୍ତନ ଭାଗବତ ସତ୍‌ସଙ୍ଗ ଟୁଙ୍ଗୀର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଡମ୍ବରୁଧର ନାୟକ, ବ୍ଲକ ସଭାପତି ଯୋଗେଶ ଖିଲ, ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ଉପସଭାପତି ମାଧବ ପୁଜାରୀ କୋଷାଧ୍ୟକ୍ଷ ଟଙ୍କଧର ମୁଖୀ ଓ ବ୍ଲକ କମିଟିର ସମସ୍ତ ସଦସ୍ୟ ଏବଂ ସଂକୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ଗ୍ରାମର ଶତାଧିକ ପୁରୁଷ ମହିଳା ଉପସ୍ଥିତ ରହି ଉଦଘାଟନ ଉତ୍ସବରେ ଭାଗ ନେବା ସହିତ ସଂକୀର୍ତ୍ତନରେ ଯୋଗ ଦେଇଥିଲେ।

# ୮ ନୀଳଗିରି ଗଛ ଜବତ

ଜୟପୁର,୧୨।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର କୁମୁଲିପୁଟ ଗ୍ରାମପଞ୍ଚାୟତର ଡାଙ୍ଗରା ଗ୍ରାମ ଠାରେ ଗ୍ରାମ୍ୟ ଜଙ୍ଗଲରୁ ୮ଟି ନୀଳଗିରି ଗଛ ବିନା ଅନୁମତିରେ କଟାଇଯାଇଥିବା ନେଇ ଗ୍ରାମର ଗୋଟିଏ ଗୋଷ୍ଠୀର ଲୋକମାନେ ଅଭିଯୋଗ କରିଥିଲେ। ଖବରପାଇ ଆଜି ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କଟାଯାଇ ଗ୍ରାମ୍ୟ ଜଙ୍ଗଲରେ ରଖାଯାଇଥିବା ଉକ୍ତ ଗଛ ଗୁଡିକକୁ ଜବତ କରିବା ସହ ଜୟପୁର ବନ ବିଭାଗ ରେଞ୍ଜର କାର୍ଯ୍ୟାଳୟରେ ରଖିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଜମି ରାଜସ୍ୱ ବିଭାଗର ଅଧିନରେ ରହିଥିବା ଯୋଗୁଁ ବନ ବିଭାଗ ଏବଂ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ତହସିଲଦାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ। କିନ୍ତୁ ଏହିପରି ନୀଳଗିରି ଗଛ ବିନା ଅନୁମତିରେ ଗ୍ରାମର ଗୋଟିଏ ଗୋଷ୍ଠୀ ପକ୍ଷରୁ କଟାଯାଇଛି ବୋଲି ଅନ୍ୟ ଗୋଷ୍ଠୀ ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ପୂର୍ବରୁ ଗ୍ରାମ୍ୟଜଙ୍ଗଲ ଜମିରୁ ଏହିପରି ଗଛ କାଟିବା ସହ ମନ୍ଦିର ନିର୍ମାଣ ପାଇଁ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲେ ସୁଦ୍ଧା ଉକ୍ତ ଟଙ୍କା ମନ୍ଦିର ନିର୍ମାଣ ପାଇଁ ପ୍ରଦାନ କରାଯାଇନାହିଁ। ପୁଣି ଗତକାଲି ୮ଟି ନୀଳଗିରି ଗଛ କାଟିବା ଯୋଗୁଁ ଗ୍ରାମ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହିପରି ଗଛ କଟାଯାଇ ରଖାଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର ଲୋକ ମାନେ ବନ ଏବଂ ରାଜସ୍ୱ ବିଭାଗକୁ ସୂଚନା ଦେବା



ପରେ ଘଟଣାସ୍ଥଳରେ ଉଭୟ ବିଭାଗ ପହଞ୍ଚି ତଦନ୍ତ କରିବା ସହ ବନବିଭାଗ ପକ୍ଷରୁ କଟାଯାଇଥିବା ଗଛ କାଠ ଜବତ କରାଯାଇଛି। ଏଥିନେଇ ଡେପୁଟି ରେଞ୍ଜର ମାନସ ରଞ୍ଜନ ନାୟକ କହିଛନ୍ତି ଯେ, ଖବର ପାଇବା ପରେ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରାଯାଇଥିଲା। ଗ୍ରାମ୍ୟ ଜଙ୍ଗଲରେ ବିନା ଅନୁମତିରେ କଟାଯାଇଥିବା ଗଛ ଗୁଡ଼ିକ ପଡରହିଥିଲା । ତେଣୁ ତୁରନ୍ତ ଏହାକୁ ଜବତ କରାଯାଇଛି। ଏଥିନେଇ ତହସିଲଦାରଙ୍କ ରିପୋର୍ଟ ପ୍ରଦାନ କରାଯିବ ଏବଂ ଗଛ କାଟିଥିବା ଲୋକଙ୍କୁ ଠାବ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ପ୍ରକୃତି ସବୁବେଳେ ଉତ୍ସାହର ରଙ୍ଗ ପରିଧାନ କରେ।
-ଆର ୱାଲ୍‌ଡୋ ଇମରସନ୍

ସକାଳ
THE SAKALA

## ଗଣତନ୍ତ୍ରକୁ ନୋବେଲ୍ ସ୍ୱୀକୃତି

ଗତ ୧୧ ତାରିଖରେ ଆଞ୍ଚଳିକ ଗଣମାଧ୍ୟମରେ ଗଣତନ୍ତ୍ର ସମ୍ପର୍କିତ ଦୁଇଟି ବିପରୀତଧର୍ମୀ ଖବର ପ୍ରକାଶ ପାଇଛି। ଭେନେଜୁଏଲାରେ ଗଣତନ୍ତ୍ର ଶାସନର ପ୍ରତିଷ୍ଠା ପାଇଁ ଦୀର୍ଘବର୍ଷ ଧରି ସଂଗ୍ରାମ କରିଆସୁଥିବା ମାରିନା କୋରିନା ମାଚାଡ଼ୋଙ୍କୁ ଚଳିତ ବର୍ଷର ଶାନ୍ତି ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଅପରପକ୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଆମ ବରଗଡ଼ ଜିଲ୍ଲାର ଜଣେ ସରପଞ୍ଚ ବ୍ୟବସ୍ଥାଚକ୍ରରେ ଅତିଷ୍ଠ ହୋଇ ପଦବୀରୁ ଇସ୍ତଫା ଦେଇଛନ୍ତି ଏବଂ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରୁ ନିଜକୁ ଦୂରେଇ ନେଇ ପୁରୁଣା ପେସା(ଅଟୋଚାଳକ)କୁ ଆପଣେଇ ନେବାକୁ ଉଚିତ ମଣିଛନ୍ତି। ଆନ୍ତର୍ଜାତିକ ଓ ଆଞ୍ଚଳିକ ପରି ଆକାଶପାତାଳସ୍ତରୀୟ ଏହି ଦୁଇଘଟଣାରେ ଅନେକ ସଂଗତି ଓ ବିରୋଧାଭାସ ରହିଛି, ଯାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁଦୂରବିସ୍ତାରୀ ଓ ପ୍ରଭାବଶାଳୀ ସଂକେତ ଦେଉଛି।

ଏହା ଅସ୍ୱୀକାର କରିବାର ନାହିଁ ଯେ 'ଗଣଙ୍କ ଦ୍ୱାରା' ପ୍ରତିଷ୍ଠିତ ଗଣତନ୍ତ୍ର ଆଉ ଗୋଟାପଣେ 'ଗଣଙ୍କର' ନ ହୋଇ ଶାସକ-ସ୍ୱାର୍ଥକୈନ୍ଦ୍ରିକ ହେବାରେ ଲାଗିଛି। ପ୍ରଚ୍ଛନ୍ନ ଅର୍ଥବଳ, ବାହୁବଳ ଓ ଗୋଷ୍ଠୀତନ୍ତ୍ର ପ୍ରଭାବରେ ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଅବାଧ ଓ ସ୍ୱଚ୍ଛ ବୋଲି ଜୋର ଦେଇ କହି ହେଉନାହିଁ। ଆଜିର ଶାସନ ବ୍ୟବସ୍ଥାରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ କାୟାବିସ୍ତାର କରିଚାଲିଥିବାରୁ ସ୍ୱାଭାବିକ ଭାବେ ସ୍ୱଚ୍ଛ, ନିରପେକ୍ଷ, ସାଧୁ, ସଚ୍ଚୋଟ ଜନପ୍ରତିନିଧିଟିଏ ବ୍ୟବସ୍ଥା ଉପରୁ ଆସ୍ଥା ତୁଟାଇ ଦେଉଛି, ଯାହା ବରଗଡ଼ ଜିଲ୍ଲା ବରହାଗୋଡ଼ାରେ ଦେଖିବାକୁ ମିଳିଛି। ଏଭଳି ଘଟଣାର ପୌନଃପୁନିକତା ଯୋଗୁଁ ଗଣତନ୍ତ୍ର ଉପରୁ ଜନତାଙ୍କ ଆସ୍ଥା ଓ ଭରସା ତୁଟି ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଗଣତନ୍ତ୍ରବିରୋଧୀ ମାନସିକତାକୁ ଜନ୍ମ ଦେଉଛି। ତେବେ ସାମ୍ପ୍ରତିକ ବିଶ୍ୱରେ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ବିକଳ୍ପ କ'ଣ? ଏହି ଦ୍ୱନ୍ଦ୍ୱରୁ ମୁକୁଳିବାର ପ୍ରୟାସରେ ମାରିନାଙ୍କ କାହାଣୀ ଏବଂ ତାଙ୍କ ସଂଗ୍ରାମକୁ ନୋବେଲ୍ କମିଟିର ସ୍ୱୀକୃତି ଆଲୋକବର୍ତ୍ତିକାଟିଏ ହୋଇଛି।

ଗଣତନ୍ତ୍ରରୁ ମୁହଁ ଫେରାଇନେବା ବା ପଦପଦବୀରୁ ଓହରିଯିବାର ସମସ୍ୟାର ସମାଧାନ ନୁହେଁ, ବରଂ ବ୍ୟବସ୍ଥା ଭିତରେ ରହି ଆହ୍ୱାନକୁ ସମ୍ମୁଖୀନ ହେବା ହିଁ ସର୍ବୋତ୍କୃଷ୍ଟ ପନ୍ଥା। ଏହି ଅବସରରେ ନୋବେଲ୍ କମିଟି ଉଲ୍ଲେଖ କରିଥିବା ଉକ୍ତି ପ୍ରଣିଧାନଯୋଗ୍ୟ ଏବଂ ସାମ୍ପ୍ରତିକ ବିଶ୍ୱରେ ଅତୀବ ଗୁରୁତ୍ୱପୂର୍ଣ୍ଣ - 'ନିରବ ରହିବାର ବିକଳ୍ପକୁ ପ୍ରତ୍ୟାଖ୍ୟାନ କରିବା, ବିପଦ ଆଶଙ୍କା ସତ୍ତ୍ୱେ ଲଢ଼ିବା ଏବଂ ସ୍ୱାଧୀନତାକୁ କାହାର ଅନୁମୋଦନ ରୂପେ ଗ୍ରହଣ ନ କରିବା ବ୍ୟକ୍ତିଗତ ଚିନ୍ତାଧାରା ଉପରେ ନିର୍ଭରଶୀଳ'। ମେରିଆଙ୍କ ଜୀବନ ମଧ୍ୟ କମ୍ ସଂଘର୍ଷପୂର୍ଣ୍ଣ ନୁହେଁ। ବରହାଗୋଡ଼ା ସରପଞ୍ଚ ଶରତ କୁମ୍ଭାରଙ୍କ ଭଳି ମେରିଆଙ୍କ ଜୀବନ ପ୍ରତି ମଧ୍ୟ ପାଦେ ପାଦେ ବିପଦ ରହିଆସିଛି। ତାଙ୍କ ଉପରେ ଆକ୍ରମଣ ହୋଇଛି, ମାସ ମାସ ଧରି ସେ ଅଜ୍ଞାତବାସରେ ରହିଛନ୍ତି। ତଥାପି ଡରି ନ ଯାଇ ସଂଘର୍ଷ ଜାରି ରଖିଛନ୍ତି। ବୁଲେଟ୍(ଗୁଳି) ନୁହେଁ, ବାଲୋଟ୍(ଭୋଟଦାନ) ହିଁ ଶ୍ରେଷ୍ଠ ଓ ଶକ୍ତିଶାଳୀ - ଏହା ଘୋଷଣଶ ସେ ଦୃପ୍ତ କଣ୍ଠରେ ଏକଛତ୍ରବାଦୀ ଶାସକ ଆଗରେ ବାରମ୍ବାର ଉପସ୍ଥାପନ କରିଛନ୍ତି। ମହିଳା ହୋଇ ମଧ୍ୟ ମେରିଆ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଯେଉଁ ଅସୀମ ଧୈର୍ଯ୍ୟ ଓ ସାହସ ଜୁଟାଇ ପାରିଛନ୍ତି, ତାହାକୁ ନୋବେଲ୍ କମିଟି ସମ୍ମାନ ଜଣାଇଛନ୍ତି। ସାମ୍ପ୍ରତିକ ବିଶ୍ୱରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ହିଁ ସର୍ବଶ୍ରେଷ୍ଠ ବିକଳ୍ପ ଓ ସଦାଜୀବନ୍ତ - ଏହା ପରୋକ୍ଷରେ ନୋବେଲ୍ କମିଟି ୨୦୨୫ ନୋବେଲ୍ ପୁରସ୍କାର ମାଧ୍ୟମରେ ସଙ୍କେତ ଦେଇଛନ୍ତି।

## ଯୁଦ୍ଧବିରତି ଓ ଅର୍ଥନୀତି

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଚାଲିଥିବା ଦୁଇବର୍ଷର ଯୁଦ୍ଧରେ ଆପାତତଃ ବିରାମ ଲାଗିଛି। ବାହୁବଳ, ସାମ୍ପ୍ରଦାୟିକତା ଓ ଅହଂକାରର ଏହି ଲଢ଼େଇରେ ପ୍ରାୟ ୭୦ ହଜାର ନିରୀହ ଜୀବନ ଯିବା ଏବଂ ଯୁଦ୍ଧପୀଡ଼ିତଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯିବା ହିଁ ସାର ହୋଇଛି। ଯୁଦ୍ଧରେ ଭିତ୍ତିଭୂମି ଓ ମାନବିକତାର ଯେଉଁ କ୍ଷୟକ୍ଷତି ଘଟିଲା, ତାହା କୌଣସି ଯୁଦ୍ଧ ପକ୍ଷର ନୁହେଁ, ବରଂ ସମଗ୍ର ବିଶ୍ୱର, ମାନବସଭ୍ୟତାର। ଏଥିପାଇଁ ଉତ୍ତରଦାୟୀ ହେବ କିଏ? ଏହି ପ୍ରଶ୍ନର ଉତ୍ତର କ୍ରିୟା-ପ୍ରତିକ୍ରିୟା ତତ୍ତ୍ୱ ଭିତରେ ସବୁଦିନ ପାଇଁ ଲୁଚିଯିବ। ଯୁଦ୍ଧବିରତିର ଶ୍ରେୟ ଯିଏ ବା ନିଅନ୍ତୁ ନା କାହିଁକି ଏବଂ ତା'ପଛରେ ଯାହା ବି କାରଣ ଥାଉ ନା କାହିଁକି ସମଗ୍ର ଏସିଆ ଭୂଖଣ୍ଡ ପ୍ରତି ଏହା ଏକ ମଙ୍ଗଳପ୍ରଦ।

ଯୁଦ୍ଧବିରତି ମଧ୍ୟପ୍ରାଚ୍ୟ ସହିତ ଭାରତୀୟ ଅର୍ଥନୀତି ପାଇଁ ମଧ୍ୟ ପ୍ରୀତିପ୍ରଦ। ଇସ୍ରାଏଲ୍-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ନୌବାଣିଜ୍ୟ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା। ଲୋହିତ ସାଗରରେ ୟେମେନ୍ ସମର୍ଥିତ ହାଉଥି ଜଳଦସ୍ୟୁମାନଙ୍କର ଆକ୍ରମଣ ଭୟରେ ପଣ୍ୟବାହୀ ଜାହାଜମାନେ 'କେପ୍ ଅଫ୍ ଗୁଡ୍ ହୋପ୍' ପଥ ଦେଇ କାରବାର କରିବାକୁ ପଡୁଥିଲା, ଯାହାଫଳରେ ପରିବହନ ଖର୍ଚ୍ଚ ପ୍ରାୟ ତିନିଗୁଣା ବଢ଼ିଥିଲା। ଯୁଦ୍ଧବିରତି ପରେ ଲୋହିତ ସାଗର ଦେଇ ସୁଏଜ୍ କେନାଲ୍ ପଥ ବିପଦମୁକ୍ତ ହେବା ଆଶା କରାଯାଉଥିବାରୁ ସେହି ପଥ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାର ସବୁଠାରୁ ବଡ଼ ଲାଭ ଭାରତର ରପ୍ତାନୀ ବାଣିଜ୍ୟ ପାଇବ। ୟୁରୋପ, ଆମେରିକା, ଆଫ୍ରିକା, ପଶ୍ଚିମ ଏସିଆକୁ ରପ୍ତାନି ହେଉଥିବା ଭାରତୀୟ କୃଷି, ବୟନ, ଜୋତା, ସାମୁଦ୍ରିକ ଉତ୍ପାଦର ପରିବହନ ମୂଲ୍ୟ ହ୍ରାସ ପାଇଲେ ବିଶ୍ୱ ବଜାରରେ ଚାହିଦା ବଢ଼ିବ, ଯାହାର ଲାଭ ଭାରତୀୟ ଅର୍ଥନୀତିକୁ ମିଳିବ। ତେବେ ଏହାର ସ୍ଥାୟିତ୍ୱ ନିର୍ଭର କରୁଛି ଇସ୍ରାଏଲ୍-ହମାସ୍ ପ୍ରତ୍ୟର୍ପଣ ଚୁକ୍ତିର କାର୍ଯ୍ୟକାରିତା ଉପରେ। ତେଣୁ ଏବେ ଭାରତର ରପ୍ତାନି ବାଣିଜ୍ୟ କେବଳ ଏକ ଆଶାରେ ରହିଛି।

ପରିକଳ୍ପିତ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପୀୟ କରିଡର ବାସ୍ତବ ରୂପ ନେବା ପର୍ଯ୍ୟନ୍ତ ଏଭଳି ଅନିଶ୍ଚିତତା ଜାରି ରହିବ। ଭାରତର ଆଉ ଏକ ବାଧ୍ୟବାଧକତା ହେଉଛି ଏ ପର୍ଯ୍ୟନ୍ତ ବହିଃବାଣିଜ୍ୟ ବିଦେଶୀ ଜାହାଜ ଉପରେ ନିର୍ଭରଶୀଳ। ସେ ବାବଦରେ ଭାରତରୁ ସାମଗ୍ରିକ ଭାବେ ବାର୍ଷିକ ୭୫୦୦ ଡଲାର ବିଦେଶୀ ଜାହାଜ ଖାତାକୁ ଯାଉଛି। ତେଣୁ ଏ ଦିଗରେ ମଧ୍ୟ ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଏକ ଐତିହାସିକ ବିଡ଼ମ୍ବନା

ଆଇନର ଭୁଲ୍ ତର୍ଜମା, ରୂପାୟନରେ ପ୍ରଶାସନିକ ତ୍ରୁଟି ଏବଂ ଅଭିଯୋଗ ସମାଧାନରେ ସରକାରୀ ଅବହେଳା କିଭଳି ମହତ୍ ଉଦ୍ଦେଶ୍ୟରେ ପ୍ରଣୀତ ଆଇନ୍ ଉପରେ ଖଳନାୟକର ଅପବାଦ ଲଦି ଦିଏ ତାହାର ପ୍ରକୃଷ୍ଟ ଉଦାହରଣ ହେଉଛି ଜଙ୍ଗଲ ସୁରକ୍ଷା ଆଇନ ୨୦୦୬(ଏଫ୍‌ଆରଏ)। ଜଙ୍ଗଲ ଜମି ଉପରେ ଆଦିମ ଜନଜାତିଙ୍କର ଅଧିକାରକୁ ବୈଧ କରିବା ପାଇଁ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ(ମାନ୍ୟତା ଓ ଜଙ୍ଗଲ ଅଧିକାର)-୨୦୦୬' (ସଂକ୍ଷେପରେ 'ଜଙ୍ଗଲ ଅଧିକାର ଆଇନ-୨୦୦୬) ଦ୍ୱାରା ହିଁ ଅଧିକାଂଶ ବନବାସୀଙ୍କୁ ସେମାନଙ୍କ ପ୍ରକୃତି ମାଆ କୋଳରୁ ବିତାଡ଼ିତ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି।

ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ୨୦୧୯ ଫେବୃୟାରୀ ମାସ ୧୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଲେ ଯେ ଏଫ୍‌ଆରଏ ଆଧାରରେ ଯେଉଁ ଜନଜାତିମାନେ ଜଙ୍ଗଲ ଜମି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି ତୁରନ୍ତ ସେମାନଙ୍କୁ ଜଙ୍ଗଲରୁ ବିସ୍ଥାପିତ କରାଯାଉ। କିନ୍ତୁ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହେବା ପରେ ରାୟର ପୁନର୍ବିଚାର ଆବେଦନକୁ ନ୍ୟାୟାଳୟ ଗ୍ରହଣ କଲେ ଏବଂ ପ୍ରତ୍ୟାଖ୍ୟାତ ଦାବିଗୁଡ଼ିକର ପୁନର୍ବିଚାର କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଲେ। ଏଥିସହିତ ଜଙ୍ଗଲ ଜମିରେ ଅଧିକାର ଦାବି ଖାରଜ ହୋଇଥିବା ଜନଜାତିଙ୍କୁ ଉଚ୍ଛେଦ ରାୟ ସ୍ଥଗିତ ରହିଲା। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାରମାନେ ଖାରଜ ଦାବିଗୁଡ଼ିକର ପୁନଃସମୀକ୍ଷା କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆଦିମ ଜନଜାତିଙ୍କ ଜଙ୍ଗଲ ସମ୍ପଦ ଉପରେ ଅଧିକାରର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସତ୍ୟତମ ତଥ୍ୟ ଅନୁଯାୟୀ ତେଲଙ୍ଗାନା, ଓଡ଼ିଶା, ଗୁଜରାଟ, ମହାରାଷ୍ଟ୍ର, ଆସାମ୍, କର୍ଣ୍ଣାଟକ, ଝାଡ଼ଖଣ୍ଡରେ ସର୍ବାଧିକ ବିଚାରାଧୀନ ମାମଲା ରହିଛି। ୨୦୨୫ ଜୁନ୍ ୧ ତାରିଖ ସୁଦ୍ଧା ୫୧ ଲକ୍ଷ ୨୩ ହଜାର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଆବେଦନ ଆସିଥିବା ବେଳେ ମାତ୍ର ୨୫ ଲକ୍ଷ ୧୧ ହଜାର ଦାବିକୁ ସ୍ୱୀକୃତି ଦିଆଯାଇଛି। ୭ ଲକ୍ଷ ୪୯ ହଜାର ଦାବି ବିଚାରାଧୀନ ଥିବା ବେଳେ ୧୮ ଲକ୍ଷ ୬୨ ହଜାର ଦାବି ଖାରଜ କରାଯାଇଛି। ତେଲଙ୍ଗାନାରେ ସର୍ବାଧିକ ୩ ଲକ୍ଷ ୨୯ ହଜାର ଦାବି ବିଚାରାଧୀନ ଥିବା ବେଳେ ତା'ପଛକୁ ଓଡ଼ିଶାରେ ୧ ଲକ୍ଷ ୨୦ ହଜାର, ଆସାମ୍‌ରେ ୯୬ ହଜାର, ଗୁଜରାଟରେ ୮୪ ହଜାର, ମହାରାଷ୍ଟ୍ରରେ ୨୮ ହଜାର ଦାବି ବିଚାରାଧୀନ ରହିଛି। ପ୍ରତିଶତ ହିସାବରେ ତର୍ଜମା କଲେ ଗୋଆରେ ସର୍ବାଧିକ ୮୭%, ହିମାଚଳ ପ୍ରଦେଶରେ ୮୪.୫% ଓ ଆସାମରେ ୬୨% ଦାବି ବିଚାରାଧୀନ ରହିଛି।

ଏବେ ଓଡ଼ିଶା ବିଷୟ ଆଲୋଚନା କରିବା। ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ ୧୩ଟି ବିଶେଷ ଭାବରେ ଦୁର୍ବଳ ବା ଅବକ୍ଷୟମୁଖୀ(ପିଭିଟିଜି)। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ଆଦିବାସୀ ଜନସଂଖ୍ୟା ୯୫ ଲକ୍ଷ ୯୦ ହଜାର ୭୫୬ ରହିଥିବା ବେଳେ ମୋଟ ଜନସଂଖ୍ୟାରେ ଏମାନଙ୍କ ଭାଗ ୨୨.୮୫ ପ୍ରତିଶତ। ଓଡ଼ିଶାରେ ଅଦ୍ୟାବଧି ୪.୫୬ ଲକ୍ଷ ଜନଜାତିଙ୍କୁ ଏଫଆରଏ ବଳରେ ବ୍ୟକ୍ତିଗତ ଜମି ପଟ୍ଟା ପ୍ରଦାନ କରାଯାଇଛି। ୧୮ ହଜାର ପିଭିଟିଜି ବର୍ଗର ଜନଜାତିଙ୍କୁ ୩୧ ହଜାର ୫୪୧ ଏକର ଜଙ୍ଗଲ ଜମିରେ ଅଧିକାର ମିଳିଥିବା ବେଳେ ୫ ହଜାର ୮୦୭ ଗାଁକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଏବଂ ୪ ହଜାର ୨୭୮ ଗାଁକୁ ଗୋଷ୍ଠୀ ବନ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି। ବନବାସୀଙ୍କ ୩ ଲକ୍ଷ ୪୨ ହଜାର ୨୮୮ ଟି ଖତିଆନକୁ ସରକାରୀ ନଥିପତ୍ରରେ ରେକର୍ଡଭୁକ୍ତ କରାଯାଇଥିବା ସୂଚନା ମିଳିଛି। ୧ ଲକ୍ଷ ୪୪ ହଜାର ୧୭୫ ହଜାର ଦାବି ନାକଚ ହୋଇଛି। ଦାବି ଉପସ୍ଥାପନ କରିପାରିନଥିବା ଅନେକ ଜନଜାତିଙ୍କ ସଂଖ୍ୟା ଜଣାପଡ଼ିନାହିଁ। ଏହି ସମସ୍ୟାର ସମାଧାନ ବା ଦାବି ପ୍ରତ୍ୟାଖ୍ୟାତ ହୋଇଥିବା ଜନଜାତିଙ୍କୁ ଜଙ୍ଗଲରୁ ଉଚ୍ଛେଦ ଆଦେଶର ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ଏହା ଉପରେ ନିର୍ଭର କରୁଛି ଆଦିମ ଜନଜାତିଙ୍କ ଜଙ୍ଗଲ ଜମି ଉପରେ ସ୍ୱତ୍ତ୍ୱାଧିକାରର ନିଶ୍ଚିତତା ଓ ଭବିଷ୍ୟତ। ସୁଖର କଥା ଇତିମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପତ୍ର ଲେଖି ବିଚାରାଧୀନ ମାମଲାଗୁଡ଼ିକର ତୁରନ୍ତ ଫଇସଲା କରିବା ଏବଂ ଏଫ୍‌ଆରଏ କାର୍ଯ୍ୟକାରିତାର ଅଗ୍ରଗତି ସମୀକ୍ଷା କରିବା ପାଇଁ କହିଛନ୍ତି।

ଜଙ୍ଗଲ ଜମିରେ ଅଧିକାର ସାବ୍ୟସ୍ତରେ ବିଫଳତା ଓ ସେମାନଙ୍କୁ ଉଚ୍ଛେଦ ଘଟଣା ପଛର ବହୁବିଧ କାରଣମାନଙ୍କ ମଧ୍ୟରୁ ଆଦିବାସୀମାନଙ୍କ ମଧ୍ୟରେ ଆଇନକାନୁନ୍ ସମ୍ପର୍କରେ ଅଜ୍ଞାନତା, ଡିଜିଟାଲ୍ ସାକ୍ଷରତା ଓ ସଚେତନତାର ଅଭାବ, ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳତା, ଦଲାଲ୍‌ରାଜ, ପ୍ରଶାନିକ ତ୍ରୁଟି, ଆଇନକାନୁନ୍ ତର୍ଜମାରେ ଦୁର୍ବଳତା, ରାଜନୈତିକ ପ୍ରଭାବ ଓ ଭୂମିକା ଆଦି ଅନ୍ୟତମ। ଏଫ୍‌ଆରଏ କାର୍ଯ୍ୟକାରିତାରେ ତ୍ରୁଟି କେବଳ ଆଦିମ ଜନଜାତି ବର୍ଗର ଜଙ୍ଗଲ ଜମି ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ସେମାନଙ୍କ ଭାଷା, ସଂସ୍କୃତି, ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଛି। ଉଦାହରଣ ସ୍ୱରୂପ ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କୁହନ୍ତି। ବିଶେଷଜ୍ଞମାନଙ୍କ ମତରେ ଏହି ଭାଷା ମଧ୍ୟରୁ ୧୩ଟି ବିଲୁପ୍ତପ୍ରାୟ। ସେଥିମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସଉରା, ଗଡ୍‌ବା, ବଡ଼ଗଡ୍‌ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ଅନ୍ୟତମ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସଉରା ଅନ୍ତର୍ଭୁକ୍ତ। ସରକାରୀ ତଥ୍ୟ ଅନୁସାରେ ଆଦିବାସୀ ଭାଷାଗୁଡ଼ିକ ମଧ୍ୟରୁ କେତେକ ବିଲୁପ୍ତ ହୋଇ ସାରିଥିବା ବେଳେ ଆଉ କେତେକ ଅତିଶୟ ବିପନ୍ନ ବର୍ଗରେ ରହିଛି। ସଂପୃକ୍ତ ଭାଷାଭାଷୀଙ୍କ ଜନସଂଖ୍ୟା ବିପଜ୍ଜନକ ଭାବେ କମିଗଲେ କିମ୍ବା ବିସ୍ଥାପନ ଯୋଗୁଁ ବାହ୍ୟ ସଂସ୍କୃତି ଓ ଭାଷାର ପ୍ରଭାବ ଅଧିକ ହେଲେ ଭାଷା ମରିଯାଏ। ଏ କ୍ଷେତ୍ରରେ ମଧ୍ୟ ସମାନ କାରଣ ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ତେବେ ଆଦିବାସୀ ମୂଳଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ପୂରଣ ଅସମ୍ଭବ ମନେହୁଏ।

ଏଫ୍‌ଆରଏ ଆଧାରରେ ଦାବିଗୁଡ଼ିକର ବିଚାର କଲା ବେଳେ କେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଇଛି, ଆଦିବାସୀମାନଙ୍କ ସ୍ୱରକୁ ଗୁରୁତ୍ୱ ଦିଆଯାଇଛି କି ନାହିଁ ବା ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଛି କି ନାହିଁ, ପ୍ରମାଣପତ୍ର ଯୋଗାଡ଼ ପାଇଁ ଆବଶ୍ୟକ ସମୟ ଦିଆଯାଇଛି କି ନାହିଁ, ସେମାନଙ୍କୁ ଆଇନ ବିଷୟରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି କି ନାହିଁ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ବୈଧ ପ୍ରଶାସନିକ ପ୍ରକ୍ରିୟା ଉପରେ ସର୍ବୋଚ୍ଚ ଅଦାଲତ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ମନ୍ତ୍ରଣାଳୟ ଜାତୀୟସ୍ତରରେ କୌଣସି ଏକକ ନିର୍ଦ୍ଦିଷ୍ଟ ନିୟମ ବା ଏକକ ଆଧାର ପ୍ରଣୟନ କରି ନଥିବା ଏବଂ ରାଜ୍ୟମାନେ ଏଫଆରଏ ଉଦ୍ଦିଷ୍ଟ ନିୟମ ଓ ସର୍ତ୍ତାବଳୀ ଅନୁପାଳନ ନ କରି ନିଜସ୍ୱ ଢଙ୍ଗରେ ନିଜ ନିଜ ସୁବିଧା ଅନୁଯାୟୀ ଦାଖଲ ଖାରଜ କରିଥିବା ଜଣାପଡ଼ିଥିଲା। ଜଙ୍ଗଲ ଜମି ଅଧିକାର ଦାବିର ବିଚାର କଲା ବେଳେ ସର୍ବେକ୍ଷଣରେ ତ୍ରୁଟି ରହିଥିବା, ସାଟେଲାଇଟ୍ ଚିତ୍ରର ଉପଯୁକ୍ତ ଅନୁଶୀଳନ କରା ଯାଇନଥିବା ମଧ୍ୟ ସାମ୍ନାକୁ ଆସିଥିଲା। ଏପରିକି ଏହି ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଥିବା ଗ୍ରାମସଭାକୁ ମଧ୍ୟ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବା ଗୁରୁତର ଅଭିଯୋଗ ଆସିଥିଲା। କେତେକ ସ୍ଥାନରେ ଭିତ୍ତିଭୂମି ବିକାଶ ଆଳରେ ବନବାସୀମାନଙ୍କୁ ଜୋରଜବରଦସ୍ତ ବିସ୍ଥାପିତ କରିଦିଆଇଥିବା ଅଭିଯୋଗ ହୋଇଛି।

ଏଫ୍‌ଆରଏର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗଣତାନ୍ତ୍ରିକ ପଦ୍ଧତିରେ ଜଙ୍ଗଲ ସମ୍ପଦ ପରିଚାଳନାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତରରେ ଅଧିକାରକୁ ସ୍ୱୀକୃତି ଦେବାରେ ସ୍ୱଚ୍ଛତା ଅବଲମ୍ବନ କରିବା। ଏଫଆରଏ ଏ କଥା ମଧ୍ୟ ସ୍ୱୀକାର କରିଛି ଯେ ଜଙ୍ଗଲ ଜୈବବିବିଧତାର ସୁରକ୍ଷାରେ ଜନଜାତିମାନଙ୍କର ଅବିଚ୍ଛେଦ୍ୟ ଭୂମିକା ଥିବାରୁ ସେମାନଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ଏବଂ ଜଙ୍ଗଲ ସମ୍ପଦ ଉପରେ କର୍ତ୍ତୃତ୍ୱ ପ୍ରଦାନ ଦିଗରେ ଅଗ୍ରାଧିକାର ଦେବା ବିଧେୟ। ଏହାକୁ ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ ହେବ। ଜାତିସଂଘର ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ଏହି ଐତିହାସିକ ବିଡ଼ମ୍ବନାକୁ ସୁଧାରିବା ଦିଗରେ ପଦକ୍ଷେପ ନେବା ବିଧେୟ।

(ସକାଳ ମିଡିଆ ସର୍ଭିସ୍)

## ପଦାର୍ଥ ବିଜ୍ଞାନରେ ନୋବେଲ୍ ୨୦୨୫

# ଆମେରିକାର ଆଧିପତ୍ୟ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ ଅକ୍ଟୋବର ୭ ତାରିଖରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଘୋଷଣା କରିଛି ଯେ ଏହିବର୍ଷ ପଦାର୍ଥବିଜ୍ଞାନରେ ନୋବେଲ୍ ପୁରସ୍କାର ଦିଆଯିବ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାର୍କ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲି), ମିଚେଲ ଡେଭୋରେଟ୍ (ୟେଲ ବିଶ୍ୱବିଦ୍ୟାଳୟ) ଓ ଜନ୍ ମାର୍ଟିନିସ୍ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାଂଟା ବାରବାରା)ଙ୍କୁ। ସେମାନେ ଏକ ବୈଦ୍ୟୁତିକ ସର୍କିଟରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଟନେଲିଂ ଓ ଏନର୍ଜି କ୍ୱାଣ୍ଟାଇଜେସନ୍ ଦେଖାଇ ପାରିଛନ୍ତି।

କ୍ୱାଣ୍ଟମ୍ ଟନେଲିଂ କ'ଣ? ସାଧାରଣ ଭାବେ ଯଦି ଆମେ ଏକ ବଲ୍ ଉଚ୍ଚ ପାହାଡ଼ ଉପରକୁ ଫିଙ୍ଗିବା, ତେବେ ଏହା ପାହାଡ଼ ଚଢ଼ିପାରିବ ନାହିଁ, ପଛକୁ ଫେରି ଆସିବ। କିନ୍ତୁ କ୍ୱାଣ୍ଟମ୍ ଦୁନିଆରେ ଏକ କଣିକା ତରଙ୍ଗ ସ୍ୱରୂପର ବ୍ୟବହାର କରି ଏହି ପ୍ରତିବନ୍ଧକ ମାଧ୍ୟମରେ ଅନ୍ୟ ପାର୍ଶ୍ୱକୁ ପହଞ୍ଚିପାରେ। ଏହି ଅଦ୍ଭୁତ ଘଟଣାକୁ କ୍ୱାଣ୍ଟମ୍ ଟନେଲିଂ କୁହାଯାଏ। କ୍ୱାଣ୍ଟମ୍ ବିଜ୍ଞାନର ଅନ୍ୟ ମୌଳିକ ଧାରଣା ହେଉଛି ଏନର୍ଜି କ୍ୱାଣ୍ଟାଇଜେସନ୍, ଯେଉଁଥିରେ ଶକ୍ତି ନିର୍ଦ୍ଦିଷ୍ଟ ସ୍ତରରେ ଥାଏ, ମଝିରେ ନୁହେଁ। ଏହା ଏକ ସିଡ଼ି ଚଢ଼ିବା ପରି ଆପଣ ଏକ ଧାପରେ ଠିଆ ହୋଇପାରିବେ, କିନ୍ତୁ ଧାପ ମଧ୍ୟରେ ନୁହେଁ। ନୋବେଲ୍ ବିଜେତାମାନେ ଏହି ଧାରଣାଗୁଡ଼ିକୁ ଏକ ସୁପରକଣ୍ଡକ୍ଟିଂ ଚିପ୍ ମାଧ୍ୟମରେ ପ୍ରୟୋଗ କରିଛନ୍ତି, ଯେଉଁଥିରେ ଜୋସେଫସନ୍ ଜଙ୍କସନ୍ ବ୍ୟବହାର ହୋଇଛି ଦୁଇଟି ସୁପରକଣ୍ଡକ୍ଟର ମଧ୍ୟରେ ଏକ ପତଳା ଇନସୁଲେଟିଂ ପ୍ରତିବନ୍ଧକ। ଏହି ସର୍କିଟ୍ ମାଧ୍ୟମରେ ଏକ ଅନ୍ତହୀନ ବିଦ୍ୟୁତ ପ୍ରବାହ ଦେଖାଯାଏ, ଯେଉଁଥିରେ କୁପର ଯୋଡ଼ି ଇଲେକ୍ଟ୍ରୋନଗୁଡ଼ିକ ଏକାଠି ଚଳାଚଳ କରନ୍ତି।

୧୯୮୪-୮୫ ମସିହାରେ ବର୍କଲିରେ ଏହି ପରୀକ୍ଷଣ ହୋଇଥିଲା, ଯେଉଁଥିରେ ମାକ୍ରୋସ୍କୋପିକ୍ ଧାରଣାରେ କ୍ୱାଣ୍ଟମ୍ ଟନେଲିଂ ଓ ଶକ୍ତି ପରିମାଣୀକରଣ ଦେଖାଯାଇଥିଲା। ଏହି ଅନୁସନ୍ଧାନ କ୍ୱାଣ୍ଟମ୍ ୨.୦ ବିପ୍ଳବର ମୂଳ ଅଂଶ ଭାବେ ଗଣ୍ୟ, ଯେଉଁଥିରେ କ୍ୱାଣ୍ଟମ୍ ଧାରଣାଗୁଡ଼ିକୁ ସୂଚନା ପ୍ରକ୍ରିୟାକରଣ, ସେନ୍ସିଂ ଓ ଯୋଗାଯୋଗରେ ବ୍ୟବହାର କରାଯିବା ସମ୍ଭାବନା ଅଛି। ଏହି ଆବିଷ୍କାର ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କ୍ରିପ୍ଟୋଗ୍ରାଫି, ଔଷଧ ଆବିଷ୍କାର ଓ ଜଟିଳ ପ୍ରଣାଳୀ ମଡେଲିଂରେ ଅଭିନବ ଅଗ୍ରଗତି ହେବା ଆଶା ରହିଛି। ଏହା ପ୍ରମାଣ କରିଛି ଯେ ପୁରୁଣା ବିଜ୍ଞାନ ଧାରଣା ମଧ୍ୟ ନୂତନ ଆବିଷ୍କାରରେ ଅଦ୍ଭୁତ ଅବତାର ନେଇପାରେ।

ଉପରୋକ୍ତ ବିଶ୍ଳେଷଣରେ ମୁଁ କିଛି ଧାରଣା ବ୍ୟବହାର କରିଛି, ଯାହା ବୈଜ୍ଞାନିକମାନଙ୍କ ନାମରେ ନାମିତ ହୋଇଛି। ଯେଉଁମାନଙ୍କ ଅବଦାନ ଉପରେ ଦୃଷ୍ଟି ବିନା ଉପର ଲିଖିତ ତଥ୍ୟ ଅବୁଝା ରହିବ। ଯେଉଁମାନଙ୍କ ଅବଦାନ ଉପରେ ଚଢ଼ି ଆଜିର ଏହି ପୁରସ୍କାର ବିଷୟ ସ୍ୱୀକୃତି ପାଇଛି ସେମାନଙ୍କୁ ମନ ପକାଇବା ଏହିକ୍ଷଣରେ ଉଚିତ ହେବ। ଜୋସେଫସନ୍ ଜଙ୍କସନ୍ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବ୍ରାଏନ୍ ଜୋସେଫସନ୍‌ଙ୍କ ନାମରେ ନାମିତ ହୋଇଛି। ଏହା ୧୯୬୨ ମସିହାରେ ଆବିଷ୍କୃତ ହୋଇଥିଲା। ଏହାକୁ ନୋବେଲ୍ ପୁରସ୍କାର ଦ୍ୱାରା ସ୍ୱୀକୃତି ଦିଆଯାଇଥିଲା। କିନ୍ତୁ ଅନ୍ୟ ଜଣେ ନୋବେଲ୍ ପୁରସ୍କାର ବିଜେତା ଜନ୍ ବାର୍ଡିନ୍ ଏହାର ଦୃଢ଼ ବିରୋଧ କରିଥିଲେ। ବାର୍ଡିନ୍ ପଦାର୍ଥ ବିଜ୍ଞାନରେ ଦୁଇଥର ନୋବେଲ ପୁରସ୍କାର ପାଇଛନ୍ତି। ପ୍ରଥମ ଥର ଉଇଲିଅମ ଶକଲି ଏବଂ ୱାଲଟେର ୱାଲଟର ବ୍ରାଟାନ ସହ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ନିମନ୍ତେ ଏବଂ ଦ୍ୱିତୀୟ ଥର ଅତିସୁପରିବାହୀ ପଦାର୍ଥରେ ତାତ୍ତ୍ୱିକ ଗବେଷଣା ନିମନ୍ତେ ତାଙ୍କର ପୋଷ୍ଟଡକ ଏଲ, ଏନ. କୁପର ଏବଂ ଡକ୍ଟୋରେଟ ଛାତ୍ର ଜେ. ଆର. ସ୍ରିଫରଙ୍କ ସହ।

ଆମେ ଅର୍ଦ୍ଧପରିବାହୀ ଚିପ୍ସ ବିଷୟରେ ଜାଣୁ। କିନ୍ତୁ ବର୍ତ୍ତମାନର ପୁରସ୍କାର ସୁପରକଣ୍ଡକ୍ଟିଂ ଚିପ୍ସକୁ ସ୍ୱୀକୃତି ଦେଇଛି। ସୁପରକଣ୍ଡକ୍ଟିଭିଟିର କାର୍ଯ୍ୟକାରିତା ଆମେରିକୀୟ ବୈଜ୍ଞାନିକ ଏବଂ ନୋବେଲ ପୁରସ୍କାର ବିଜେତା ଏଲ.ଏନ. କୁପରଙ୍କ ନାମରେ ନାମିତ ଇଲେକ୍ଟ୍ରୋନ ଯୋଡ଼ି ଉପରେ ନିର୍ଭର କରେ। ଏହାକୁ କୁପର ଯୋଡ଼ି କୁହାଯାଏ। ଏହି ଯୋଡ଼ିମାନଙ୍କ ଦୁଇଟି ଅତିସୁପରିବାହୀ ପଦାର୍ଥ ମଧ୍ୟରେ ଥିବା ପତଳା ଇନ୍‌ସୁଲେଟିଂ ପ୍ରତିବନ୍ଧକ ଦେଇ ଟାନେଲିଙ୍ଗକୁ ଜୋସେଫସନ୍ ଟନେଲିଂ କୁହାଯାଏ। ସୁପରକଣ୍ଡକ୍ଟିଂ ଜଙ୍କସନରେ ଟନେଲ ପ୍ରଣାଳୀ ଋଷିଆନ୍ ବୈଜ୍ଞାନିକ ଲେଭ୍ ଗୋର୍କୋଭଙ୍କ କାର୍ଯ୍ୟ ଦ୍ୱାରା ବୁଝାଯାଇଥିଲା, ଯାହା ବାର୍ଡ଼ିନ ଅବଗତ ନ ଥିବାରୁ ସେ ଜୋସେଫସନ୍ ଟନେଲିଂକୁ ପ୍ରାଥମିକ ଅବସ୍ଥାରେ ବିରୋଧ କରିଥିଲେ।

ବିଜ୍ଞାନ ଏକ ଏକପାଖିଆ ପ୍ରବାହ ନୁହେଁ। ଏହା କୌତୁହଳରୁ ଆସେ। ଏହା ବିବାଦ ଏବଂ ସହଯୋଗରୁ ଦୃଢ଼ୀଭୁତ ହୁଏ। ଏହା କନିଷ୍ଠମାନଙ୍କୁ ବରିଷ୍ଠଙ୍କଠାରୁ ପୃଥକ କରେ ନାହିଁ। ପ୍ରତ୍ୟେକ ସହଯୋଗୀଙ୍କ ଅର୍ଥପୂର୍ଣ୍ଣ ଅବଦାନକୁ ଗମ୍ଭୀରତାର ସହିତ ନିଏ। ଏହି ବର୍ଷର ନୋବେଲ ପୁରସ୍କାର ଏହି ଭାବନାକୁ ଦୃଢ଼ୀଭୂତ କରିଛି। ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଜ୍ଞାନରେ ଆମେରିକୀୟ ବିଶ୍ୱବିଦ୍ୟାଳୟମାନଙ୍କ ଶ୍ରେଷ୍ଠତା। ଏହି ଶ୍ରେଷ୍ଠତା ପାଇଁ ଅନ୍ୟ ଦେଶରୁ ଯାଇ ଆମେରିକାରେ ଗବେଷଣା କରୁଥିବା ବୈଜ୍ଞାନିକମାନଙ୍କ ଅବଦାନ କିଛି କମ ନୁହେଁ। ଲୌହ ପରଦା ଭିତରେ ବିଜ୍ଞାନ ସମ୍ଭବ ନୁହେଁ। ପୁନଶ୍ଚ ଅତିମାତ୍ରାର ଧାର୍ମିକ ହୋଇ ଅନ୍ଧଭାବନାକୁ ପ୍ରଶ୍ରୟ ଦେବା ବିଜ୍ଞାନକୁ ଗତିରୋଧ କରେ। ଟେକ୍ନୋଲୋଜି ବିଜ୍ଞାନରୁ ଆସିଛି। ତେଣୁ ମୌଳିକ ଗବେଷଣା ପ୍ରୟୋଗାତ୍ମକ ଉପଲବ୍ଧିର ଚାପରେ ହଜି ଯିବା ଉଚିତ ନୁହେଁ। କେବଳ ଢେଣ୍ଡୁରା ପିଟିଲେ କେହି ବିଶ୍ୱଗୁରୁ ହୋଇପାରିବ ନାହିଁ। ପୁରାତନ ଜ୍ଞାନକୁ ଅତିମାତ୍ରାରେ ଖୋଦନ କରି ଆମେ ଶ୍ରେଷ୍ଠତା ଦେଖାଇ ପାରିବା ନାହିଁ। ନୂତନ ଜ୍ଞାନର ଆହ୍ୱାନର ସମ୍ମୁଖୀନ ହୋଇ ଆମେ ବିଜ୍ଞାନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସଫଳତା ହାସଲ କରିପାରିବା।

(ପ୍ରାକ୍ତନ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

### ଅଗରା

ସୌଭାଗ୍ୟସୁନ୍ଦର

ମେକ୍ସିକୋ ଓ ଉଷ୍ଣମଣ୍ଡଳୀୟ ଆମେରିକାର କେତେକ ଅଞ୍ଚଳର ଅଗରା ଏକ ମୂଳ ଉଦ୍ଭିଦ। ଏହା ବର୍ତ୍ତମାନ ବିଶ୍ୱର ଅନେକ ସ୍ଥାନରେ ବ୍ୟାପକ ଭାବରେ ପ୍ରାକୃତିକୀକରଣ ହୋଇଛି। ଏହି ଉଦ୍ଭିଦ ପ୍ରାରମ୍ଭରେ ଏକ ଆଳଙ୍କାରିକ ଓ ଔଷଧି ଉଦ୍ଭିଦ ଭାବରେ ପ୍ରଚଳିତ ହୋଇଥିଲା। ଭାରତରେ ରଙ୍ଗର ପର୍ବ ହୋଲିକା ଦହନ ସମୟରେ, ଅଗରା ଫୁଲ ପୂଜା ପାଇଁ ଅର୍ପଣ କରାଯାଏ। ଅଗରା ବିଭିନ୍ନ ପ୍ରାକୃତିକ ଆବାସସ୍ଥାନରେ ଅନୁକୂଳିତ ହୁଏ ଏବଂ ଚାଷ ଯୋଗ୍ୟ ଜମି, ଚରା ଭୂମି ଓ ଅପଚୟ ସ୍ଥାନ, ରାସ୍ତା କଡ଼, ରେଳପଥ ଓ ବାଡ଼ ଧାଡିରେ ଏକ ଅନାବନା ତୃଣ ବା କ୍ଷୁପ ଭାବରେ ଦେଖାଯାଏ। ଏହି କଣ୍ଟାଯୁକ୍ତ ତୃଣ ସମୁଦ୍ର ସ୍ତରରୁ ୩, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ବଢ଼ିଥାଏ।

ସର୍ବାଧିକ ୧୫୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ତୃଣର କାଣ୍ଡ ସିଧା, ଶାଖାଯୁକ୍ତ, ଫିକା ନୀଳ-ସବୁଜ ବର୍ଣ୍ଣ। ପତ୍ରଗୁଡ଼ିକ ଡେମ୍ଫ ବିହୀନ, ୧୫ ସେମି ପର୍ଯ୍ୟନ୍ତ ଲମ୍ବା, କଣ୍ଟାଯୁକ୍ତ ଧାର ସହିତ ଗଭୀର ଭାବରେ ବିଭାଜିତ ହୋଇଥାଏ। ଫୁଲଗୁଡ଼ିକ ଉଭୟ ଲିଙ୍ଗୀ, ପୀତ କିମ୍ବା ଧଳା ବର୍ଣ୍ଣ, ୬ ପାଖୁଡ଼ାବିଶିଷ୍ଟ। ଫଳ କଣ୍ଟାଯୁକ୍ତ, ଅଣ୍ଡାକାର ଓ ଅନେକ ବୀଜ ଧାରଣ କରେ। ବିହନ ମୁକ୍ତ କରିବା ପାଇଁ ଅଗ୍ରଭାଗରେ ଖୋଲା ରହେ। ବିହନଗୁଡ଼ିକ ମାଟିଆ-କଳା, ପ୍ରାୟ ଗୋଲାକାର, ତେଲିଆ।

ଭାରତରେ ପାରମ୍ପରିକ ଭାବରେ ଜଣ୍ଡିସ୍ ଚିକିତ୍ସା ପାଇଁ ଅଗରା ବ୍ୟବହାର କରାଯାଏ। ଏହି ଉଦ୍ଭିଦର ବୈଜ୍ଞାନିକ ନାମ ଆର୍ଜେମୋନ୍ ମେକ୍ସିକାନା। 'ଆର୍ଜେମୋନ୍' ଶବ୍ଦଟି ଗ୍ରୀକ୍ ଶବ୍ଦ 'ଆର୍ଜେନା' ରୁ ଆସିଛି, ଯାହାର ଅର୍ଥ 'ଚକ୍ଷୁର ମୋତିଆବିନ୍ଦୁ'; ମେକ୍ସିକାନା ଶବ୍ଦଟି ମେକ୍ସିକୋରୁ ଏହାର ଉତ୍ପତ୍ତିକୁ ସୂଚିତ କରେ। ବିହନରୁ ବାହାରିଥିବା ତରଳ ରସ ଏବଂ ତେଲକୁ ଔଷଧୀୟ ଗୁଣ ବିଶିଷ୍ଟ ବୋଲି କୁହାଯାଏ। ପ୍ରସବ ପରେ ବୃକକ୍ ଯନ୍ତ୍ରଣା ଦୂର କରିବା ପାଇଁ ଏଥିରୁ ଏକ ପାନୀୟ ପ୍ରସ୍ତୁତ କରାଯାଏ। ପରିସ୍ରା କରିବାରେ ଅସୁବିଧା ହେଉଥିବା ପିଲାମାନଙ୍କୁ ପତ୍ରର ରସ ସହିତ ପାନୀୟ ଦିଆଯାଏ। ଏଥିସହିତ ଆଜ୍‌ମା, ମ୍ୟାଲେରିଆ, ପେଟଯନ୍ତ୍ରଣା, ଦାନ୍ତବିନ୍ଧା, କୋଷ୍ଠକାଠିନ୍ୟ, ବାତ ଆଦି ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ।

ଏହି କ୍ଷୁପଟି ଷ୍ଟାଫିଲୋକୋକସ୍ ଅରିଅସ୍, ଏସ. ଆଗାଲେକ୍ଟିଆଏଇ ଓ ଏସଚେରିଚିଆ କୋଲି ବିରୁଦ୍ଧରେ ଆଣ୍ଟିବାୟୋଟିକ୍ ଭାବରେ କାର୍ଯ୍ୟ କରେ। ଅଗରାରେ ପ୍ରୋଟୋପିନ୍, ସାଙ୍ଗୁଇନାରିନ୍, ଡାଇହାଇଡ୍ରୋସାଙ୍ଗୁଇନାରିନ୍, ଆଇସୋକ୍ୱିନୋଲାଇନ୍ ଯଥା ଡିହାଇଡ୍ରୋକୋରିଡାଲମାଇନ୍, ଜାଟ୍ରୋରାଇଜିନ୍, କଲମ୍ବାମାଇନ୍ ଓ ଅକ୍ସିବରବେରିନ୍, ଇତ୍ୟାଦି ଆଲକାଲଏଡ୍ ଥାଏ। ଏହି ଗଛରେ ଆର୍ଜେମେକ୍ସିକାଏନ୍ସ ଇ ଓ ଇ, ଆର୍ଜେମୋନିନ୍ (ଘ ମେଥ୍ ପାଭାଇନ), ଆର୍ଜେପାଭାଇନ୍, ଙ ଉଐ ୩ ଆର୍ଜେପାଭାଇନ୍, ଆର୍ଜେମେକ୍ସିରିନ୍, ଆର୍ଜେନାକ୍ସିନ୍, ଆର୍ଜେମେକ୍ସିକାଏନ୍ସ ଇ ଓ ଇ (ପ୍ରୋଟୋପିନ୍ ପ୍ରକାର), କୋପ୍ଟିସାଇନ୍, କ୍ରିପ୍ଟୋପିନ୍, ଆଲୋକ୍ରିପ୍ଟୋପିନ୍ ଓ ଚେଲେରିଥ୍ରାଇନ୍ ଭଳି ଅନେକ ଆଲକାଲଏଡ୍ ମଧ୍ୟ ମିଳିଛି।

ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ। ଏହାକୁ ଖାଇବା ଦ୍ୱାରା କୁଣ୍ଡାଇ, ନିମୋନିଆ ମାୟୋକାର୍ଡାଇଟିସ୍, କଞ୍ଜେଷ୍ଟିଭ୍ ହୃଦ୍ ବିଫଳତା, ଆସାଇଟ୍ସ, ସାର୍କଏଡ୍ ପରି ଚର୍ମ ପରିବର୍ତ୍ତନ, ଆଲୋପେସିଆ, ହେପାଟୋମେଗାଲି ହୋଇପାରେ। ଅଗରା ବିହନ ଦେଖିବାକୁ ସୋରିଷ ବିହନ ଭଳି। ଫଳସ୍ୱରୂପ, ଅଗରା ବିହନକୁ ସୋରିଷରେ ମିଶାଇ ଅପମିଶ୍ରଣ କରାଯାଏ, ଯାହା ଏହାକୁ ବିଷାକ୍ତ କରିଦିଏ। ଭାରତରେ ଅଗରା ତେଲକୁ ସୂର୍ଯ୍ୟମୁଖୀ ତେଲ ଏବଂ ତିଳ ତେଲ ସହିତ ମିଶ୍ରିତ କରାଯାଏ। ବିଶେଷକରି ଭାରତରେ ଅଗରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଏବଂ ଏହାର କଣ୍ଟାଯୁକ୍ତତା ଯୋଗୁଁ ଜୀବିକା ନିର୍ବାହ କରୁଥିବା ଚାଷୀଙ୍କ ପାଇଁ ଏକ ସମସ୍ୟା। ଏସିଆ, ଆଫ୍ରିକା, କାରିବିଆନ ଏବଂ ଆମେରିକା ଏବଂ ଓସେନିଆର ଅନେକ ଦେଶରେ ଏହାକୁ ଆକ୍ରମଣାତ୍ମକ କ୍ଷୁପ ଭାବରେ ଉଲ୍ଲେଖ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ, ଅଗରାକୁ ଜାତୀୟ ପରିବେଶ ପରିଚାଳନା: ଜୈବ ବିବିଧତା ଆଇନରେ ଆକ୍ରମଣକାରୀ ଭାବରେ ବର୍ଗୀକୃତ କରାଯାଇଛି। ଅପରପକ୍ଷରେ ପଶ୍ଚିମ ଆଫ୍ରିକାରେ ଏହା ଏକ ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ। ଏହାକୁ ଏହାର ବିହନ ତେଲ ପାଇଁ ଚାଷ କରାଯାଏ, ଯାହା ସାବୁନ ଉତ୍ପାଦନ ଏବଂ ଇନ୍ଧନ ପାଇଁ ବ୍ୟବହୃତ ହୁଏ।କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରଣ୍ଡାରେ ପୁଣି ମାଓ ହିଂସା

## ଆଇଇଡି ବିସ୍ଫୋରଣରେ ଉଡ଼ାଇଲେ ମୋବାଇଲ ଟାୱାର

ରାଉରକେଲା,୧୨।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ପଶ୍ଚିମସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଗତକାଲି ମାଓବାଦୀମାନେ ପୁଣିଥରେ ଭୟଙ୍କର ଆଇଇଡି ବିସ୍ଫୋରଣ କରି ଏକ ମୋବାଇଲ୍ ଟାୱାର୍ ଉଡ଼ାଇ ଦେଇଛନ୍ତି। ଦୁଇ ଦିନ ତଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ କମ୍ପିରତ ୬୦ ବାଟାଲିୟନ୍ ସିଆର୍‌ପିଏଫ୍‌ର ଜଣେ ହେଡ୍ କନେଷ୍ଟବଳ ସହିଦ ହେବା ସହ ଦୁଇଜଣ ସିଆର୍‌ପିଏଫ୍ ଅଧିକାରୀ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନେ ନୂଆଦିଲ୍ଲୀର ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଗତରାତିରେ ପୁଣି ଲାଲବାହିନୀଙ୍କ ବର୍ବରତା ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି।



ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଝାଡ଼ଖଣ୍ଡର ଝରାଇକେଲା ଥାନା ଅଞ୍ଚଳ ସରଣ୍ଡା ଜଙ୍ଗଲର କୋଲବୋଙ୍ଗା ଗାଁରେ ପହଞ୍ଚିଥିଲେ। ପରେ ସେଠାରେ ଥିବା ଏୟାରଟେଲ ମୋବାଇଲ୍ ଟାୱାର ନିକଟରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ କରିଥିଲେ। ଫଳରେ ମୋବାଇଲ ଟାୱାରଟି ସମ୍ପୂର୍ଣ୍ଣ ଧରାଶାୟୀ ହେବା ସହ ଧ୍ୱଂସ ହୋଇ ଯାଇଥିଲା। ଏତଦ୍‌ବ୍ୟତୀତ ନକ୍ସଲମାନେ ଟାୱାର ତଳେ ଥିବା ଜେନେରେଟର ସେଟ୍ ଏବଂ ଅନ୍ୟାନ୍ୟ ଉପକରଣକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ହିଂସା ଘଟାଇ ମାଓବାଦୀ ସେମାନଙ୍କର ଦୃଢ଼ ଉପସ୍ଥିତିକୁ ଜାହିର କରିଛନ୍ତି। ମାଓବାଦୀଙ୍କ ଦ୍ୱାରା ହୋଇଥିବା ଏହି ଆତଙ୍କରାଜ ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି।

ଟାୱାର୍ ପୋଡ଼ିବା ପରେ ମାଓବାଦୀମାନେ ସରକାର ବିରୋଧୀ ସ୍ଲୋଗାନ୍ ଦେଇ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଯାଇଥିଲେ। ସେପଟେ, ଘଟଣା ସମ୍ପର୍କରେ ସୂଚନା ପାଇ ଝାଡ଼ଖଣ୍ଡ ପୁଲିସ ଏବଂ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ଅଞ୍ଚଳରେ ଏବେ କମ୍ବିଂ ଅଭିଯାନକୁ ଆହୁରି ଜୋରଦାର୍ କରାଯାଇଛି।

### ବିସ୍ଫୋରଣରେ ଆହତ ହାତୀର ଚିକିତ୍ସାଧୀନ ମୃତ୍ୟୁ

ରାଉରକେଲା,୧୨।୧୦(ସମିସ): ସରଣ୍ଡା ଜଙ୍ଗଲରେ ୪ ଦିନ ତଳେ ଆଇଇଡି ବିସ୍ଫୋରଣରେ ଏକ ମାଈହାତୀ ଗୁରୁତର ହୋଇଥିଲା। ହାତୀର ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ମନୋହରପୁର ବନ ବିଭାଗ ଓ ପ୍ରାଣୀଧନ ଚିକିତ୍ସକ ହାତୀର ଚିକିତ୍ସା ଜାରି ରଖିଥିଲେ। ବନ କର୍ମଚାରୀ ହାତୀ ଉପରେ ନଜର ରଖିଥିଲେ। ମାତ୍ର ଶନିବାର ବିଳମ୍ବିତ ରାତିରେ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରବିବାର ସକାଳେ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ସେହି ସ୍ଥାନରେ ପୋତି ଦିଆଯାଇଛି।

**ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ**

# ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୦(ସମିସ): ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ। ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ; ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ, ଯିଏ ଅନ୍ଧବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାର ଆହ୍ୱାନର ସାମ୍ନା କରିବାକୁ ସାହସ କରିଥିଲେ। ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା। ସ୍ୱାମୀ



ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଆର୍ଯ୍ୟ ସମାଜ ଏକ ନୂଆ ବାର୍ତ୍ତା ଦେଇଥିଲା। ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ଓ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡ଼ୁଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା**

## ଅପରାଧୀ ଦିଲ୍ଲୀପ ଓ ସିମ୍ପୁଙ୍କୁ ଜେରା

ବ୍ରହ୍ମପୁର,୧୨।୧୦(ସମିସ): ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ମୂଳରେ ପହଞ୍ଚିବା ପାଇଁ ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ, ଆଇନଜୀବୀ, କର୍ପୋରେଟର୍, ଯବାନଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରୁଛି। ଏହାସହ ପୀତବାସଙ୍କ ମୋବାଇଲରୁ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେହି ତଥ୍ୟ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ଆଜି ପୁଲିସ କିଛି ପୁରୁଣା ହତ୍ୟା ମାମଲାରେ ଜଡ଼ିତ ଅପରାଧୀଙ୍କୁ ଡାକି ପଚରାଉଚରା କରିଛି।

**କଟକ ଓ ଆଖପାଖ ଅଞ୍ଚଳରେ ପୁଲିସର ତନାଘନା**

ପୀତବାସ ନିଜ ଗାଁରେ କିଛି ଲୋକଙ୍କ ସହ ଶତ୍ରୁତା ରହିଥିଲା କି, ପୀତବାସଙ୍କ ସହ କାହାର ମାରପିଟ୍ କେବେ ହୋଇଥିଲା କି, ପୀତବାସ କାହାକୁ ବେଶି ବିଶ୍ୱାସ କରି ସବୁକଥା ସେୟାର କରୁଥିଲେ, ସେନେଇ ମଧ୍ୟ ପୁଲିସ ପରିବାର ଲୋକେ ଓ କିଛି ପୀତବାସଙ୍କ ବନ୍ଧୁଙ୍କୁ ପଚରାଉଚରା କରିଛି। ପୁଲିସ ହାତରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିବା ପରେ ପୁଲିସ ଟିମ୍ କଟକ ଓ ଏହାର ଆଖପାଖ ଅଞ୍ଚଳରେ ଆଜି ଛାନଭିନ କରୁଥିବା ଜଣାପଡ଼ିଛି। ଯଦି ପୁଲିସ ସେଠାରେ ସଫଳତା ପାଏ ତେବେ ପୀତବାସ ହତ୍ୟା ମାମଲାର କାରଣ ସ୍ପଷ୍ଟ ହେବ। ବ୍ରହ୍ମପୁର ଏସପି ନିଜେ ୬ଟି ଟିମକୁ ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ଆମ୍ବପୁଆ ପୁଲିସ ରିଜର୍ଭ ବାରାକ୍‌ରେ ଅପରାଧୀ ଦିଲ୍ଲୀପ ଓ ସିମ୍ପୁଙ୍କୁ ପୁଲିସ ଅଧିକାରୀମାନେ ଜେରା କରୁଥିବା ଜଣାପଡ଼ିଛି।

**■ ପାଣି ଭିତରେ ବଲ୍ ଖେଳ ହେଲା କାଳ**

## ପାଣିରେ ବୁଡି ଜଣେ ମୃତ; ଜଣେ ନିଖୋଜ

ଫୁଲନଖରା,୧୨।୧୦(ସମିସ): ୪୨ମୌଜା ବସନ୍ତ କୁଣ୍ଡଳ ନିକଟସ୍ଥ କାଠଯୋଡି ସିଢୁଆ ନଦୀରେ ଦୁଇ ଜଣ ନାବାଳକ ବୁଡି ଯାଉଥିବାର ଦେଖି ସ୍ଥାନୀୟ କିଛି ଲୋକ ଜଣକୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ରବିବାର ଛୁଟି ଦିନ ଥିବାରୁ ଦିନ ପ୍ରାୟ ୧୧ଟା ସୁଦ୍ଧା କୁଳସରିତୁଆଁ ନିକଟସ୍ଥ ଦେବୀ ନଦୀକୁ ଦୁଇ ସାଙ୍ଗ ଗୁରୁ ପ୍ରସାଦ ନାୟକ (୧୪) ଓ ସାଇଶୁଭମ୍ ବାରିକ(୧୪) କ୍ରିକେଟ୍ ବଲ୍ ନେଇ ଗାଧୋଇବାକୁ ଆସିଥିଲେ। ପାଣି ଭିତରେ ହସଖୁସିରେ ବଲ୍ ଫୋପଡା ଫୋପଡି ଖେଳୁଥିଲେ। ବଲ ଫୋପଡା ଫୋପଡି ଖେଳୁଥିବା ସମୟରେ ବଲ୍‌ଟି ଗଭୀର ଜଳ ଭିତରକୁ ଚାଲି ଯାଇଥିଲା। ଉଭୟେ ବଲ୍‌ଟି ଆଣିବାକୁ ଯାଇ ଗଭୀର ପାଣି ଭିତରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ପିଲା ଦୁଇଟି ବୁଡି ଯାଉଥିବାର ଦେଖି ଗୁରୁ ପ୍ରସାଦକୁ ପାଣିରୁ ଉଦ୍ଧାର କରିଥିବା ବେଳେ ସାଇଶୁଭମ୍ ପ୍ରଖର ସ୍ରୋତରେ ନିଖୋଜ ହୋଇଯାଇଥିଲା।



ଉଦ୍ଧାର କରାଯାଇଥିବା ଗୁରୁପ୍ରସାଦକୁ ତୁରନ୍ତ ବଡ ମେଡିକାଲ୍‌କୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ବେଳେ କଟକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଜଣକୁ ଖୋଜାଖୋଜି କରିଥିଲେ। ମେଡିକାଲ୍‌ରେ ପହଞ୍ଚିବା ପରେ ସେଠାରେ ଡାକ୍ତର ଗୁରୁପ୍ରସାଦଙ୍କୁ ମୃତ ଘୋଷଣା କରିଥିଲେ। ସଂଧ୍ୟା ୫ଟା ସୁଦ୍ଧା ସାଇ ଶୁଭମଙ୍କର କୌଣସି ସନ୍ଧାନ ମିଳି ନ ଥିବା ବେଳେ ବସନ୍ତକୁଣ୍ଡଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

**ନୂଆପଡ଼ାରେ ବିଜେପି ହିଁ ବିଜେପିକୁ ହରାଇବ**

## ବସନ୍ତ ପଣ୍ଡା କଂଗ୍ରେସକୁ ସହଯୋଗ କରିବେ: ସୁର

ଭୁବନେଶ୍ୱର,୧୨।୧୦(ସମିସ): ଜୟ ଢୋଲକିଆଙ୍କୁ ଦଳରେ ସାମିଲ କରିଥିବା ଯୋଗୁଁ ବିଜେପିର କ୍ଷତି ହେବ। ନୂଆପଡ଼ାରେ ବିଜେପିକୁ ବିଜେପି ହିଁ ହରାଇବ। ବିଜେଡିରୁ ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ଜୟ ଢୋଲକିଆଙ୍କ ପାଇଁ ଲୋକଙ୍କ ମନରେ

**■ ବିଜେଡି ଛାଡ଼ିଥିବାରୁ ଜୟଙ୍କୁ ମିଳିବନି ଅନୁକମ୍ପା ଭୋଟ୍: ଭକ୍ତ**
**■ ଆସନ୍ତା ୧୯ରେ ପ୍ରାର୍ଥୀପତ୍ର ଦାଖଲ କରିବେ ଘାସିରାମ**

ସହାନୁଭୂତି ସୃଷ୍ଟି ହୋଇଥିଲା। ମାତ୍ର ସେ ବିଜେପିରେ ମିଶିବା ପରେ ନିନ୍ଦିତ ହୋଇଛନ୍ତି। ତେଣୁ ଆଉ ତାଙ୍କୁ ସହାନଭୂତି ମିଳିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବିଜେପିରେ ଜୟ ଢୋଲକିଆ ସାମିଲ ହେବା ପରେ ଭକ୍ତ ଭବିଷ୍ୟବାଣୀ କରି କହିଛନ୍ତି ଯେ ସେଠାରେ ବିଜେପିର ନିଶ୍ଚୟ ପରାଜୟ ହେବ। ଜୟ ଢୋଲକିଆ ନିଜ ବାପାଙ୍କର ଗୁଣ ଚରିତ୍ରକୁ ହତ୍ୟା କରି ସେ ବିଜେପିରେ ସାମିଲ ହୋଇଛନ୍ତି। ସେ ବିଜେଡିରେ ରହିଥିଲେ ହୁଏତ କିଛି ଅନୁକମ୍ପା ଭୋଟ୍ ପାଇଥା'ନ୍ତେ। ମାତ୍ର ଆଉ ତାଙ୍କୁ ସେହି ଭୋଟ୍ ମିଳିବ ନାହିଁ। ଏହାବ୍ୟତୀତ ବିଜେପି ଲୋକମାନେ ମଧ୍ୟ ସେଠାରେ ଦଳ ଛାଡୁଛନ୍ତି। ତେଣୁ ବିଜେପି ଓ ବିଜେଡି ମିଶି ବିଜେପିକୁ ସେଠାରେ ପରାସ୍ତ କରିବେ ବୋଲି ଭକ୍ତ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ମଧ୍ୟ ନୂଆପଡ଼ାରେ ବିଜେପିର ପରାଜୟକୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି, ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ତାଙ୍କ ପୁଅ ସେଠାରେ ବିଜେପିକୁ ହରାଇବେ। ତାଙ୍କ ପୁଅକୁ ଟିକଟ ଦିଆନଯିବା ଯୋଗୁଁ ବସନ୍ତଙ୍କ ପୁଅଙ୍କ ରାଜନୈତିକ ଭବିଷ୍ୟତ ନଷ୍ଟ ହୋଇଯିବ। ତେଣୁ ସେ ସେ କଂଗ୍ରେସକୁ ସହଯୋଗ କରିବେ ଓ ଘାସିରାମଙ୍କର ବିଜୟ ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଜୟ ଢୋଲକିଆଙ୍କର ଗୁଜରାଟରେ ବ୍ୟବସାୟ ରହିଛି। ତାଙ୍କ ବ୍ୟବସାୟକୁ ରକ୍ଷା କରିବାକୁ ସେ ବିଜେପିକୁ ଯାଇଛନ୍ତି। ତେଣୁ ନୂଆପଡ଼ାରେ ବିଜେପି ହାରିବ ଓ କଂଗ୍ରେସ ବିପୁଳ ଭୋଟ୍‌ରେ ଜିତିବ ବୋଲି ସୁର କହିଛନ୍ତି।

ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଆସନ୍ତା ୧୯ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ ଘାସିରାମ ଜଣେ ସାଲିସ୍‌ବିହୀନ ରାଜନେତା। ସେ ଲୋକଙ୍କ ସୁଖଦୁଃଖର ସାଥୀ। ତେଣୁ ତାଙ୍କର ଏଠାରେ ବିଜୟ ସୁନିଶ୍ଚିତ। ଆସନ୍ତା ୧୯ ତାରିଖରେ ଏକ ବିରାଟ ଶୋଭାଯାତ୍ରାରେ ଘାସିରାମ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଙ୍ଗଲରୁ ଧରାହେଲେ...

କିଛି ଶୁଣୁ ନ ଥିବା ଅଭିଯୋଗ ଆଣିଛନ୍ତି ରାଜ୍ୟ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ମହିଳା କମିଶନ ତାଙ୍କ ଫୋନ୍ କଲ୍ କିମ୍ବା ଇ-ମେଲ୍‌ର କୌଣସି ଉତ୍ତର ଦେଉନାହାନ୍ତି। ଶ୍ରୀମତୀ ମହାନ୍ତି ରବିବାର ପୀଡିତାଙ୍କ ବାପାଙ୍କ ସହିତ କଥା ହେବା ସହ ରାଜ୍ୟ ପୁଲିସ ଡିଜିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା। ରାଜ୍ୟ ମହିଳା କମିସନ୍‌ର ଏକ ସ୍ୱତନ୍ତ୍ର ଟିମ୍ ଦୁର୍ଗାପୁର ଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତି ସାଢ଼େ ୮ ସମୟରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ପୁରୁଷବନ୍ଧୁ ତାଙ୍କୁ କଲେଜ ଫାଟକ ନିକଟରେ ଥିବା ଷ୍ଟଲ୍‌ରୁ ଗୁପ୍‌ଚୁପ୍ ଖାଇବାକୁ ଡାକିଥିଲେ। ଏହାପରେ, ପୁରୁଷବନ୍ଧୁ ଜଣକ ତାଙ୍କୁ ଆଗକୁ ଆଉ କିଛି ବାଟ ଯିବା ପାଇଁ କହିଥିଲେ। ଉଭୟ କଲେଜକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ୩ଶହ ମିଟର ଚାଲିଚାଲି ଯାଉଥିବା ସମୟରେ କିଛି ଯୁବକ ସେମାନଙ୍କ ପିଛା କରୁଥିଲେ। ହଠାତ୍ ପୁରୁଷବନ୍ଧୁ ଜଣକ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଏହି ସମୟରେ ପିଛା କରୁଥିବା ଯୁବକମାନେ ଛାତ୍ରୀଙ୍କୁ ଘଞ୍ଚ ଜଙ୍ଗଲ ଭିତରକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପୀଡ଼ିତାଙ୍କୁ ମେଡିକାଲ କଲେଜ ଆଇସିୟୁରେ ଭର୍ତ୍ତି କରାଯାଇଛି।

ଦୁର୍ଗାପୁର ପୁଲିସ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ସେହି ଅଞ୍ଚଳର ଭିଡିଓଗ୍ରାଫି କରିଛି। ପୁଲିସ ମେଡିକାଲ କଲେଜର କର୍ମଚାରୀ ଏବଂ ପୀଡ଼ିତାଙ୍କ ପୁରୁଷବନ୍ଧୁ ସମେତ ଅନ୍ୟ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ପୀଡ଼ିତା ସାମାନ୍ୟ ସୁସ୍ଥ ଅନୁଭବ କଲାପରେ ବୟାନ ରେକର୍ଡ କରାଯିବ ବୋଲି ପଶ୍ଚିମବଙ୍ଗ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏକ ୯ ଜଣିଆ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ଗଠନ କରିଛନ୍ତି।

### ମମତାଙ୍କ ମନ୍ତବ୍ୟ...

ଏହି ଘଟଣା ଘଟିଛି, ତାହା ଜଙ୍ଗଲ ଅଞ୍ଚଳ ହୋଇଥିବାରୁ କାଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଯତ୍ନବାନ ହେବା ଉଚିତ। ତେବେ ଏହି ଜଘନ୍ୟ କାଣ୍ଡକୁ ଉଦବେଗଜନକ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛେ ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାରୁ ନଜର ହଟାଇବାକୁ ଯାଇ ମମତା ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଛନ୍ତି। ପଡ଼ୋଶୀ ରାଜ୍ୟରେ ସମୁଦ୍ରକୂଳରେ ଯୁବତୀମାନଙ୍କୁ ଦୁଷ୍କର୍ମ କରାଯାଉଛି ଏବଂ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ ପଶ୍ନ କରିଛନ୍ତି। ଓଡ଼ିଶା ସମେତ ମଣିପୁର, ବିହାର ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଏଭଳି ଜଘନ୍ୟ କାଣ୍ଡ ଘଟୁଛି ଏବଂ ସମସ୍ତ ରାଜ୍ୟ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି।

ତେବେ ମମତାଙ୍କ ଏଭଳି ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ପଦରେ ଥାଇ ଏଭଳି ମନ୍ତବ୍ୟ ଦେବା ତାଙ୍କୁ ଶୋଭାପାଉନି। ନାରୀ ସୁରକ୍ଷାରେ ବିଫଳତା ପାଇଁ ଦୋଷ ସ୍ୱୀକାର କରିବା ବଦଳରେ ଅନ୍ୟ ଉପରେ ଦୋଷ ଲଦିବା ଅତି ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ବିଜେପି ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଉପରେ ଦୋଷ ଲଦିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ନାରୀ ଜାତି ପ୍ରତି ଅପମାନ। ମମତାଙ୍କ କଥାରୁ ଜଣାପଡୁଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ଏବଂ ସେ ଅସହାୟ ହୋଇପଡ଼ିଛନ୍ତି। ତେଣୁ ସେ ତାଙ୍କ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେପି ଦାବି କରିଛି। ସିପିଏମ୍ ନେତାମାନେ ମଧ୍ୟ ମମତାଙ୍କୁ ତାଙ୍କର ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତୀବ୍ର ସମାଲୋଚନା କରିଛନ୍ତି।

### ଏନ୍‌ଡିଏ ଆସନ...

ତେବେ ବିଜେପି ୭୪ଟି ଆସନରେ ବିଜୟୀ ହୋଇଥିବା ବେଳେ ଜେଡିୟୁ ୪୩ଟି ଆସନ ଜିତିଥିଲା। ସେହିପରି ଏଲ୍‌ଜେପି ୧୩୫ଟି ସିଟ୍‌ରେ ଲଢ଼ିଥିଲା ଓ ମାତ୍ର ଗୋଟିଏ ସିଟ୍‌ରେ ବିଜୟୀ ହୋଇଥିଲା। ଜିତେନ ରାମ ମାଞ୍ଜିଙ୍କ ହିନ୍ଦୁସ୍ଥାନ ଅୱାମ ମୋର୍ଚ୍ଚା (ଏଚ୍‌ଏଏମ୍)କୁ ୬ ଓ ଉପେନ୍ଦ୍ର କୁଶୱାହଙ୍କ ପାର୍ଟି ଆରଏଲ୍‌ଏମକୁ ୬ଟି ଆସନରେ ଲଢ଼ିବାକୁ ସୁଯୋଗ ଦିଆଯାଇଛି। ୪୦ଟି ଦାବି କରୁଥିବା ମାଞ୍ଜିଙ୍କୁ ଶେଷରେ ୬ଟି ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଏଥର ବିହାର ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ହେବ। ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟ ୧୨୧ଟିରେ ନଭେମ୍ବର ୧୧ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୧୨ଟି ଆସନରେ ମତଦାନ ହେବ। ୧୪ ତାରିଖରେ ଭୋଟ ଗଣିତ ଓ ଫଳାଫଳ ଘୋଷଣା ହେବ।

### ନିରପେକ୍ଷତାକୁ ନେଇ...

ମୁକ୍ତ ହୋଇ ନ ହୋଇଥିବା ଯୋଗୁଁ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ତେଣୁ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପିଡବ୍ଲୁଡି ଭୋଟର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିବା ପାଇଁ ସେ କ୍ଷମତାର ଅପବ୍ୟବହାର କରିବାର ଆଶଙ୍କା ଥିବା ଅଭିଯୋଗ ହୋଇଛି।

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଣେ ଆଇଏଏସ୍ ଅଧିକାରୀ ସିଇଓ ଏବଂ ଅନ୍ୟ ଏକ ସରକାରୀ ପଦବୀରେ ଦ୍ୱୈତ ଦାୟିତ୍ୱରେ ରହିଥିଲେ, ତାଙ୍କୁ ନିର୍ବାଚନ ସମୟରେ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରାଯିବ। ମାର୍ଗଦର୍ଶିକାରେ କୁହାଯାଇଛି ଯେ, ଦ୍ୱୈତ ପଦବୀ ଧାରଣ ଦ୍ୱାରା କଲ୍ୟାଣକାରୀ ଯୋଜନା ଓ ଆଇନଶୃଙ୍ଖଳା ଇତ୍ୟାଦି ବିଷୟ ପ୍ରଭାବିତ ହୋଇପାରେ। ତେଣୁ ଅଧିକାରୀଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ ରଖିବାକୁ ନିର୍ଦ୍ଦେଶନାମା ରହିଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ୬ଟି ରାଜ୍ୟରେ ଗୃହ ସଚିବମାନଙ୍କୁ ହଟାଇବା ଏବଂ ଓଡ଼ିଶାର ସିଇଓଙ୍କୁ ଅନ୍ୟ ସରକାରୀ ପଦବୀରୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଓଡ଼ିଶା ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଏଥର ସେଭଳି କୌଣସି ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇ ନାହିଁ।

ଯଦି ଜଣେ ସିଇଓ ରାଜ୍ୟ ସରକାରଙ୍କ ସହିତ ଅନ୍ୟ କୌଣସି ବିଭାଗ ଦାୟିତ୍ୱରେ ରହିଥାନ୍ତି, ତେବେ ନିର୍ବାଚନ ଆୟୋଗ ସେହି ଅଧିକାରୀଙ୍କୁ ନିର୍ବାଚନ ଅବଧି ପାଇଁ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପୂର୍ବରୁ ରାଜ୍ୟ ସରକାରମାନେ ନିଜ ଆଡୁ ସେମାନଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ କରିଥାନ୍ତି। ହେଲେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରି ନାହାନ୍ତି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ୧,୭୮୬ ଜଣ ବରିଷ୍ଠ ଭୋଟର ଏବଂ ୩,୯୮୮ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ଅନ୍ୟପଟେ ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଏକ ଜଟିଳ ଏବଂ ସମୟସାପେକ୍ଷ ହୋଇଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏ ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସିଇଓ କାର୍ଯ୍ୟାଳୟର ଅନ୍ୟ ଅଧିକାରୀଙ୍କୁ ଅନ୍ୟ ବିଭାଗର କାର୍ଯ୍ୟଚାପରୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ବିଜେପିରେ 'ପୋଷା ପୁଅ'...

ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ କରିପାରିନାହାନ୍ତି, ତାହା ତାଙ୍କ ବୟାନରୁ ସ୍ପଷ୍ଟ ବାରି ହୋଇ ପଡୁଛି। ସେହିପରି କେଇଦିନ ପୂର୍ବରୁ ଅତିମାତ୍ରାରେ ସକ୍ରିୟ ଥିବା ବସନ୍ତଙ୍କ ପୁଅ ତଥା ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡା ମଧ୍ୟ ଏକପ୍ରକାର ନିରବ । ଅପରପକ୍ଷେ ଜିଲ୍ଲାସ୍ତରୀୟ ନେତା ପ୍ରସନ୍ନ ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀ ପରି ଆଶାୟୀଙ୍କୁ ଦଳ ଏଯାବତ୍ ବିଶ୍ୱାସକୁ ନେଇ ପାରିନାହିଁ। ଜୟଙ୍କୁ ଦଳରେ ସାମିଲ କରାଯିବା ପୂର୍ବରୁ ସେମାନଙ୍କ ସହ ଥରୁଟିଏ ମଧ୍ୟ ଆଲୋଚନା କରାଯାଇ ନ ଥିବା ସେମାନଙ୍କ ସମର୍ଥକ ଅଭିମାନ କରୁଛନ୍ତି। ଏପରି ନେତାଙ୍କ ହାତରେ ନୂଆପଡ଼ାରେ କିଛି ଭୋଟ ଥିବା ସମୟରେ ସେମାନଙ୍କୁ ଉପେକ୍ଷା କରାଯିବା ବିଜେପି ପାଇଁ ଆତ୍ମଘାତୀ ହୋଇଥିବା ମଧ୍ୟ କୁହାଯାଉଛି । କିଛିଦିନ ପୂର୍ବରୁ ଉପନିର୍ବାଚନକୁ ନେଇ ଉତ୍ସାହିତ ନୂଆପଡ଼ା ବିଜେପି ଏବେ ରହସ୍ୟମୟ ଭାବରେ ନିରବ। ଏହା ଝଡ଼ ପୂର୍ବର ନିରବତା ହୋଇପାରିଥାଏ ବୋଲି ଆଶଙ୍କା କରୁଛନ୍ତି ରାଜନୈତିକ ସମୀକ୍ଷକ। ଏହି ସମୟରେ ଦଳରେ ଜୟ ଢୋଲକିଆଙ୍କ ଯୋଗଦାନ ପରେ ଅନେକ କର୍ମୀ ଦଳରୁ ବାହାରି ଯିବାକୁ ଖୋଲା ଧମକ ଦେଇଛନ୍ତି। ଜୟ ବିଧିବଦ୍ଧ ଭାବେ ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଏମାନଙ୍କ ପଦକ୍ଷେପ କଣ ରହିବ, ତାହାକୁ ନେଇ ସାଧାରଣରେ କଳ୍ପନା ଜଳ୍ପନା ଲାଗି ରହିଛି। ବିଶେଷକରି ବସନ୍ତ ଏବଂ ତାଙ୍କ ପୁଅ ଜୟଙ୍କୁ ଖୋଲାମନରେ ସମର୍ଥନ କରିବେ ତ ବୋଲି ଏବେ ଦଳୀୟ କର୍ମୀମାନେ ମଧ୍ୟ ପ୍ରଶ୍ନ କଲେଣି। ଯଦି ଉଭୟେ ସକ୍ରିୟତାର ସହ ପ୍ରଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ଦୂରେଇ ରୁହନ୍ତି, ତାହେଲେ ଏହା ବିଜେପି ପାଇଁ ନିଶ୍ଚୟ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

### ଆଜି ଉତ୍ତର ଓଡ଼ିଶାରୁ...

ଡିଗ୍ରୀ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୧୮-୧୯ ଡିଗ୍ରୀ ମଧ୍ୟରେ ରହୁଛି। ଧୀରେ ଧୀରେ ଏହା ହ୍ରାସ ପାଇବ। ସମ୍ଭବତଃ ମାସ ଶେଷ ବେଳକୁ ରାଜ୍ୟରେ କଅଁଳ ଶୀତ ଅନୁଭବ ହେବ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜିର ରହିଛି ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି।

### ଜାଲରେ ପଡ଼ିଲେ...

ତିଆରି କରିବାରେ ବ୍ୟବହୃତ ହେଉଥିବାରୁ ଏହା ବିଦେଶକୁ ମଧ୍ୟ ରପ୍ତାନି କରାଯାଏ। ଏହାର କିଲୋ ପ୍ରତି ମୂଲ୍ୟ ୫୦,୦୦୦/ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଏ। ଇଂରାଜୀରେ ଏହାକୁ ଗୋଲଡ୍ ଫିସ୍ କୁହାଯାଉଥିବା ବେଳେ ଏହାର ବୈଜ୍ଞାନିକ ନାମ (ପ୍ରୋଟୋନିବେଆ ଡିଆକାନଥୁସ। ଏହି ପ୍ରଜାତିର ମାଛ ଇଣ୍ଡୋ-ପ୍ୟାସିଫିକ ସମୁଦ୍ରରେ ମିଳେ। ଓଡ଼ିଶାର ପାରାଦୀପ, ମହାରାଷ୍ଟ୍ର ଓ ଗୁଜରାଟ ସମୁଦ୍ର କୂଳରୁ ବେଳେ ବେଳେ ଧରାଯାଇଥାଏ। ଏହାର ମାଂସରେ ଓମେଗା-୩, ଆଇଓଡିନ୍, ଆଇରନ୍ ଆଦି ପୋଷକ ତତ୍ତ୍ୱ ରହିଛି। କିନ୍ତୁ ଏହାର ସ୍ୱିମ୍ ବ୍ଲାଡର (ପେଟରେ ଥିବା ପୋଷ୍ଟା) ସବୁଠାରୁ ମୂଲ୍ୟବାନ। ଚୀନ୍, ଜାପାନ୍ ଆଦିରେ ଔଷଧ ଓ ସୁପ୍‌ରେ ଏହାକୁ ବ୍ୟବହାର କରାଯାଏ।

**AFFIDAVIT**
I, **Saheba Tripathy**, S/O- Late Umashankar Tripathy, resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2277, Dated:- 09/10/2025 that now onwards I shall be known as **SAHEB TRIPATHY** for all future purposes.

**AFFIDAVIT**
I, **Jaya Praksh Tripathy**, S/O- Saheb Tripathy, resident of Plot No. 1429 / 2238, 2239, Jagannath Nagar, Road No- 4, Jharpada, Near Curry Carnival, Rasulgarh, Bhubaneswar, Dist:- Khorda, State:- Odisha, PIN Code- 751025, Declare by this Affidavit No- 2276, Dated:- 09/10/2025 that now onwards I shall be known as **JAYA PRAKASH TRIPATHY** for all future purposes.

**AFFIDAVIT**
By virtue of an affidavit before the Executive Magistrate, Nilgiri vide No 975, 25/09/2025, I Anita Nayak, W/o- Himanshu Sekhar Nayak, At- K.Panposi, PO- Rugudi, Dist- Mayurbhanja, Odisha That I have changed my name from Anita to Anita Nayak. Henceforth I shall be known as **Anita Nayak** for all purpose.

**AFFIDAVIT**
I, **Jyotshnamayee Tripathy**, D/O- Dhrubaraj Mishra, resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2278, Dated:- 09/10/2025 that now onwards I shall be known as **JYOTSNAMAYEE MISHRA** for all future purposes.

**AFFIDAVIT**
By virtue of an affidavit sworn before Notary Public, Cuttack, dated 10.10.2025, I, KAHAKASA BANOO, Address: Vill- Matanagar, P.O.-Mirzapur, P.S.- Salipur, Dist.- Cuttack, PIN-754221, declare that I have changed my name from KYAKANSHA BANO to KAHAKASA BANOO. Henceforth, I shall be known as KAHAKASA BANOO for all purposes.
**SD/-KAHAKASA BANOO**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit Sl. No. 1694, dt.10.10.2025 in the court of the Executive Magistrate, Dhenkanal, I, Mamata Manjari Rout, have changed my name from Mamata Manjari Jena to Mamata Manjari Rout. Henceforth I shall be known as **Mamata Manjari Rout** for all purpose.
**Sd/- Mamata Manjari Rout**

**LOST**
I Dr. Ramakanta Nayak, S/o- Kanduri Charan Nayak, At/Po- Badapari, Ps-Tangi, Dist- Khordha states that on Dt- 09/10/25 morning I was coming from Banpur college Road to Medical I lost my bag containing my Original ROR of Khata no-1015 of mouza Kandhana-yagarh & RSD no.- 1580, Dated-25/7/1983 documents are lost. If anyone finds it kindly contact to my no-9438310934 or Banpur police station.if anyone will misutilize it, we will not be responsible for it.

**AFFIDAVIT**
By virtue of an affidavit sworn before Executive Magistrate, Puri, dated 23/05/2025, I Susanta Routaray, At- Gaindol, Po- Chhaitana, Ps- Puri sadar, Dist- puri, Pin- 752002 declare that, I have changed the name of my Daughter from Lovely Routaray to SHREEYA SALIN ROUTARAY. Henceforth, she shall be known as SHREEYA SALIN ROUTARAY for all purposes.
**Sd/- Susanta Routaray**

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ



କୋରାପୁଟ,୧୨।୧୦(ସମିସ): ସ୍ଥାନୀୟ ଦକ୍ଷତା ବିକାଶ ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜ୍ୟୋସ୍ନା ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷା ମାଧ୍ୟମରେ କିଶୋରୀଙ୍କୁ ସଶକ୍ତ କରିବା, ସେମାନଙ୍କର ଅଧିକାର ଏବଂ ସାମର୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ନେଇ କନ୍ୟା ସନ୍ତାନ ଦିବସ ପାଳନ କରାଯାଉଛି ବୋଲି ମୁଖ୍ୟ ଅତିଥି ଶ୍ରୀ ଦଳେଇ କହିଛନ୍ତି। ଏଡିପିଏଚଓ(ପରିବାର କଲ୍ୟାଣ) ଡାକ୍ତର ନୀଳ ମାଧବ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ କିଶୋରୀ ବାଳିକା ମାନଙ୍କୁ କିପରି ସଶକ୍ତ କରାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହି ଅବସରରେ କିଶୋରୀ ବାଳିକା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ସବିତା ସମାଦାର ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ମୋହରା ଛକ-ତେଲନଦୀ ପୋଲ ରାସ୍ତା ବିପର୍ଯ୍ୟସ୍ତ

# ପ୍ରତିଦିନ ଘଟୁଛି ଦୁର୍ଘଟଣା, ପ୍ରଶାସନ ନିରବଦ୍ରଷ୍ଟା

ଚନ୍ଦାହାଣ୍ଡି,୧୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଧିନ ମୋହରା ଛକ ଠାରୁ ବେହେରାମୁଣ୍ଡା ତେଲନଦୀ ପୋଲ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ହେତୁ ଜରୁରୀଭିତ୍ତିରେ ମରାମତି ପାଇଁ ସାଧାରଣରେ ଦାବି ହୋଇଛି । ପ୍ରାୟ ଦୁଇ ବର୍ଷ ହେବ ରାସ୍ତାର ମରାମତି ହେଉନଥିବା ବେଳେ ନୂତନ ଭାବେ ରାସ୍ତାର ପ୍ରଶସ୍ତିକରଣ କରିବାକୁ ନେଇ ବିଭାଗ ଚୁପ ରହିଛି । ଏପରିକି ରାସ୍ତା ଖାଲଖମାରେ ମାଟି ବି ପକାଉନି ବିଭାଗ। ବର୍ତ୍ତମାନ ମୋହରା ଛକ ଠାରୁ ଆରମ୍ଭ କରି ବେହେରାମୁଣ୍ଡା ଛକ ହୋଇ ତେଲନଦୀ ବ୍ରିଜ (ଉର୍ମାଲ ଛତିଶଗଡ ) ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ରାସ୍ତା ଉପରେ ଆଣ୍ଠୁଏ ଖାଲକୁ ବର୍ଷା ପାଣି କାଦୁଅ ପଚ ପଚ। ଦୈନିକ ହଜାରେ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି ଏବଂ ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେଥିମଧ୍ୟରୁ ବାଲି ଟିପର ଯୋଗୁଁ ଏବଂ ବହୁ ଓଜନ ବିଶିଷ୍ଟ ମାଲ ଗାଡିର ଚଳାଚଳ ଲାଗି ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ମରଣ ଯନ୍ତା



ହୋଇଛି। ପୂର୍ବ ସରକାର ସମୟରେ ହିଁ ଏହି ରାସ୍ତାରେ ବାଲି, ମେଟାଲ ଓ ମୁରୁମ ପକେଇ ମରାମତି ହୋଇଥିଲା। ବର୍ତ୍ତମାନ ସରକାର ଆସିବାର ପ୍ରାୟ ଦୁଇ ବର୍ଷ ହେବ ଏହି ରାସ୍ତା ମରାମତି କରିବା କିମ୍ବା ରାସ୍ତା ପ୍ରଶସ୍ତିକରଣ କରିବା ସାତସପନ ହୋଇପଡିଛି । ସାଂସଦ ଓ ବିଧାୟକ ମଧ୍ୟ ଏହି ରାସ୍ତା ବିପର୍ଯ୍ୟସ୍ତ ଜାଣି ଶୁଣି ଚୁପ ରହୁଥିବା ବେଳେ ଜିଲ୍ଲାପାଳ ମଧ୍ୟ ଏହି ରାସ୍ତା ପରିଦର୍ଶନ କରିଛନ୍ତି । ହେଲେ ପ୍ରଶାସନ କାର୍ଯ୍ୟକାରୀ କରିବାରେ ଫଳ ଶୂନ। ପ୍ରକାଶ ଥାଉକି, ଏହି ମୁଖ୍ୟ ରାସ୍ତା ଦେଇ ବେହେରାମୁଣ୍ଡା ପଞ୍ଚାୟତର ଜନସାଧାରଣ ଓ ପଡୋଶୀ ଛତିଶଗଡ଼ ରାଜ୍ୟର ସୀମାବର୍ତ୍ତୀ ଗ୍ରାମାଞ୍ଚଳର ଜନସାଧାରଣ ଯିବା ଆସିବା କରନ୍ତି। ଏପଟେ ଏହି ରାସ୍ତା ଛତିଶଗଡ଼ ରାଜ୍ୟର ଗାରିଆବନ୍ଦ ରାୟପୁର ଏବଂ ନୂଆପଡାକୁ ସିଧାସଳଖ ସଂଯୋଗ କରୁଛି। ଦିନକୁ ହଜାର ପରିବହନ ଗାଡ଼ି ଯିବାଆସିବା କରିବା ସହ ଅଞ୍ଚଳର ଜନସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ର, ଡାକ୍ତରଖାନା, ଥାନା, ତହସିଲ, ବ୍ୟାଙ୍କ, ଏଟିଏମ, ବଜାର, ବିଦ୍ୟାଳୟ, କଲେଜ ଭଳି ଅଞ୍ଚଳବାସୀ ଏହି ରାସ୍ତାରେ ଯିବାଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତାର ଖାଲଖମାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ମୋହରା

**➤ ପୂର୍ବ ସରକାରରେ ସମୟରେ ହୋଇଥିଲା ମରାମତି**
**➤ ହାତ ଟେକି ଦେଇଛନ୍ତି ସାଂସଦ ଓ ବିଧାୟକ**

କାର୍ଯ୍ୟ ପାଇଁ ଯିବା ଆସିବା କରୁଛନ୍ତି। ଅନେକ ଥର ଏହି ବିପଦପୂର୍ଣ୍ଣ ରାସ୍ତାରେ ଦୁର୍ଘଟଣା ହେଉଥିବା ସାଧାରଣରେ ଦେଖିବାକୁ ମିଳୁଛି। ଆମ୍ବୁଲାନ୍ସ, ସ୍କୁଲ ବସ୍ ,ପାଦ ଚଲା ପଥିକଙ୍କ ପାଇଁ ସମ୍ପୂର୍ଣ୍ଣ ବିପଦ ପୂର୍ଣ୍ଣ ହୋଇପଡିଛି। ଦୁଇ ବର୍ଷ ତଳେ ରାସ୍ତାର ସମ୍ପ୍ରସାରଣ ନିମନ୍ତେ ବିଭାଗ ପକ୍ଷରୁ ମୋହରା ଛକ ଠାରୁ ବେହେରାମୁଣ୍ଡା ଛକ ଦେଇ ତେଲନଦୀ ବ୍ରିଜ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ସହସ୍ରାଧିକ ବଡ଼ ସାନ ଗଛକୁ ରାସ୍ତା ନିର୍ମାଣ ପାଇଁ ସର୍ଭେ ବେଧଡକ ଗଛ କାଟି ରାସ୍ତା ସଫା କରା ଯାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ରାସ୍ତାର ସମପ୍ରସାରଣ କିମ୍ବା ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ବର୍ତ୍ତମାନ ଛକ ଠାରୁ ବେହେରାମୁଣ୍ଡା ତେଲନଦୀ ପୋଲ ପର୍ଯ୍ୟନ୍ତ ଏହି ରାସ୍ତାଟିକୁ ବ୍ଲକ ପ୍ରଶାସନ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରିବାର ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ପୂର୍ତ୍ତ ବିଭାଗୀୟ ଅଧିକାରୀ ଏହି ରାସ୍ତା ପ୍ରତି ତିଳେ ମାତ୍ର ନଜର ଦେଉନଥିବା ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ତେଣୁ ଏହି ରାସ୍ତାକୁ ବର୍ତ୍ତମାନ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ବଜୁରୀ ଗୁଣ୍ଡ କିମ୍ବା ମୋରମ ପକାଇ ରାସ୍ତାର ଖାଲଖମା ମରାମତି କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଗୌରୀ ଆମ୍ମା ପୂଜା ଆଡ଼ମ୍ବରରେ ପାଳନ

ପଦ୍ମପୁର,୧୨।୧୦(ସମିସ):ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ଜୁମୁରୁଗୁଡା ଗ୍ରାମରେ ଗୌରୀ ଆମ୍ମା ପୂଜା ଆଡମ୍ବର ସହକାରେ ପାଳନ କରାଯାଇଛି। ଏହା ଏକ କୃଷି ଭିତ୍ତିକ ପର୍ବ ହୋଇଥିବା ଯୋଗୁ ସମସ୍ତ ଚାଷୀ ମାନେ ଏହି ପୂଜାକୁ ମହାଆଡମ୍ବର ସହକାରେ ପାଳନ କରିଛନ୍ତି। କଳା ସଂସ୍କୃତି ଓ ପରମ୍ପରାର ସହର ପଦ୍ମପୁର। ଏଠାରେ ଓଡ଼ିଆ ଓ ତେଲଗୁ ସଂପ୍ରଦାୟର ଲୋକେ ରହୁଥିବା ଉଭୟ ଉଭୟଙ୍କ ପରମ୍ପରା ଓ ସଂସ୍କୃତିକୁ ପାଳନ କରିଥାନ୍ତି। ଏହି ଋତୁରେ ଚାଷୀମାନେ ଚାଷ ବାସ କାମସାରି ଫସଲ ଅମଳ ଅପେକ୍ଷାରେ ରହିଥିବା ବେଳେ ଏହି ଗୈରୀ ଆମ୍ମା ପୂଜା କଲେ ଭଲ ଫସଲ ଅମଳ ହେବା ସହ ପରିବାର ଲୋକେ ନିରୋଗ ରହିବା ସହ ସନ୍ତାନ ପ୍ରାପ୍ତି ନିମନ୍ତେ ଲୋକେ ମାଁ ଙ୍କ ପାଖରେ ଉପବାସ ରହି ଅଧିଆ ମଧ୍ୟ ପଡ଼ିଥାନ୍ତି। ଶରତର ଶେଷ ଓ ହେମନ୍ତ ଋତୁର ଆରମ୍ଭରେ ଶିବ ପାର୍ବତୀ ବୃଷଭ ପିଠିରେ



ବସି ପୃଥିବୀର ପରିଭ୍ରମଣ କରିବା ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏହି ପୂଜା କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ କରାଯାଇ ୧୦ରୁ ୧୫ ଦିନ ଧରି ଗୃହରେ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରିଥାନ୍ତି। ଏହି ପୂଜା ଖୁବ୍ ନିଷ୍ଠା ସହକାରେ ପାଳନ କରିଥାନ୍ତି। ଶିବ ପାର୍ବତୀଙ୍କ ସହ ସଂପୂର୍ଣ୍ଣ ମହାଦେବଙ୍କ ପରିବାର ଗଣେଶ ଓ କାର୍ତ୍ତିକଙ୍କ ମୃଣ୍ମୟ ମୂର୍ତ୍ତିକୁ ଶିଳ୍ପୀଙ୍କ ପାଖରୁ ପୂଜା ପାଠ କରି ଚାଙ୍ଗୁ ବାଦ୍ୟ ବଜାର ଆଣି ମାନସିକଧାରୀ ଘରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥାନ୍ତି। ଏହା ଗୋଷ୍ଠୀ ଭିତ୍ତିକ ପୂଜା ହୋଇଥିବା ଯୋଗୁ ସମସ୍ତେ ମିଳିମିଶି ପୂଜା କରିଥାନ୍ତି। ପୂଜା ମଣ୍ଡପ ଚର୍ତୁପାଶ୍ୱର୍ରେ ମୁଗ ବୁଣିବା ଦ୍ୱାରା କୁମାରୀ କନ୍ୟାମାନଙ୍କୁ ଭଲ ବରପାତ୍ର ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ପୂଜା ପାଇଁ ଅଞ୍ଚଳର ବହୁ ପରିବାର ଲୋକେ ସେମାନଙ୍କ ଏହି ପୂଜା ପାଇଁ ଝିଅ ଘର ପରିବାର ଲୋକଙ୍କୁ ଡାକିବା ସହ ସାଙ୍ଗ ସାଥି ମାନଙ୍କୁ ମଧ୍ୟ ଏହି ପୂଜାକୁ ନିମନ୍ତ୍ରିତ କରି ଭୋଜି ଭାତ କରି ଭାଇଚାରାର ସୃଷ୍ଟି କରିଥାନ୍ତି। ଏ ବର୍ଷ ଜୁମୁରୁଗୁଡାର ପୂନ୍ୟାବତୀ ମଣ୍ଡାଙ୍ଗିଙ୍କ ପରିବାର ନିଜ ଗୃହରେ ଗୈରୀ ଆମ୍ମାଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିବା ତାଙ୍କ ପାଇଁ ସୌଭାଗ୍ୟର କଥା ବୋଲି ପୂନ୍ୟାବତୀø ମାଣ୍ଡାଙ୍ଗି କହିଛନ୍ତି।

## ବରିଷ୍ଠ ନାଗରିକ ଦିବସ ପାଳିତ

କୋରାପୁଟ,୧୨।୧୦(ସମିସ): ଜିଲ୍ଲା ପ୍ରଶାସନ କୋରାପୁଟ ଦ୍ୱାରା ଶୁକ୍ରବାର ଟାଉନ ହଲ୍ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ. ସସ୍ମିତା ମେଲେକା, ଉପ-ଜିଲ୍ଲାପାଳ ପ୍ରେମଲାଲ୍ ହିଆଲ୍ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଅନୁଭବ ଓ ସମାଜ ପ୍ରତି ତାଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରି, ସମ୍ମାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୋଗ ଶିବିର ଏବଂ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ମାନ ଓ ସେବାର ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ ପରିଚାଳନା କରିଥିଲେ।

## ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ରାୟଗଡ଼ା, ୧୨।୧୦(ସମିସ) :

ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ମିନତୀ ନନ୍ଦଙ୍କ ଅଧ୍ୟକ୍ଷତାରେ 'ସପ୍ତ ଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଜଳି ପଣ୍ଡା ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପ ସଭାପତି ରଘୁ ନନ୍ଦନ ନନ୍ଦ, ମାତୃ ଭାରତୀ ସଭାପତି କଳ୍ପନା ମହାପାତ୍ର ଓ ରାୟଗଡା ଜିଲ୍ଲାର ସମାଜସେବୀ ତଥା ପୂର୍ବତନ ପରିଚାଳନା ସମିତିର ସଦସ୍ୟା ସବିତା ମିଶ୍ର ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ତଥା ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଓ ୧୧୦ ଜଣ ମାତୃ ଶକ୍ତି ଉପସ୍ଥିତ ଥିଲେ।



ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ସହ ପ୍ରଧାନ ଆଚାର୍ଯ୍ୟା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଭାରତୀ ପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିଥିଲେ। ଏହାପରେ ମୁଖ୍ୟ ବକ୍ତା ନିଜର ବକ୍ତବ୍ୟ ମାଧ୍ୟମରେ ନାରୀ ଶକ୍ତିର ମହତ୍ୱ ଓ ସମାଜ ଗଠନରେ ନାରୀର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ମଞ୍ଚାସୀନ ଅତିଥି ସବିତା ମିଶ୍ରଙ୍କୁ ବିଶିଷ୍ଟ ସମାଜସେବୀ ଭାବରେ ଉପ ସଭାପତି ମହୋଦୟଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ନିର୍ମଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତି ମନ୍ତ ପରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଛି।

## ବରିଷ୍ଠ ନାଗରିକ ଦିବସ ପାଳିତ

ଲକ୍ଷ୍ମୀପୁର,୧୨।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତା କରି ବରିଷ୍ଠ ନାଗରିକ ମାନଙ୍କୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ କରିବା ଉଚିତ ବୋଲି ପ୍ରକାଶ କରିଥିଲେ। ଯୁକ୍ତ ତିନି ଅଧ୍ୟକ୍ଷ ତଥା ସମ୍ମାନୀତ ଅତିଥି ବିଜୁ ମୁଦୁଲି ଏକ ଗ୍ରୁପ୍ ମାଧ୍ୟମରେ କିପରି ଜଣେ ବୃଦ୍ଧ ବୟସ୍କ ଲୋକ ଯୋଗୁ କିପରି ଗୋଟିଏ ଗ୍ରାମର ଲୋକେ ଖାଦ୍ୟଶସ୍ୟ ଅଭାବରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିଲେ ସେ ନେଇ ବର୍ଣ୍ଣନା କରିଥିଲେ। ମୂଖ୍ୟ ଅତିଥି ତଥା ବରିଷ୍ଠ ନାଗରିକ ବିନୋଦ ମାଣ୍ଡିଙ୍ଗ ତାଙ୍କ ଅଭିଭାଷଣରେ ଦୀର୍ଘ ୫୦ ବର୍ଷ ହେବ ଲକ୍ଷ୍ମୀପୁରରେ ରହି ସ୍ଥାନୀୟ ଆଦିବାସୀ କୁଭି ଭାଷାକୁ ଅନ୍ୟ ଭାଷାରେ ଅନୁବାଦ କରି ପୁସ୍ତକ ପ୍ରକାଶିତ କରିଥିବା କହି ଥିଲେ। ଏହା ସହ ଆଜିର ଯୁବ ସମାଜକୁ ବରିଷ୍ଠ ନାଗରିକ ମାନଙ୍କୁ ଉପେକ୍ଷା ନ କରି ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧା ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଏକ ଶପଥପାଠ ମଧ୍ୟ କରା ଯାଇଥିଲା। ସଭାରେ ଅଧ୍ୟାପିକା ମୌତୁସୀ ପ୍ରଧାନ, ଅଧ୍ୟାପକ ଶୀତଳ ପ୍ରସାଦ ଦାସ, ଲକ୍ଷ୍ମୀକାନ୍ତ ଟାକ୍ରୀ, ପବିତ୍ର ମଣ୍ଡଳ, ଯୋଗେଶ୍ୱର ପୋଡ ତଥା ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଡଃ ଜଗନ୍ନାଥ ରଥ ପରିଚାଳନା କରିଥିଲେ ଏବଂ ଶେଷରେ ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ଯଶୋବନ୍ତ ଗରଡା ବକ୍ତବ୍ୟ ରଖିଥିଲେ। ଶ୍ରୀ ମାଣ୍ଡିଙ୍ଗାଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇ ଥିଲା।

## କରୱା ଚୌଥ୍ ବ୍ରତ ପାଳିତ

ଚନ୍ଦାହାଣ୍ଡି,୧୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ମହକୁମା ଠାରେ ବସବାସ କରୁଥିବା ଜୈନ ସଂପ୍ରଦାୟର ମହିଳା ମାନେ ଏକତ୍ରିତ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କରୱା ଚୌଥ୍ ବ୍ରତ ପାଳନ କରିଥିଲେ। ଏହି ପର୍ବରେ ବିବାହିତା ମହିଳା ମାନେ ସାରା ଦିନ ନିର୍ଜଳ ଉପବାସ ରହିଥିଲେ। ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ଚନ୍ଦ୍ର ପୂଜା କରିବା ସହ ପୂଜାର୍ଚ୍ଚନା କରି ବ୍ରତ ସମାପନ କରିଥିଲେ। ନିଜ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବାର ଏହି ବ୍ରତର ମୂଳ ଉଦ୍ଦେଶ୍ୟ ଅଟେ। ଏହି ଅବସରରେ ଏଠାରେ ବସବାସ କରୁଥିବା ଜୈନ ସଂପ୍ରଦାୟର ସମସ୍ତଙ୍କ ଘରେ ପିଠାପଣାର ଆସର ହେବା



ସହ ନିଜ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ପରସ୍ପରକୁ କରୱା ଚୌଥ ବ୍ରତର ଅଭିନନ୍ଦନ ଜଣାଇଥିଲେ। ଆଜି ଠାରୁ ପ୍ରତି ଘରେ ଆସନ୍ତା ଦୀପାବଳି ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ରତ ପାଳନରେ ସରୋଜ ଜୈନ, ଅନିତା ଜୈନ, ସୁମନ ଜୈନ , ଲକ୍ଷ୍ମୀ ଜୈନ , ସବିତା ଜୈନ , ବଂଟି ଜୈନ , ମୀରା ଜୈନ, ଅର୍ଚ୍ଚା ଜୈନ, ଡପିଲି ବାଇ ଜୈନଙ୍କ ସମେତ ବହୁ ସଂଖ୍ୟାରେ ମହିଳା ମାନେ ସାମିଲ ହୋଇଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ବୈପାରୀଗୁଡ଼ା,୧୨।୧୦(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଗୁଡ଼ା ଉଚ୍ଚ ବିଦ୍ୟାଳୟର ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି" ଅନୁଷ୍ଠିତ ହୋଇଥିଲା। କେ.ଭାଲୁଗୁଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କେନ୍ଦୁଗୁଡ଼ା ପଞ୍ଚାୟତର ସରପଞ୍ଚ ଅଭିମନ୍ୟୁ ନାୟକ ଓ ସମ୍ମାନୀତ ଅତିଥି ଭାବରେ ସମିତି ସଦସ୍ୟା ପୁଷ୍ପାଞ୍ଜଳି ଫାଲମ୍ ଏବ ଏହି ବୀର ମାଟିର ପୁଅ ସହିଦ ଇଶ୍ୱର ତଳିଆଙ୍କ ସହଧର୍ମିଣୀ ବାସନ୍ତୀ ତଳିଆ ଓ ସୁପୁତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଶିଶୁ ମହୋତ୍ସବରେ ୧୮ ଟି ବିଦ୍ୟାଳୟର ୧୫୫ ଜଣ ଛାତ୍ରଛାତ୍ରୀ ମିଶି ୨୦ଟି ବିଭାଗରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଗୀତ, ନୃତ୍ୟ, ଗପ, ଚିତ୍ରାଙ୍କନ, କୁଇଜ, ଅଭିନୟ, ବିଜ୍ଞାନ ମଡେଲ ପ୍ରଦର୍ଶନ, ପରିବେଶ ଉପରେ ଭାଷଣ ଇତ୍ୟାଦି କାର୍ଯ୍ୟକ୍ରମରେ ପିଲାମାନେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମରେ ଆବାସିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁମ୍ମା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ରାଣୀ ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ସମାପ୍ତ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ।

### ଜଗନ୍ନାଥ ମନ୍ଦିର ସମୀକ୍ଷା ବୈଠକ

# ଉନ୍ନତି ଓ ଆୟବ୍ୟୟ ଚିଠା ଉପସ୍ଥାପନ

ଗୁଣପୁର,୧୨।୧୦(ସମିସ): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଆଜି ମନ୍ଦିର ଉନ୍ନୟନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟିର ସଭାପତି ଡଃ ସତ୍ୟ ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ଚାରିବର୍ଷ ମଧ୍ୟରେ ମନ୍ଦିରର ଉନ୍ନତି ପାଇଁ କିଭଳି ପଦକ୍ଷେପ ହାତକୁ ନିଆଯାଇଛି ଓ ଆଗକୁ କଣସବୁ କାର୍ଯ୍ୟ କରାଯିବ ସେନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଗତ ଚାରିବର୍ଷ ମଧ୍ୟରେ ସରକାରଙ୍କ ଅନୁଦାନ ଓ ଭକ୍ତଙ୍କ ଦାନ ଅର୍ଥରେ ପ୍ରାୟ ଏକକୋଟି ଟଙ୍କା ବ୍ୟୟରେ ମନ୍ଦିରର ରଙ୍ଗଦିଆ ଠାରୁ ଆରମ୍ଭ କରି, ଚାରିପାଖରେ ଗ୍ରାନାଇଟ ପଡିବା, ମନ୍ଦିର କାର୍ଯ୍ୟାଳୟ ନିର୍ମାଣ, ସିସି କ୍ୟାମେରା ସ୍ଥାପନା, ପୂଜାରୀ ଘର ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା, ଭୋଗଯିବା ରାସ୍ତାର ଛାତ ନିର୍ମାଣ, ଭବ୍ୟ ଗୁଣ୍ଡିଚା ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ଇତ୍ୟାଦି ପାଇଁ ହୋଇଥିବା ଆୟବ୍ୟୟର ହିସାବକୁ କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଉମା ଶଙ୍କର ଦାସ ଓ ଫକିର ନାୟକ



ଉପସ୍ଥାପନା କରିଥିଲେ। ଆଗାମୀ ଦିନରେ ସିଂହଦ୍ୱାର, ଅରୁଣ ସ୍ତମ୍ଭ, କାଶୀବିଶ୍ୱନାଥ ମନ୍ଦିର, ବିନାୟକ ମନ୍ଦିର, ବିମଳା ମନ୍ଦିର, ହନୁମାନ ମନ୍ଦିର ସହ ମେଘନାଦ ପାଚେରୀ ଓ ଅନ୍ୟ ତିନି ଦ୍ୱାରା ନିର୍ମାଣ କାର୍ଯ୍ୟ କରିବାର ଯୋଜନା ରହିଥିବା କଥା କାର୍ଯ୍ୟକାରୀ ସଭାପତି ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଅକ୍ଷୟ ଦାସଙ୍କ ସଂଯୋଜନାରେ ନୂତନ ମନ୍ଦିର ନିର୍ମାଣର ବିନ୍ଧାଣୀ ସାଜିଥିବା ଡଃ ରାମ ନାରାୟଣ ମହାନ୍ତି, ଦେବେନ୍ଦ୍ର ଚୌଧୁରୀ, ତ୍ରିନାଥ ପୂଜାରୀ, ବିଧାୟକ ସତ୍ୟଜିତ୍ ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଜଗନ୍ନାଥଙ୍କ ଶବର ସେବକ ଗାଙ୍ଗାରାଜୁ ଶବର ଓ ଅନ୍ୟ ଜଣେ ଶୃଙ୍ଖଳିତ ସେବକ ଜଗନ୍ନାଥ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରା ଯାଇଥିଲା। ବୈଠକରେ ଆସନ୍ତା ୩୦ ତାରିଖରୁ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଜଗନ୍ନାଥ ସେନାର କାର୍ଯକାରୀ ସଭାପତି ଜିତେନ୍ଦ୍ର ନାୟକ ଏହାର ସମସ୍ତ ସୂଚନା ଦେଇଥିଲେ। ଶେଷରେ ବ୍ରହ୍ମା ଅଶୋକ ରଥସର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କାଉନସିଲର ଭାଗିରଥି ବିଶୋୟୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ବରିଷ୍ଠ ଆଇନଜୀବୀ ଫଣୀ ଭୁଷଣ ପଟ୍ଟନାୟକ, ଗଦାଧର ପଣ୍ଡା, ଉନ୍ନୟନ କମିଟିର ସମ୍ପାଦକ ନିରଞ୍ଜନ ପାଢି, ଆଇନଜୀବୀ ରାଜେନ୍ଦ୍ର ପାଢି, ଦେବୀ ଆଚାର୍ଯ୍ୟ, ରମେଶ ଲିମା, ଇନ୍ଦ୍ରାକ୍ଷୀ ଦାସ, ମିଲି ପାଢି, ନିରଞ୍ଜନ ନାୟକ, ସୌରା ନାୟକ, ତିରୁପତି ପଣ୍ଡା, ଲାଡି ନୃଷିଂହମୁର୍ତ୍ତି, ଗୌରୀ ପଣ୍ଡା, ପୂଜକ ମନୋଜ ପାଢି, ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୌଭାଗ୍ୟ ପତିତ, ଗୌରୀ ରଥ, ପ୍ରଶାନ୍ତ ମିଶ୍ର, ଅମ୍ବିକାରାଣୀ ମହାପାତ୍ର, ଡଃ ପ୍ରଶାନ୍ତ କୁମାର ହୋତା, ରାମ ପଣ୍ଡା, ସିମାଦ୍ରୀ ମଧୁ, ସୂର୍ଯ୍ୟ ରଥ, ଅଶୋକ ହୋତା, ଶ୍ରୀନିବାସ ରାଓ, ମୁନା ପାଣି, ନାଗଭୂଷଣ, ସିଏଚ ଶ୍ରୀନିବାସ ରାଓ ଓ ଲାଡି ଶୁରେସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ଶପଥ ପାଠ ଉତ୍ସବ




କୋରାପୁଟ,୧୨।୧୦(ସମିସ) :

ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ୍ରେସନର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ଓ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗ ଦେଇଥିଲେ। ଗତ ସେପ୍ଟେମ୍ବର ୨୦ ତାରିଖରେ ନିର୍ବାଚନ ହୋଇଥିଲା। ନବ ନିର୍ବାଚିତ ସଦସ୍ୟ ଓ ସଦସ୍ୟାମାନଙ୍କୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ରାଜ୍ୟ ମହାସଚିବ ଚାରୁଲତା ମହାପାତ ଶପଥ ପାଠ କରାଇଥିଲେ। ଶିକ୍ଷକ ହେଉଛନ୍ତି ଦେଶରେ ଦର୍ପଣ ସଦୃଶ୍ୟ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷକ ମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଶିକ୍ଷକ ମାନଙ୍କ ସ୍ଥାନ ସର୍ବଦା ଉଚ୍ଚରେ ରହିଥାଏ। ଶିକ୍ଷକ ସମାଜ ସବୁ ବେଳେ ପ୍ରଶଂସାର ପାତ୍ର ହୋଇଥାନ୍ତି। ଶିକ୍ଷକଙ୍କ ଭିତରେ ଏକତା ରକ୍ଷା କରି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷକ ମାନେ ଆଗେଇ ଆସିବାର ଆବଶ୍ୟକତା ରହିଛି। ଶିକ୍ଷକତାକୁ ବୃତ୍ତି ନ ଭାବି ବ୍ରତ ବୋଲି ଭାବିବା ଉଚିତ ବୋଲି ଉପସ୍ଥିତ ଥିବା ଅତିଥି ମାନେ କହିଥିଲେ। ଉସଭାପତି ଭାବେ ଦାମଦର କନ୍ଧପାନ , ସାଧାରଣ ସମ୍ପାଦକ ଦିଲୀପ ଟାକ୍ରୀ, ଉପ ସଭାପତି ବୈଜୟନ୍ତି ମାଳା ଖୋସଲା ଓ ଅନୀଲ ସିରିକା, ସଂଗଠନ ସମ୍ପାଦକ ଧନେଶ୍ୱର କାଣ୍ଡି, ସହ ସମ୍ପାଦକ ରାଜେନ୍ଦ୍ର ରଥ, ଦେବେନ୍ଦ୍ର ଟାକ୍ରୀ, ଟି ଅରୁଣ, ସଞ୍ଜୟ ସିଂ, କାମେଶ୍ୱର ରାଓ, କୋଷାଧ୍ୟକ୍ଷ ଲକ୍ଷ୍ମଣ ସଗର, ସଂଯୋଜକ ନୟନ ବିଶୋଇ, ସହ ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ନୂତନ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ। ରାଜେନ୍ଦ୍ର କୁମାର ରଥ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଦିଲୀପ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ୍ରେସନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ନିୟମଗିରିରେ ସରୁନି ଡଙ୍ଗରିଆଙ୍କ ଦୁଃଖ

# ଅନ୍ଧାରରେ କଳବଳ ୨୩ ଖଣ୍ଡ ଗ୍ରାମ

**କଲ୍ୟାଣସିଂହପୁର,୧୨।୧୦ (ସମିସ):** ସାତ ଦଶନ୍ଧିରୁ ଅଧିକ ବର୍ଷ ହେବ ଅନ୍ଧାରରେ ଜୀବନ ଅତିବାହିତ କରୁଅଛନ୍ତି ନିୟମଗିରିର ପାହାଡ଼ ଉପରେ ଥିବା ୨୩ ଗୋଟି ଗ୍ରାମର ଶତାଧିକ ପରିବାର। ଆଜି ଯାଏଁ ବିଜୁଳି ଆଲୁଅ ଦେଖି ପାରୁନାହାନ୍ତି ଡଙ୍ଗରିଆ। ନିୟମଗିରି ପାହାଡ଼ ଉପରେ ବସବାସ କରୁଥିବା ଆଦିମ ଜନଜାତି ଡ଼ଙ୍ଗରିଆ ବିଜୁଳି, ନଳକୂପ ପାଣି ସାହିକୁ ସିସି ରାସ୍ତା ଭଳି ଅନେକ ମୌଳିକ ଅଧିକାରରୁ ବଞ୍ଚିତ ରହିଥିବା ନଜର ରହିଛି। ବର୍ତ୍ତମାନ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଅନ୍ଧାରରେ ଜୀବନ କାଟୁଛନ୍ତି। ଏ ହେଉଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ନିୟମଗିରି ପାହାଡ ଉପରେ ଥିବା ପାର୍ଶାଲି ପଞ୍ଚାୟତରେ ଅଧିକାଂଶ ଗ୍ରାମରେ ବିଜୁଳି ଆଲୁଅ ପହଞ୍ଚି ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡିବିରି ଆଲୁଅ ପାଇଁ କିରାସିନି ମିଳୁନଥିବାରୁ ଅନ୍ଧାରରେ କାଳାତିପାତ କରୁଛନ୍ତି। ଗ୍ରାମ ଗୁଡ଼ାକରେ ପଞ୍ଚାୟତ ପକ୍ଷରୁ ସଲର ବ୍ୟବସ୍ଥା ଥିଲେ ମଧ ଅତି ନିମ୍ନମାନର ଲକ୍ଷ ଲକ୍ଷ ଟଙ୍କାର ପ୍ରତିଗ୍ରାମକୁ ଯୋଗାଣ କରିଥିଲେ ମଧ ଜଳୁନାହିଁ ବୋଲି ଗତ କିଛିଦିନ ପୂର୍ବେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ଅଭିଯୋଗ କରିଥିଲେ ଡାଙ୍ଗରିଆ ମାନେ। ସଲାର ପ୍ରଦାନ କାରି ସଂସ୍ଥା, ପିଇଓ ଓ ଗ୍ରାମପଞ୍ଚାୟତ ସାମ୍ପ୍ରସାରଣ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଅତି ନିମ୍ନମାନର ସଲାର ଗ୍ରାମ ଗୁଡାକରେ ଲଗାଇ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସଲାର ଲଗାଇବାର ମାସ ନପୂରୁଣୁ ଖରାପ ହୋଇ ନଷ୍ଟ ହୋଇ ଯାଉଥିବାରୁ ଡାଙ୍ଗରିଆ ମାନେ ଅନ୍ଧାରରେ ଜୀବନ ଯାପନ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଖରାପ ହେଲେ ମରାମତି କରୁନଥିବାରୁ ସଲାର ଜଳୁନଥିବା ଲୋକଙ୍କ ସମସ୍ୟା ଦୁଇଗୁଣ ହୋଇ ପଡିଛି। ସରକାରଙ୍କ ଠାରୁ କୋଟି କୋଟି ଟଙ୍କା ଅନୁଦାନ ଆଣି ସୋଲାର ପ୍ରଦାନ କାରି ସଂସ୍ଥା ମରାମତି କରିବାର ମଧରେ ଭୁଲି ଯାଇଛି। ଏହି ଆଦିମ ଜନଜାତି ଡ଼ଙ୍ଗରିଆଙ୍କ ପାଇଁ ସରକାର ୧୯୮୭ ମସିହାରେ ଆଦିବାସୀ



ଉନ୍ନୟନ ସଂସ୍ଥା ତରଫରୁ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରତିଷ୍ଠା କରାଯାଇ ଥିଲା। କିନ୍ତୁ ୩୯ ବର୍ଷ ଏହି ସଂସ୍ଥା କାର୍ଯ୍ୟ କରି କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଡଙ୍ଗରିଆଙ୍କ ଭାଗ୍ୟ ଆଜିଯାଏ ବଦଳି ପାରିଲା ନାହିଁ ବୋଲି ଡ଼ଙ୍ଗାରିଆ ମାନେ ଅଭିଯୋଗ କରିଛନ୍ତି। ଗତ ୧୮ମସିହାରୁ ପାଞ୍ଚ ବର୍ଷ ଓପିଲିପି ନାମରେ ପୁଣି ଆଇଟିଡିଏ ପକ୍ଷରୁ ପ୍ରାୟ ୪୦ କୋଟି ଟଙ୍କା ପାର୍ଶାଲି ଓ ସୁନାଖଣ୍ଡି ପଞ୍ଚାୟତରେ ବସବାସ କରୁଥିବା ଡ଼ଙ୍ଗରିଆ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଉନ୍ନତି କରିବାକୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରି ଶେଷ ହୋଇ ଯାଇଥିଲେ ମଧ ବାସ୍ତବରେ ଦେଖିଲେ ଜଣାପଡିବ ବୋଲି ଡଙ୍ଗରିଆ ମାନେ ଅଭିଯୋଗ କରିଛନ୍ତି। ପରେ ପରେ ଆଉ ପାହାଡ଼ ତଳିଆ ଗ୍ରାମ ଗୁଡାକକୁ ବିଜୁଳି ଗଲା କିନ୍ତୁ ଗୁମା,ଲମ୍ବା, ଡଙ୍ଗାମାଠି ,ପଟାଙ୍ଗ ପଦର,ଲାଖପଦର,ଟାମକଷିଲା, ଟେଭାପଡା, ପଞ୍ଚକୋଡ଼ି, କାଡ୍ରାକା ବଣ୍ଡେଲି, ଫାକେରି, ନିଶିଖାଲ, ନିର୍ଗୁଣ୍ଡି, ସାରିଝୋଲା ଭଳି ଅନେକ ଗ୍ରାମକୁ ଆଜିଯାଏ ବିଜୁଳିର ଆଲୁଅ ସାତ ସପନ ହୋଇ ପଡିଛି। ବର୍ଷ ପରେ ବର୍ଷ ବିତି ଯାଇଛି କିନ୍ତୁ ପାହାଡିଆ ଘାଟି ଚଢୁନି ବିଦ୍ୟୁତ ଖୁଣ୍ଟ। ସେହିପରି ଡଙ୍ଗରିଆଙ୍କ ସର୍ବାଙ୍ଗୀନ ଉନତି ପାଇଁ ଡିକେଡିଏ ସ୍ୱତନ୍ତ୍ର ଅଧିକାରୀ ମଧ ଆଖିକାନ ବୁଜିଦେଇଥିବା ଜଣା ପଡିଛି। କେନ୍ଦ୍ର ସରକାର ଜନଜାତି ଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା କରି ଏକ ବର୍ଷ ବିତିଗଲା କିନ୍ତୁ ବିଜୁଳି ଖଣ୍ଡିକ ଲାଗି ପାରଲା ନାହିଁ ବୋଲି ଡଙ୍ଗରିଆ ମାନେ ଅଭିଯୋଗ କରିଛନ୍ତି। ସରକାର ବଦଳିଲା ଅଧିକାରୀ ବଦଳିଲେ କିନ୍ତୁ ଡଙ୍ଗରିଆ ଙ୍କ ଭାଗ୍ୟ ବଦଳିଲା ନାହିଁ କହିଲେ ଭୁଲ ହେବ ନାହିଁ। ସଲାର ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଡଙ୍ଗରିଆ।

# ତେନ୍ତୁଳି ଗଛ ପଡ଼ି ଘର ଛାରଖାର

## ଅଳ୍ପକେ ବର୍ତ୍ତିଲେ ପରିବାର



**ନନ୍ଦପୁର,୧୨।୧୦(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ କୁମାର ଗନ୍ଧଣା ପଞ୍ଚାୟତ ଅନ୍ତର୍ଗତ ବାଲିଆ ଗ୍ରାମରେ ଆଜି ଦିନ ପ୍ରାୟ ସାଢେ ୧୦ଟା ସମୟରେ କୃପାସିନ୍ଧୁ ଦିସାରିଙ୍କ ଘର ପାଖରେ ଥିବା ଏକ ବିରାଟ ତେନ୍ତୁଳି ଗଛ ହଠାତ୍ ତାଙ୍କ ଘର ଛାତ ଉପରେ ପଡ଼ି ଯାଇଥିଲା। ଘର ଉପରକୁ ଗଛଟି ପଡ଼ିବାରୁ ଘରର ବିଭିନ୍ନ ଅଂଶ ନଷ୍ଟ ହୋଇଯାଇଛି। ତେବେ ସୌଭାଗ୍ୟକ୍ରମେ ଘର ଭିତରେ ଥିବା ପରିବାରର ପାଞ୍ଚଜଣ ସଦସ୍ୟ ଅଳ୍ପକେ ବଞ୍ଚି ଯାଇଛନ୍ତି। ସୂଚନା ପାଇ ନନ୍ଦପୁର ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲ, ଫାୟାର ମ୍ୟାନ୍ ପ୍ରକାଶ କିସାନ, ଜଗନ୍ନାଥ ଦଳାଇ, କରୁଣା କର ମହାରଣା, ଅମିତ କୁମାର ଦାସ, ଚାଳକ ନୀଳ ନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ଗଛଟିକୁ କାଟି ଘର ଉପରୁ ହଟାଇଥିଲେ ଓ ପରିବାରକୁ ସୁରକ୍ଷିତ କରିଥିଲେ।

# ପୂର୍ବତନ ବିଧାୟକ ସ୍ୱର୍ଗତ ରବି ସିଂ ମାଝିଙ୍କ ଜୟନ୍ତୀ



**ଉମରକୋଟ ୧୨।୧୦ (ସମିସ):** ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ଉମରକୋଟର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ସିଂ ମାଝିଙ୍କ ୧୦୩ ତମ ଜନ୍ମ ବାର୍ଷିକ ଆଜି ତାଙ୍କ ଜନ୍ମ ମାଟି ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନୀ ଗ୍ରାମ ପଞ୍ଚାୟତର ବାଟିବଡା ଠାରେ ମହା ସମାରୋହରେ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନ୍ଦନ ଗଣ୍ଡ ଯୋଗ ଦେଇଥିଲେ। ବାଟିବେଡା ସ୍ୱାଧୀନତା ସଂଗ୍ରାମୀ ନ୍ୟାସ କମିଟି ପକ୍ଷରୁ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ମାନେ ପ୍ରଥମେ ସ୍ୱର୍ଗତ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ତାଙ୍କ ସମାଧି ପିଠକୁ ଯାଇ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ସିମାଞ୍ଚଳ ମଲ୍ଲିକ ସଂପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ରାଜ୍ୟ ସଭା ଏମପି ଭଗବାନ ମାଝି, ସମ୍ମାନିତ ଅତିଥି ଭାବରେ ରାଜ୍ୟ ସଭା ଏମପି ମୁନା ଖାଁ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୂର୍ବତନ ଏମପି ରମେଶ ଚନ୍ଦ୍ର ମାଝୀ ଓ ପର୍ଶୁରାମ ମାଝି, ରାଜ୍ୟ ସ୍ତରୀୟ ସହିଦ ସ୍ମୃତି ସଂସଦ ସଭାପତି ମୁନା ତ୍ରିପାଠୀ, ଉମରକୋଟ ବ୍ଲକ ଅଧକ୍ଷ ସୁଶୀଳା ମାଝି, ଉମରକୋଟ ପୌର ଅଧକ୍ଷା ରାଧା ଭତ୍ରା, ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ନଗର ପାଳ ପି. ରାବଣା ରାଓ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ବିଜେଡି ନେତା ଦେବି ସିଂ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୂଖ୍ୟ ଅତିଥି ନିତ୍ୟାନନ୍ଦନନ୍ଦ ଗଣ୍ଡ ରବି ସିଂ ମାଝିଙ୍କ ଜୀବନୀ ସମ୍ପର୍କରେ ଜାଣିବା ପାଇଁ ସବୁ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଓ ଅତି ଶୀଘ୍ର ରାଇଘର ଠାରେ ରବି ସିଂ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଏବଂ ଅତିଶୀଘ୍ର ପାଠ୍ୟ ପୁସ୍ତକରେ ରବି ସିଂ ମାଝିଙ୍କ ସମ୍ପର୍କ ରେ ସ୍ଥାନ ପାଇବା ସହ ଏହି ଅଞ୍ଚଳର କିଛି ଅନୁଷ୍ଠାନର ନାମ ଯଦି ସ୍ୱର୍ଗତ ରବି ସିଂ ମାଝିଙ୍କ ନାଁରେ କରିବା ପାଇଁ ପ୍ରସ୍ତାବ ଆସେ, ତେବେ ସେ ସରକାରୀ ସ୍ତରରେ ଏଥିପାଇଁ ସମସ୍ତ ସାହାଯ୍ୟ କରିବେ ବୋଲ କହିଛନ୍ତି। ଅତି ଶୀଘ୍ର ରବି ସିଂ ମାଝିଙ୍କ ପରିବାର ସମ୍ପର୍କୀୟଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଥିବା କିଛି ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ଏହି ସଭାରେ ରବି ସିଂ ମାଝିଙ୍କ ସମ୍ପର୍କୀୟ ସନ୍ତୋଷ କୁମାର ମାଝୀ, ନିରଞ୍ଜନ ମାଝି, କ୍ଷୀରୋଦ ମାଝି ଓ ଝିଅ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ନ୍ୟାସର ସଭାପତି ଗୁରୁ ସାଏ ନାୟକ, ଉପ ସଭାପତି ଲମ୍ବଧର ପାଣ୍ଡେ, ସମ୍ପାଦକ କୃଷ୍ଣ ଭତରା, କୋଷାଧ୍ୟକ୍ଷ ନରସିଂହ ପାଣ୍ଡେ ଓ ଶିବ ଚରଣ ପନକା ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଚୋରି

**ନନ୍ଦପୁର, ୧୨।୧୦ (ସମିସ):** ଆଶ୍ରୟ ସ୍ଥଳରୁ ବାଇକ୍ ଚୋରି ହୋଇଛି। ଏହି ଘଟଣା ଘଟିଛି ନନ୍ଦପୁର ଥାନା ଅଧିନସ୍ଥ ବନମାଳୀ ଗ୍ରାମପଞ୍ଚାୟତରେ । ଖବରରୁ ପ୍ରକାଶ ଯେ ବର୍ଷାରୁ ରକ୍ଷା ପାଇବା ପାଇଁ ଆଶ୍ରୟ ନେଇଥିବା ସମୟରେ ବାଇକ୍ ଚୋରି ହୋଇଯାଇଥିବା ଘଟଣା ନେଇ ନନ୍ଦପୁର ଥାନାରେ ଗୋଟିଏ ଅଭିଯୋଗ ରୁଜୁ ହୋଇଛି। ଏହି ଘଟଣା ବନମାଳିପୁଟ ପଞ୍ଚାୟତ ଅନ୍ତର୍ଗତ ଦେବଗନ୍ଧଣା ଗ୍ରାମର ଲବ ଗୋଲୋରୀଙ୍କ ସହ ଘଟିଛି। ଲବ ଗୋଲୋରୀ ଗତକାଲି କୌଣସି କାମ ସାରି ନିଜ ହିରୋ ସ୍ପେଲଣ୍ଡର ବାଇକ୍ ( ଓଡ଼ି ୧୦ଏଫ୍ ୨୫୮୮) ଯୋଗେ ନନ୍ଦପୁର ଆସିଥିଲେ। କାମ ଶେଷ କରି ଗାଁକୁ ଫେରୁଥିବା ବେଳେ ଗାଁ ନିକଟସ୍ଥ ହଳଦୀ ଫ୍ୟାକ୍ଟରୀ ଠାରେ ବର୍ଷା ଆରମ୍ଭ ହେବାରୁ ସେ ଆଶ୍ରୟ ନେଇଥିଲେ। ଏହି ସମୟରେ କୌଣସି ଅଜଣା ଦୁର୍ବୃତ୍ତ ତାଙ୍କ ବାଇକ୍ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ବର୍ଷା ଶେଷ ହେବା ପରେ ଲବ ବାହାରି ଦେଖିଥିଲେ ଯେ, ବାଇକ ସେଠାରେ ନାହିଁ। ଚାରିପାଖ ଖୋଜିଲେ ମଧ ବାଇକ ମିଳିନଥିଲା। ଶେଷରେ ସେ ଆଜି ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିବା ସୂଚନା ମିଳିଛି।

**● ଜନ୍ମ ଦିନରେ ରକ୍ତଦାନ ଶିବିର**

# ୫୧ ୟୁନିଟ୍ ରକ୍ତ ସଂଗ୍ରହ



**ସେମିଳିଗୁଡ଼ା,୧୨।୧୦(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡା ସ୍ଥିତ ମଲ୍ଟି ଫଙ୍କ୍ସନ ହଲରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ପ୍ରତ୍ୟୁଷ ଓ ତ୍ରିସିକା ଙ୍କର ଜନ୍ମ ଦିନ ପାଳନ ଅବସରରେ ଜୟ ଚନ୍ଦ୍ର ବାଡତ୍ୟା, ବିଷ୍ଣୁ ବେହେରା ଓ ଜ୍ୟୋଛନା ବାଡତ୍ୟା ଏହି ଶିବିର ଆୟୋଜନ କରିଥିଲେ। ଏହାକୁ ସାବାର ଶ୍ରୀକ୍ଷେତ୍ର ପନ୍ଦରା ସମାଜ, ପିୟୁ ଟ୍ୟୁଟୋରିଅଲ ଓ ଟିମ ସମର୍ପଣ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ଡ଼କ୍ଟର ଅଜୟ କୁମାର ସାହୁ ଏହି ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ । ଆନନ୍ଦ ମଉଳି ପଟନାୟକ, ପ୍ରଦୀପ ତ୍ରିପାଠୀ, ଡ ନରେଶ ସାହୁ, ଗଣେଶ ସାହୁ, ବିଜୟ ସାହୁ, ଗୀତା ପାଢ଼ୀ ଓ ଗୋବିନ୍ଦ ପାଢ଼ୀ ଆଦି ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିଥିଲେ। କୋରାପୁଟ ବ୍ଲଡ଼ ବ୍ୟାଙ୍କର ମନୋରଞ୍ଜନ ସୁନା, ଭି. ଗଙ୍ଗାଧର, ସଞ୍ଜୟ ସିଂହ ଓ ରବୀନ୍ଦ୍ର ମିଶ୍ର ଏହି ରକ୍ତ ସଂଗ୍ରହ କରିଥିଲେ।

# ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ



**ସେମିଳିଗୁଡା, ୧୨।୧୦(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ପରଜା ମୁଠାଇ ଗ୍ରାମ ପଞ୍ଚାୟତର ଲେଞ୍ଜିଗୁଡ଼ା ଗ୍ରାମର ମଧୁ ଚପାଡି (୪୫) କିଛି ଦିନ ହେବ, ଦେହ ଅସୁସ୍ଥ ହୋଇ ବିଶାଖାପାଟାଣାର ଏକ ଘରୋଇ ହସପିଟାଲରେ ଚିକତ୍ସିତ ହେଉ ଥିଲେ। ସେଠାରୁ ଫେରିବା ପରେ ତାଙ୍କ ବାସ ଭବନରେ ମୃତ୍ୟୁ ଘଟିଛି। ଡାକ୍ତର ତାଙ୍କ ପରିବାରକୁ ସ୍ୱର୍ଗତ ଚପାଡ଼ି କୀଡନି ରୋଗରେ ପୀଡିତ ଥିବା ଏବଂ ତାଙ୍କ ଦେହରେ ଜଳିୟଅଂଶ କିଛି ନ ଥିବା ରିପୋର୍ଟ ଦେଇଥିଲେ। ଏହି ମୃତ୍ୟୁଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ୨୦୧୨ ମସିହାରୁ ଲଗାତାର ୨୦୨୫ ଯାଏଁ ଦୁଇ ଥର ସମିତି ସଭ୍ୟ ଥରେ। ୱାର୍ଡ ସଭ୍ୟ, ତାଙ୍କ ସ୍ତ୍ରୀ ବର୍ତ୍ତମାନ ସମିତି ସଭ୍ୟା ଥାଇ ଲୋକଙ୍କ ସହିତ ଦୁଃଖ ସୁଖରେ ସାମିଲ ହୋଇ ଭାଗୀଦାର ହେଉ ଥିଲେ। ସ୍ଥାନୀୟ ଅଞ୍ଚଳରେ ଶହ ଶହ ଲୋକ ମର୍ମାହତ ହୋଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ଶବ ସତ୍କାରରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି, ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ, ବ୍ଲକ ଅଧକ୍ଷା, ଲିଲି ଅଣ୍ଟା ବିରିଆ,ସମିତି ସଭ୍ୟା ସଭ୍ୟ ଓ ସରପଞ୍ଚ ସ୍ଥାନୀୟ ଲୋକେ ପ୍ରମୁଖ ସ୍ୱର୍ଗତ ଚପାଡିଙ୍କ ଶେଷ ଦର୍ଶନ କରି ଥିଲେ।

# ରାସ୍ତା ଉପରେ ବିରିଆନୀ ଦୋକାନ, ଟ୍ରାଫିକ୍ ସମସ୍ୟା



**ଜୟପୁର,୧୨।୧୦(ସମିସ):** ଜୟପୁର ସହରର ମହାରାଗାନ୍ଧୀ ରାସ୍ତା (ଏମ.ଜି ରୋଡ) ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସମ୍ମୁଖରେ କିଛି ବିରିଆନୀ ଦୋକାନ ରହିଛି। ଉକ୍ତ ଦୋକାନୀ ମାନେ ସେମାନଙ୍କ ଷ୍ଟଲ ଠାରୁ ରାସ୍ତା ଉପରକୁ ପ୍ରାୟ ୧୦ରୁ ୧୨ଫୁଟ ଜବରଦଖଲ କରିବା ସହିତ କାଉଣ୍ଟର ଖୋଲି ବିରିଆନୀ ବିକ୍ରୀ କରୁଛନ୍ତି। ଫଳରେ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହିପରି ମଧାହ୍ନ ୧୨ଟା ଠାରୁ ୩ ଟା ଏବଂ ରାତି ସାଢେ ୭ଟା ଠାରୁ ୧୦ଟା ପର୍ଯ୍ୟନ୍ତ ଦୋକାନକୁ ଗ୍ରାହକ ଆସୁଥିବା ଯୋଗୁଁ ରାସ୍ତା ଉପରେ ଗ୍ରାହକ ମାନେ ବାଇକ ଏବଂ ୪ ଚକିଆ ଯାନ ପାର୍କିଂ କରୁଥିବା ଯୋଗୁଁ ଉକ୍ତ ରାସ୍ତା ସଂକୁଚିତ ହୋଇଯାଇ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହିପରି ଏମ.ଜି. ରୋଡରେ ଜବରଦଖଲ ନେଇ ଉଭୟ ପାଶ୍ୱର୍ରେ ପ୍ରଶାସନ ପକ୍ଷରୁ ଜବରଦଖଲ ନିର୍ମାଣ କାର୍ଯ୍ୟ ଭଙ୍ଗା ଯାଇଥିଲା। ଏହା ସତ୍ତ୍ୱେ ଅସ୍ଥାୟୀ କେବିନ କରାଯାଇ ଏହିପରି କିଛି ଉଠା ଖାଦ୍ୟ ସାମଗ୍ରୀ କରୁଥିବା ବ୍ୟବସାୟୀ ବିରିୟାନୀ, ଆମିଷ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ଏହିପରି ଅନ୍ୟାନ୍ୟ ହୋଟେଲ ତୁଳନାରେ ଶସ୍ତାରେ ଏହି ଖାଦ୍ୟ ବିକ୍ରି କରୁଥିବା ଯୋଗୁଁ ଲୋକଙ୍କ ଭିଡ଼ ଜମୁଛି। କିନ୍ତୁ ରାସ୍ତା ଜବରଦଖଲ ଯୋଗୁଁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ହେବାକୁ ସାଧାରଣ ଦାବି ହେଉଛି। ସେହିପରି ପୌରସଂସ୍ଥା ଏବଂ ଖାଦ୍ୟ ଯାଞ୍ଚ ବିଭାଗ ପକ୍ଷରୁ ଖାଦ୍ୟର ମାନ ମଧ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ କହିଛନ୍ତି ଯେ, ଜୟପୁର ସହରରେ ପୂର୍ବରୁ ମଧ ବିଭିନ୍ନ ସମୟରେ ଯାଞ୍ଚ କରାଯାଇଛି ଆଗାମୀ ଦିନରେ ଅତିଶୀଘ୍ର ଫୁଟପାଥରେ ଖାଦ୍ୟ ଗୁଡିକର ମାନ ନେଇ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିପରି ପୌରସଂସ୍ଥା ଏବଂ ପୁଲିସ ପକ୍ଷରୁ ଟ୍ରାଫିକ ସମସ୍ୟା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଆରଏସ୍ଏସ୍‌ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ

**କୁନ୍ଦୁରା, ୧୨।୧୦(ସମିସ):** କୁନ୍ଦୁରା ବ୍ଲକ ମସିଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋଲରୀ ଗୁଡା ଆରଏମସି ଗୃହ ଠାରେ ଆରଏସ୍ଏସ୍ ପକ୍ଷରୁ ସଂଘର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁନ୍ଦୁରା ବ୍ଲକର ବିଭିନ୍ନ ସ୍ଥାନରୁ ହଜାର ସଂଖ୍ୟା ରେ ସଂଘ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଏକ ଶତାବ୍ଦୀ ସେବାର ଯାତ୍ରା କାର୍ଯ୍ୟ ଓ ଭବିଷ୍ୟତ ଦୃଷ୍ଟି କୋଣ ବିଷୟରେ ଏଠାରେ ଆଲୋଚନା କରାଯାଇଥିଲା। ଏଠାରେ ଶିକ୍ଷା ସ୍ୱାସ୍ଥ୍ୟ ଏବଂ ସାମାଜିକ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଖିଳ ଭାରତୀୟ ସଦ ଭାବନା ସଂଘର ଗୋପାଳ କୃଷ୍ଣ ମହାପାତ୍ର, ଜିଲ୍ଲା ସଂଘ ଚାଳକ ଚିଦାନନ୍ଦ ଶତପଥୀ, ପ୍ରାନ୍ତ ସଂଯୋଜକ ସୁରେନ୍ଦ୍ର ପଣ୍ଡା, ତ୍ରିପତି ନାୟକ, ସଂଘ ଚାଳକ ବଦ୍ରିନାରାୟଣ ଆଚାର୍ଯ୍ୟ, ତୁଷାର ଭଟ୍ଟ ଓ ଗୋପାଳ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟ ଘର ବିଜୁଳି ଯୋଜନାର ଶୁଭାରମ୍ଭ



**ନାରାୟଣପାଟଣା,୧୨।୧୦(ସମିସ):** କୋରାପୁଟ ଜିଲ୍ଲା ନାରାୟଣପାଟଣା ସଦର ମହକୁମାର ଠାରେ ଆଜି ସୋଲାରର ପିଏମ୍ ସୂର୍ଯ୍ୟ ଘର ବିଜୁଳି ଯୋଜନାର ଶୁଭାରମ୍ଭ କରିଛନ୍ତି ବିଜେପି ନେତା ତଥା ପୂର୍ବତନ ବିଧାୟକ କୈଳାସ କୁଲେସିକା। ବ୍ଲକ୍‌ର ନିୟୁ କଲନି ତୃତୀୟ ଲାଇନରେ ବସବାସ କରୁଥିବା ୭ ଜଣ ହିତାଧିକାରୀଙ୍କ ଘରଛାତରେ ସୂର୍ଯ୍ୟ ଘର ବିଜୁଳି ସୋଲାର ପ୍ରକଳ୍ପ ଲଗାଯାଇଥିଲା। ଏଥିରେ ବିଜୁଳି ବିଲ୍ କମ୍ ଆସିବା ସହ ହିତାଧିକାରୀ ସୋଲାରରେ ଘରେ ବିଜୁଳି ପାଇପାରିବେ। ମାସକୁ ମାସ ଯେଉଁ ଯେଉଁ ବିଜୁଳି ବିଲ୍ ଆସୁଥିଲା ସେଥିରୁ ମୁକ୍ତି ପାଇବେ ହିତାଧିକାରୀ। ଦିନକୁ ଦିନ ଲୋକ ସଂଖ୍ୟା ବଢ଼ି ଚାଲିଛି କିଂନ୍ତୁ ବିଦ୍ୟୁତ ଉତ୍ପାଦନ ବିଲ ମଧ ବଢ଼ିଯାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ ସୂର୍ଯ୍ୟ ଘର ବିଜୁଳି ଯୋଜନା ଆରମ୍ଭ କରିଲେ । ଏହି ଯୋଜନାରେ ଲୋକେ ସଳ୍ପ ମୂଲ୍ୟ ବିଲରେ ଚବିଶି ଘଣ୍ଟା ବିଜୁଳି ପାଇଁ ପାରିବେ। ତିନି କିଲୋୱାର ସୋଲାର ପ୍ରକଳ୍ପରେ ଏକ ଲକ୍ଷରୁ ଅଧିକ ଟଙ୍କା ସବସିଡ ହିତାଧିକାରୀଙ୍କ ଜମାଖାତାକୁ ସିଧାସଳଖ ଆସିବ। ଏଥିସହ ଦଶ ବର୍ଷ ଭିତରେ ୫୦୦ରୁ କମ୍ ଟଙ୍କା ମାସିକ କିସ୍ତି ଆକାରରେ ବାନ୍ଧି ପାରିବେ। ଏହିପରି ପ୍ରକଳ୍ପର ଏକାଧିକ ଯୋଜନା ରହିଛି । ଉକ୍ତ କାର୍ଯ୍ୟକ୍ରମ ରେ ବିଜେପି ଦଳର ରମେଶ ଚନ୍ଦ୍ର ଦାସ, ବିଜେପି ବ୍ଲକ ସଭାପତି କାଶୀନାଥ ହିକକା, ବସନ୍ତ ଶୁଦ୍ଧୁଧି,ସିମାଚଳ ନାୟକ ,ବାବୁଲା ପାତ୍ର ବ୍ଲକ ର ବିଜେପି ଦଳର କର୍ମ କର୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଶା ରକ୍ତଦାତା ମହାସଂଘର କୋରାପୁଟ ଚାପ୍‌ଟର ଗଠିତ



**ସେମିଳିଗୁଡ଼ା,୧୨।୧୦ (ସମିସ):** ଓଡିଶା ରକ୍ତଦାତା ମହାସଂଘର ଅବିଭକ୍ତ କୋରାପୁଟ ଜିଲ୍ଲା ଚାପ୍ଟର ଗଠନ କରାଯାଇଛି । କୋରାପୁଟ ଜିଲ୍ଲାର ସେମିଳିଗୁଡା ସ୍ଥିତ ମଲ୍ଟି ଫଙ୍କସନ ହଲ ଠାରେ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ରକ୍ତଦାତା ମହାସଂଘର ରାଜ୍ୟ ସଭାପତି ଡ ନରେଶ ସାହୁ ଉପସ୍ଥିତ ରହି ଓଡ଼ିଶାରେ ମାସକୁ ପ୍ରାୟ ୧୨ହଜାର ୟୁନିଟ ରକ୍ତ ବ୍ୟବହାର ହୁଏ ଏବଂ ମାତ୍ର ୯ହଜାର ୟୁନିଟ ହିଁ ସଂଗ୍ରହ ହୋଇପାରେ ବୋଲି ସୂଚନା ଦେଇଥିଲେ। ରକ୍ତଦାନ ଆନ୍ଦୋଳନ କୁ ବ୍ୟାପକ କରିବା ପାଇଁ ସବୁ ଜିଲ୍ଲାରେ ନିୟମିତ ରକ୍ତଦାନ ଶିବିର ଆୟୋଜନ ହେବା ଜରୁରୀ ବୋଲି କହିଥିଲେ। ଓଡିଶା ରକ୍ତଦାତା ମହାସଂଘର ଅବିଭକ୍ତ କୋରାପୁଟ ଜିଲ୍ଲା ଚାପ୍ଟର ଘୋଷଣା କରିଥିଲେ। ଏହି ଚାପ୍ଟରରେ ବିଜୟ କୁମାର ସାହୁ (ସଭାପତି ), ପ୍ରଦୀପ ତ୍ରିପାଠୀ (କାର୍ଯ୍ୟକାରୀ ସଭାପତି ), ଜୟ ବାଡତ୍ୟା, ରାଜେଶ ଯାଦବ ଓ ନିରଞ୍ଜନ ପାଣିଗ୍ରାହୀ ଉପ ସଭାପତି, ସ୍ନିଗ୍ଧା ମିଶ୍ର (ସାଧାରଣ ସମ୍ପାଦକ ), ଆନନ୍ଦ ମଉଳି ପଟ୍ଟନାୟକ (ସଂଗଠନ ସମ୍ପାଦକ), ସ୍ୱସ୍ତିକ ମିଶ୍ର, ତୁଳସୀ ଦାସ ନାୟକ ଓ ପବିତ୍ର ମୋହନ ସାହୁ ଯୁଗ୍ମ ସମ୍ପାଦକ, ଗଣେଶ ସାହୁ (କୋଷାଧ୍ୟକ୍ଷ), ମମତା ମାହାଙ୍କୁଡ (ସୁନାବେଡା ପୌରପରିଷଦ ସଂଯୋଜକ), ପ୍ରମୋଦ ରାଉଳ (ଜୟପୁର ପୌର ପରିଷଦ ସଂଯୋଜକ), ଡ ଅଜୟ କୁମାର ସାହୁ ଏବଂ ଡ ଚିତ୍ତରଞ୍ଜନ ମିଶ୍ର ଉପଦେଷ୍ଟା ରହିଛନ୍ତି । ସବୁ ବ୍ଲକରେ ଚାପ୍ଟରର ସଂଯୋଜକ ରହିବେ ବୋଲି ଡ ସାହୁ କହିଛନ୍ତି ।

# ଅଧାରେ ଅଟକିଛି ସଲପା ପୁରୁଣା ପୋଖରୀ କାର୍ଯ୍ୟ

## ଅମୃତ ସରୋବର ରୂପ ଦେବାକୁ ଦାବି



**ତେନ୍ତୁଳିଖୁଣ୍ଟି,୧୨।୧୦(ସମିସ):**

ତେନ୍ତୁଳିଖୁଣ୍ଟି ବ୍ଲକ ଦିଗୀ ଗ୍ରାମପଞ୍ଚାୟତ ଅଧିନସ୍ଥ ସଲପା ଗ୍ରାମର ରାଧାକାନ୍ତ ମନ୍ଦିରକୁ ଲାଗି ରହିଥିବା ପୁରୁଣା ପୋଖରୀ କାମ ଅଧାରେ ଅଟକିଛି। ଅଧାପନ୍ତରିଆ ଭାବରେ ପୋଖରୀ କାର୍ଯ୍ୟ ପଡ଼ିରହିଛି । ଫଳରେ ମନ୍ଦିର କମିଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯାହାକି ଅମୃତ ସରୋବରର ସ୍ୱପ୍ନ ସାକାର ହେବା ନେଇ ଆଶଙ୍କା ଦେଖାଦେଇଛି। ସଲପା ଗ୍ରାମର ରାଧାକାନ୍ତ ମନ୍ଦିରର ଲାଗି ରହିଥିବା ପୁରୁଣା ପୋଖରୀ କାମ ପ୍ରାୟ ୩ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ଲକ୍ଷାଧିକ ବ୍ୟୟ ଅଟକଳ ରେ ପୁରୁଣା ପୋଖରୀର ପୁନଃ ଉଦ୍ଧାର କାର୍ଯ୍ୟ ସାଙ୍ଗକୁ ସୌନ୍ଦର୍ଯ୍ୟ କରଣ ବ୍ୟବସ୍ଥା କରି ଅମୃତ ସରୋବର ରୂପରେଖ ଦେବାପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତି ହୋଇଥିଲା। ଏଥିପାଇଁ ମନରେଗା ଯୋଜନାରେ ୧୦ ଲକ୍ଷ ବ୍ୟୟ ଅଟକଳରେ ଗୋଟିଏ ଫାଇଲ ଖୋଲାଯାଇ କାମ ଆରମ୍ଭ ହୋଇଛି। ଉକ୍ତ ଟଙ୍କାରେ ପୋଖରୀ ଖନନ, ପଙ୍କ ଉଦ୍ଧାର ସାଙ୍ଗକୁ ସୁରକ୍ଷା ପାଚେରୀ ଆଦି କାମ ହୋଇସାରିଛି। ତଥାପି ସମ୍ପୂର୍ଣ ବିଲ୍ ହୋଇନଥିବା ଯୋଗୁଁ କାମ ଅଗ୍ରସର ହୋଇପାରୁନଥିବା ରାଧାକାନ୍ତ ମନ୍ଦିର କମିଟି ଓ ସଲପା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୁରୁଣା ବନ୍ଧର ସୌନ୍ଦର୍ଯ୍ୟ କରଣ ପାଇଁ ଗୁଡ଼ାଏ କାମ ବାକି ରହିଛି। ପୋଖରୀ ଚତୁର୍ପାଶ୍ୱରେ ପଥର ପିଚିଂ,ପୋଖରୀ ହୁଡ଼ା ରାସ୍ତା, ବସିବା ପାଇଁ ସିଟ୍ ବ୍ୟବସ୍ଥା, ଉଦ୍ୟାନ, ଘାସରୋପଣ ସ୍ଲୋପ, ଆଦି ବ୍ୟବସ୍ଥା କରାଗଲେ ପୁରୁଣା ପୋଖରୀ ସମ୍ପୂର୍ଣ ଅମୃତ ସରୋବର ଭାବରେ ପରିଗଣିତ ହେବ। ଶ୍ରଦ୍ଧାଳୁ ଓ ଜନସାଧାରଣ ରାଧାକାନ୍ତ ମନ୍ଦିର ଦର୍ଶନ ସାଙ୍ଗକୁ ଅମୃତ ସରୋବରର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ମନ୍ଦିର ଦର୍ଶନ ସାରି ନିରୋଳା ପରିବେଶରେ ବିଶ୍ରାମ ନେଇ ଆଶ୍ୱସ୍ତି ଲାଭ କରିବେ। କିନ୍ତୁ ତାହା ଦେଖିବାକୁ ମିଳୁନି। ବ୍ଲକରେ ଚାଲିଥିବା ଅନେକ ଅମୃତ ସରୋବର କାମ ଅଧାରେ ପଡ଼ିରହିଛ। ଏଣୁ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଏଣୁ ମନରେଗା ଯୋଜନାରେ ପୁରୁଣା ପୋଖରୀର ସୌନ୍ଦର୍ଯ୍ୟ କରଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସଲପା ଗ୍ରାମବାସୀ ବୃନ୍ଦ ସାଙ୍ଗକୁ ରାଧାକାନ୍ତ ମନ୍ଦିର ପରିଚାଳନା କମିଟି ପ୍ରଶାସନକୁ ନିବେଦନ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୦ ● ପାଉଣ୍ଡ ୧୧୮.୧୨
- ୟୁରୋ ୧୦୨.୧୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୬୫୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୫୦୦.୦୦
- ନିଫ୍ଟି ୨୫,୨୮୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବର୍ଷକରେ ରୁପା ଦର ୭୮ ହଜାର ବଢ଼ିଛି | ସପ୍ତାହକରେ ୧୯ ହଜାର ମହଙ୍ଗା

# ସୁନାଠୁ ବି ଅଧିକ ଚମକୁଛି ଚାନ୍ଦି

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି)

ଘରୋଇ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଏବଂ ରୁପା ଦର। ଦୈନିକ ଭାଙ୍ଗୁଛି ରେକର୍ଡ। ଇତିହାସ ରଚିଲାଣି ସୁନା ଓ ରୁପା ଦର। ବଜାର ଦରରେ ଲାଗୁନି ଲଗାମ୍। ବର୍ତ୍ତମାନ ପରିସ୍ଥିତି ଏମିତି ଯେ ସୁନାକୁ ବି ବଳିଗଲାଣି ରୁପାର ଚାହିଦା। ସୁନାଠୁ ବି ଅଧିକ ଚମକୁଛି ଚାନ୍ଦି। ବଜାରରେ ମାତ୍ର ସପ୍ତାହକ ମଧ୍ୟରେ ରୁପା ଦର ୧୯ ହଜାର ମହଙ୍ଗା ହୋଇଯାଇଛି। ଗୋଟିଏ ସପ୍ତାହକ ମଧ୍ୟରେ ସୁନା ୪% ଏବଂ ରୁପା ଦର ୧୩% ବଢ଼ିଛି। ସେହିପରି ବର୍ଷକର ତଥ୍ୟ ଦେଖିଲେ ସୁନା ଦରଠାରୁ ରୁପା ଦର ଢ଼େର ଅଧିକ ବଢ଼ିଯାଇଛି। କାରଣ ବର୍ଷକରେ ସୁନା ମୂଲ୍ୟ ୪୫ ହଜାର ଏବଂ ରୁପା ୭୮ ହଜାର ବଢ଼ିଯାଇଥିବା ଜଣାପଡିଛି।

ଚଳିତ ସପ୍ତାହରେ ସୁନା ଏବଂ ରୁପା ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଖାଯାଇଛି। ଇଣ୍ଡିଆନ୍ ବୁଲିଅନ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ,



ଆଜି ଘରୋଇ ବଜାରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୪୫୭୧(୪%) ବୃଦ୍ଧି ପାଇ ୧,୨୧,୫୨୫ ଟଙ୍କାରେ ପହଞ୍ଚିଛି। ଗତ ସପ୍ତାହ ଅର୍ଥାତ୍ ଚଳିତମାସ ୩ ତାରିଖରେ ସୁନା ଦର ୧,୧୬,୯୫୪ ଟଙ୍କା ରହିଥିଲା। ଏହି ସମୟରେ, ରୁପା ମୂଲ୍ୟରେ ଆହୁରି ଅଧିକ ବୃଦ୍ଧି ଦେଖାଯାଇଛି। ଅକ୍ଟୋବର ୩ ତାରିଖରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୧,୪୫,୬୧୦ ଟଙ୍କା ରହିଥିଲା, ଯାହା ଅକ୍ଟୋବର ୧୦ ସୁଦ୍ଧା ୧୮,୮୯୦ ଟଙ୍କା (୧୨.୯୦%) ବୃଦ୍ଧି ପାଇ ୧,୬୪,୫୦୦ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ଘରୋଇ ବଜାରରେ ସୁନା ମୂଲ୍ୟ ବୃଦ୍ଧିର ତିନୋଟି ପ୍ରମୁଖ କାରଣ ହେଉଛି, ପର୍ବପର୍ବାଣୀ ଚାହିଦା, ଭୂ-ରାଜନୈତିକ ଉତ୍ତେଜନା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଦ୍ୱାରା ଅତ୍ୟଧିକ କ୍ରୟ। ଅପରପକ୍ଷେ ରୁପା

**ଯୋଗାଣ ଅଭାବ ବଢ଼ାଉଛି ଦର**

ମୂଲ୍ୟରେ ହେଉଥିବା ବୃଦ୍ଧିର ଚାରୋଟି ପ୍ରମୁଖ କାରଣ ହେଉଛି, ସୁନା ପରି, ଦୀପାବଳି ଏବଂ କରୱା ଚୌଥ ଭଳି ପର୍ବ ରୂପାର ଚାହିଦା ବୃଦ୍ଧି କରିଛି। ଟଙ୍କା ଦୁର୍ବଳ ହେବା ଯୋଗୁଁ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବା, ଇଲେକ୍ଟ୍ରୋନିକ୍ସ ଏବଂ ସୌର ପ୍ୟାନେଲ ଭଳି ଶିଳ୍ପରେ ରୁପାର ଚାହିଦା ବୃଦ୍ଧି ମଧ୍ୟ ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି, ଯାହା ଫଳରେ ରୁପା ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱବ୍ୟାପୀ ରୁପା ଯୋଗାଣରେ ଅଭାବ ମଧ୍ୟ ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। ଚଳିତବର୍ଷ ସୁନା ୧୦ଗ୍ରାମ ପିଛା ୪୫,୩୬୩ ଟଙ୍କା ଏବଂ ରୁପା କିଲୋ ପିଛା ୭୮,୪୮୩ ଟଙ୍କା ମହଙ୍ଗା ହୋଇଛି। ୨୦୨୪ ଡିସେମ୍ବର ୩୧ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ରହିଥିଲା, ଯାହା ଏବେ ୧,୨୧,୫୨୫ ଟଙ୍କା ଛୁଇଁଛି। ହେଲେ ଏହି ସମୟ ମଧ୍ୟରେ ରୁପା ମୂଲ୍ୟ କିଲୋ ପିଛା ୭୮,୪୮୩ ଟଙ୍କା ବୃଦ୍ଧି ପାଇଛି। ଡିସେମ୍ବର ୩୧ରେ ଏକ କିଲୋଗ୍ରାମ ରୂପାର ମୂଲ୍ୟ ୮୬,୦୧୭ ଟଙ୍କା ଥିଲା, ଯାହା ଏବେ କିଲୋଗ୍ରାମ ପିଛା ୧,୬୪,୫୦୦ ଟଙ୍କା ହୋଇଛି।

● ଘନଉଛି ଯୋଗାଣ ସଙ୍କଟ

## ରୁପା ଇଟିଏଫ୍‌ରେ ନିବେଶ ବନ୍ଦ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଭାରତରେ ବଢୁଥିବା ରୁପା ମୂଲ୍ୟ ପାଣ୍ଠି(ଫଣ୍ଡ) ପରିଚାଳକମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଯୋଗାଣ ଅଭାବ ଯୋଗୁଁ ରୁପା ମୂଲ୍ୟ ବୃଦ୍ଧି ପାଉଛି। ବର୍ତ୍ତମାନ ସ୍ଥିତି ଏମିତି ଯେ, ରୁପା ଇଟିଏଫ୍‌ରେ ନିବେଶ ବନ୍ଦ ହୋଇଯାଇଛି। ୟୁଟିଆଇ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଶନିବାର ଘୋଷଣା କରିଛି ଯେ ୟୁଟିଆଇ। ସିଲଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡରେ ନୂତନ ଏକକାଳୀନ ଏବଂ ସ୍ୱିଚ୍-ଇନ୍ ନିବେଶକୁ ଅକ୍ଟୋବର ୧୨ ରୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି। କମ୍ପାନୀ କହିଛି ଯେ ବଜାର ପରିସ୍ଥିତି ଏବଂ ଦେଶରେ ଭୌତିକ ରୁପାର ଅଭାବ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ଆନ୍ତର୍ଜାତୀୟ ବଜାର ତୁଳନାରେ ରୁପା ମୂଲ୍ୟ ଏକ ପ୍ରିମିୟମ୍ ସ୍ତରରେ ପହଞ୍ଚିଛି, ଯାହା ପାଣ୍ଠିର ମୂଲ୍ୟାଙ୍କନକୁ ପ୍ରଭାବିତ କରୁଛି। ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ରୁପା-ଭିତ୍ତିକ ପାଣ୍ଠିରେ ନୂତନ ନିବେଶ ବନ୍ଦ କରାଯାଇଛି।



ପୂର୍ବରୁ, କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ ମଧ୍ୟ ଏହାର ସିଲଭର ଇଟିଏଫ୍ ଫଣ୍ଡରେ ନୂତନ ନିବେଶ ବନ୍ଦ କରିଦେଇଥିଲା। କୋଟାକ୍ କହିଛି ଯେ ଦୀପାବଳି ପରେ ଯୋଗାଣରେ ଉନ୍ନତି ହେବା ପରେ ଏହି ରୋକ୍‌ପ୍ରତ୍ୟାହାର କରାଯିବ। ଗୁରୁବାର ସ୍ପଟ୍ ବଜାରରେ ରୁପା ମୂଲ୍ୟ ପ୍ରତି ଆଉନ୍ସ ୫୧.୨୨ ଡଲାରର ଏକ ନୂତନ ରେକର୍ଡ ସ୍ତରରେ ପହଞ୍ଚିଛି, ଯାହା ପ୍ରଥମ ଥର ପାଇଁ ୫୧ ଡଲାର ଉପରେ ପହଞ୍ଚିଛି। ଭାରତରେ ସମ୍ପ୍ରତି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୭୪,୦୦୦ ଟଙ୍କାଠାରୁ ଢ଼େର ଉପରେ ରହିଛି। ବିଶ୍ୱର ସର୍ବବୃହତ ରୁପା ଗ୍ରାହକ ଭାରତରେ, ପର୍ବପର୍ବାଣୀ ଋତୁ ଯୋଗୁଁ ରୁପାର ଚାହିଦା ବୃଦ୍ଧି ପାଇଛି, ଯେତେବେଳେ କି ଯୋଗାଣ କମ୍ ଅଛି। ବଜାର ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ନିବେଶକମାନେ ରୁପା ଆଡକୁ ମୁହାଁଇଛନ୍ତି।

## ଚାନ୍ଦି ଭଣ୍ଡାର ପକ୍ଷରୁ 'ପଦ୍ମିରା' ସମ୍ଭାର

ଭୁବନେଶ୍ୱର,୧୨।୧୦(ସମିସ): ଦୀପାବଳିର ଉତ୍ସାହିତ ହୋଇ ରୁପା ଗହଣାର ଅନନ୍ୟ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି 'ପଦ୍ମିରା' କଲେକ୍ସନ। କମଳ ବା ପଦ୍ମ ଫୁଲ ଏବଂ



ମୟୁର ପଞ୍ଝାରେ ସଜ୍ଜିତ ଏହା ଏକ ସେଲିବ୍ରେଶନ୍ । ଶୁଦ୍ଧ ଷ୍ଟର୍ଲିଂ ରୁପା ଏବଂ ୧୮ କ୍ୟାରେଟ୍ ସୁନା ଲେପରେ ତିଆରି ପଦ୍ମିରା ହେଉଛି ପରମ୍ପରା ଏବଂ କଳାର ଏକ ଉଜ୍ଜ୍ୱଳ ମିଶ୍ରଣ, ଯାହାକୁ କେବଳ ଆଲୋକର ପର୍ବ ପାଇଁ ପ୍ରସ୍ତୁତ କରାଯାଇଛି। ପଦ୍ମିରା ସମ୍ଭାରରେ ଥିବା ପ୍ରତ୍ୟେକ ଗହଣା ଦୀପାବଳିକୁ ପରିଭାଷିତ କରୁଥିବା ଉଷ୍ମତା ଏବଂ ନବକୃତିର ପ୍ରତିଫଳନ।

ପଦ୍ମିରା କଲେକ୍ସନ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ରଙ୍କ ସହ ଶୁଭାରମ୍ଭ କରାଯାଇଛି, ଯାହାଙ୍କ ସୌନ୍ଦର୍ଯ୍ୟ ଏବଂଆକର୍ଷଣ ଏହି କଲେକ୍ସନର ଉତ୍ସବ ଭାବନାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିପାଦିତ କରିଥାଏ। ଗହଣା ସହିତ ଚାନ୍ଦି ଭଣ୍ଡାର ସିଲ୍‌ଭର ଲାଇଫ୍‌ଷ୍ଟାଇଲ୍‌ର ଏକ ବ୍ୟାପକ ଅନୁଭୂତି ପ୍ରଦାନ କରୁଛି। ପାରମ୍ପରିକ ରୁପା ସାମଗ୍ରୀ ଏବଂ ଭକ୍ତିପୂର୍ଣ୍ଣ କଳାକୃତିଠାରୁ ଆରମ୍ଭ କରି ଆଧୁନିକ ଜୀବନଶୈଳୀ ପର୍ଯ୍ୟନ୍ତ ଏହି ବ୍ରାଣ୍ଡ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସେବା ଯୋଗାଇଥାଏ। ମହିଳାମାନେ 'ପଦ୍ମରା' ଭଳି କଲେକ୍ସନ ମାଧ୍ୟମରେ କଳାତ୍ମକ ରୁପା ଗହଣାକୁ ଗ୍ରହଣ କରିପାରିବେ ଏବଂ ପୁରୁଷମାନେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ସହିତ ଆମୋଘ କଲେକ୍ସନର ଶୁଦ୍ଧ ସାହସିକତାକୁ ଅନ୍‌ବେଷଣ କରିପାରିବେ। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ଆମ ପାଇଁ

**ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିଆତି**

ଦୀପାବଳିର ପ୍ରକୃତ ଅର୍ଥକୁ 'ପଦ୍ମରା' ପ୍ରତିଫଳିତ କରୁଛି। ତାହା ହେଲା ସୌନ୍ଦର୍ଯ୍ୟ, ଉଲ୍ଲାସ ଏବଂ ସେଲିବ୍ରେଶନ। ଏହି କଲେକ୍ସନ ମାଧ୍ୟମରେ ଆମେ ଉତ୍ସବର ଅଳଙ୍କାରକୁ ଏକ ଅନୁଭୂତିରେ ପରିଣତ କରିବାକୁ ଚାହୁଁଥିଲୁ, ଯାହା କଳା ଏବଂ ଉତ୍ସବ ସହ ପ୍ରତିଧ୍ୱନିତ ହୁଏ। ପାର୍ବଣ ଲକ୍ଷ୍ୟକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର ଅକ୍ଟୋବର ୧୦ରୁ ୨୦ ପର୍ଯ୍ୟନ୍ତ ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । ଏଥିସହିତ ଏହା ଦିବ୍ୟ ଏବଂ କାଳଜୟୀ ଗହଣା କିଣିବା ପାଇଁ ପ୍ରକୃଷ୍ଟ ସମୟ। ଚାନ୍ଦି ଭଣ୍ଡାର ବଲାଙ୍ଗୀରରେ ଏହାର ୨୪ତମ ଷ୍ଟୋର୍ ଘୋଷଣା କରିଛି।

## ଏକ-ତୃତୀୟାଂଶ ୟୁପିଆଇ କାରବାର ଅସୁରକ୍ଷିତ

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି)

ଭାରତରେ ଡିଜିଟାଲ ପେମେଣ୍ଟର ପରିସର ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଏହାସହିତ ସାଇବର ଠକେଇର ଭୟ ମଧ୍ୟ ବଢି ଚାଲିଛି। ନିକଟରେ ଦୂରସଞ୍ଚାର ବିଭାଗ (ଡିଓଟି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏପରି ଆଶ୍ଚର୍ଯ୍ୟ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଦେଶରେ ହେଉଥିବା ପ୍ରତ୍ୟେକ ୩ରୁ ଗୋଟିଏ ୟୁପିଆଇ ପେମେଣ୍ଟ ସୁରକ୍ଷିତ ନୁହେଁ। ଏହାର କାରଣ ହେଉଛି 'ଗୁଗଲ ପେ' ଏ ପର୍ଯ୍ୟନ୍ତ ସରକାରଙ୍କ ଫ୍ରଡ ରିସ୍କ ଇଣ୍ଡିକେଟର (ଏଫଆରଆଇ) ଟୁଲକୁ ନିଜ ସିଷ୍ଟମରେ ଲାଗୁ କରିନାହାନ୍ତି।

ଏଫଆରଆଇ ଏକ ଟେକ୍ନିକାଲ ଟୁଲ, ଯାହାକୁ ଡିଓଟି ବିକଶିତ କରିଛନ୍ତି। ଏହା ଦ୍ୱାରା ମୋବାଇଲ ନମ୍ବର ଓ ଆକାଉଣ୍ଟକୁ ଫ୍ରଡ ରିସ୍କ ଅନୁସାରେ ବର୍ଗୀକୃତ କରାଯାଇପାରିବ। ଏହି ଟୁଲ କୌଣସି ନେଣଦେଣ ପୂର୍ବରୁ ସାମ୍ନାରେ ଥିବା ନମ୍ବର ଅଥବା ଆକାଉଣ୍ଟ 'ଲୋ', 'ମିଡିୟମ' ଅଥବା 'ହାଇ ରିସ୍କ' ଶ୍ରେଣୀର ଜଣାଇଦେବ। ଏଥିରେ




**ଟେଲିକମ୍ ବିଭାଗ ରିପୋର୍ଟ**

ଯଦି ରିସ୍କ ଅଧିକ ଥାଏ ତେବେ ନେଣଦେଣକୁ ରୋକା ଯାଇ ପାରିବ ନଚେତ ୟୁଜରଙ୍କୁ ସତର୍କ କରାଯାଇ ପାରିବ। ଏହାର ଉଦ୍ଦେଶ୍ୟ ଅନଲାଇନ ପେମେଣ୍ଟସରେ ବଢୁଥିବା ଫିସିଂ ଓ ସ୍କାମରୁ ଲୋକଙ୍କୁ ବଞ୍ଚାଇବା।


ଡିଓଟି ଅଧିକାରୀଙ୍କ ଅନୁସାରେ ଗୁଗଲ ପେ ଦେଶର ମୋଟ ୟୁପିଆଇ ନେଣଦେଣର ୩୦ରୁ ୩୫% ସମ୍ଭାଳୁଛି। ହେଲେ ସେ ଏ ପର୍ଯ୍ୟନ୍ତ ପେମେଣ୍ଟ ସିଷ୍ଟମରେ ଏଫଆରଆଇ ଲାଗୁ କରି ନାହିଁ। ଏହାର ଅର୍ଥ ସବୁ ମାସରେ କୋଟିକୋଟି ନେଣଦେଣ ବିନା କୌଣସି ସରକାରୀ ଫ୍ରଡ ସୁରକ୍ଷା ଯାଞ୍ଚରେ ପୁରା ହେଉଛି। ତେବେ ଗୁଗଲ ଇଣ୍ଡିଆ ପବ୍ଲିକ ପଲିସି ମୁଖ୍ୟ ରାଜେଶ ରଞ୍ଜନ କହିଛନ୍ତି ଯେ ତାଙ୍କ କମ୍ପାନୀ ଡିଓଟି ସହିତ ଏଫଆରଆଇ ଲାଗୁ କରିବା ପାଇଁ ଆଲୋଚନା କରୁଛନ୍ତି, ହେଲେ ଏହା ଏ ପର୍ଯ୍ୟନ୍ତ ଇଣ୍ଟିଗ୍ରେସନ ହୋଇ ନାହିଁ। ସେ କହିଛନ୍ତି ଯେ ଗୁଗଲ ନିକଟରେ ପୂର୍ବରୁ ନିଜର ଏଆଇ ଆଧାରିତ ଠକେଇ ନିୟନ୍ତ୍ରଣ ପ୍ରଣାଳୀ 'ଡିଜି କବଚ' ଅଛି, ଯାହା ସନ୍ଦିଗ୍ଧ ଗତିବିଧି ଚିହ୍ନଟ ପାଇଁ କାମ କରୁଛି।

ତେବେ ଫୋନ୍ ପେ' ଓ ପେଟିଏମ ଭଳି ୟୁପିଆଇ ପେମେଣ୍ଟ ସିଷ୍ଟମ ଏଫଆରଆଇ ଟୁଲକୁ ନିଜ ସିଷ୍ଟମରେ ଇଣ୍ଟିଗ୍ରେଟେଡ କରିଛନ୍ତି। ଡିଓଟିଙ୍କ ଅନୁସାରେ ଏହି କମ୍ପାନୀମାନେ ଟୁଲ ସହାୟତାରେ କୋଟିକୋଟି ଟଙ୍କାର ସମ୍ଭାବିତ ଠକେଇକୁ ରୋକି ପାରିଛନ୍ତି। ଏଥିରେ ଫୋନ ପେ ଏ ପର୍ଯ୍ୟନ୍ତ ପାଖାପାଖି ୧୨୫ କୋଟି ଓ ପେଟିଏମ ଗ୍ରାହକଙ୍କୁ ୬୮ କୋଟି ଟଙ୍କା ଠକେଇରୁ ରକ୍ଷା କରିପାରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଜୁନ ୨୦୨୫ରେ ସବୁ ବ୍ୟାଙ୍କ ଓ ପେମେଣ୍ଟ କମ୍ପାନୀଙ୍କୁ ଏଫଆରଆଇ ସିଷ୍ଟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆରବିଆଇଙ୍କ କହିବା କଥା ହେଉଛି ଏହି ପଦକ୍ଷେପ ଦେଶରେ ଡିଜିଟାଲ ନେଣଦେଣକୁ ସୁରକ୍ଷିତ କରିବା ଲାଗି। ଡିଓଟିଙ୍କ ଅନୁସାରେ ଦେଶରେ ୨୦୨୨ ମସିହାରେ ପାଖାପାଖି ୧୦.୨୯ ଲକ୍ଷ ସାଇବର ଫ୍ରଡ ମାମଲା ରୁଜୁ ହୋଇଥିଲା। ୨୦୨୪ ବେଳକୁ ଏହା ବଢି ୨୨.୬୮ ଲକ୍ଷକୁ ପହଞ୍ଚି ଯାଇଥିଲା। ସରକାର ଏ ପର୍ଯ୍ୟନ୍ତ ଠକେଇ ମାମଲାରେ ୯.୪ଲକ୍ଷ ସିମକାର୍ଡ ଓ ୨.୬ଲକ୍ଷ ଆଇଏମଇଆଇ ନମ୍ବର ବ୍ଲକ୍ କରିଛନ୍ତି।

## ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ପାଇଁ ମିଶନ୍ ଆରମ୍ଭ

**୧୧,୪୪୦ କୋଟି ବ୍ୟୟଅଟକଳ**

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଦେଶର ଡାଲି କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ କେନ୍ଦ୍ର ସରକାର ବେଶ ଗୁରୁତ୍ୱ ଦେଉଛନ୍ତି। ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆରଆଇ)ରେ ଏକ ସ୍ୱତନ୍ତ୍ର କୃଷି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ (ଦଲହନ୍ ଆତ୍ମନିର୍ଭରତା ମିଶନ) ଆରମ୍ଭ କରିଛନ୍ତି। ଏହି ମିଶନ୍‌ର ମୋଟ ବ୍ୟୟ ଅଟକଳ ୧୧,୪୪୦ କୋଟି ଟଙ୍କା ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଡାଲି ଚାଷ ସହିତ ଜଡିତ ଚାଷୀଙ୍କ ସହ ଆଲୋଚନା କରିଥିଲେ ଏବଂ କୃଷି ତଥା ଆନୁଷଙ୍ଗିକ କ୍ଷେତ୍ରରେ ମୂଲ୍ୟ ଶୃଙ୍ଖଳ ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଯେ , ଉକ୍ତ ମିଶନର ଲକ୍ଷ୍ୟ କେବଳ ଡାଲି ଉତ୍ପାଦନ ବୃଦ୍ଧି କରିବା ନୁହେଁ ବରଂ ଏକ ସ୍ଥାୟୀ ଏବଂ ସଶକ୍ତ



ଭବିଷ୍ୟତ ନିର୍ମାଣ କରିବା। ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ କେନ୍ଦ୍ର ବଜେଟ୍ ୨୦୨୫-୨୬ରେ ଘୋଷଣା କରାଯାଇଥିଲା ଏବଂ ୧ ଅକ୍ଟୋବର ୨୦୨୫ରେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯାଇଥିଲା। ଏହା ୨୦୨୫-୨୬ ରୁ ୨୦୩୦-୩୧ ମଧ୍ୟରେ କାର୍ଯ୍ୟକାରୀ ହେବ। ଏହା ଘରୋଇ ଉତ୍ପାଦନକୁ ବୃଦ୍ଧି, ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ଡାଲି କ୍ଷେତ୍ରରେ «ଆତ୍ମନିର୍ଭର ଭାରତ» ପାଇଁ ପଥ ପ୍ରଶସ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ପୋଷକ ମିଶନ (ଏନଏଫଏସଏନଏମ) ଅଧୀନରେ ନିରନ୍ତର ସରକାରୀ ପ୍ରୟାସ ୨୦୧୩-୧୪ରେ ୧୯୨.୬ ଲକ୍ଷ ଟନରୁ ଉତ୍ପାଦନକୁ ୨୦୨୪-୨୫ରେ ୨୫୨.୩୮ ଲକ୍ଷ ଟନ (୩ୟ ଅଗ୍ରିମ ଆକଳନ) କୁ ବୃଦ୍ଧି କରିଛି, ଯାହା ୩୧ ପ୍ରତିଶତରୁ ଅଧିକ ପ୍ରଭାବଶାଳୀ ଅଭିବୃଦ୍ଧିକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ୨୦୨୭ ଡିସେମ୍ବର ସୁଦ୍ଧା ଭାରତକୁ ଡାଲି କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ପାଇଁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ହରଡ଼, ବିରି ଏବଂ ମସୁର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି। ନୂତନ ମିଶନ ଘରୋଇ ଉତ୍ପାଦନ ମାଧ୍ୟମରେ ଭାରତର ଭବିଷ୍ୟତ ଡାଲି ଚାହିଦା ପୂରଣ କରିବା ଲକ୍ଷ୍ୟ ରଖି ଏହି ଦୃଷ୍ଟିକୁ ଦୃଢ଼ କରୁଛି।

## ଅଢ଼େଇ ଲକ୍ଷ କୋଟି ଛୁଇଁବ ବାଣିଜ୍ୟ ନିଅଣ୍ଟ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ସେପ୍ଟେମ୍ବରରେ ଦେଶର ବାଣିଜ୍ୟ ନିଅଣ୍ଟ ପ୍ରାୟ ୧୩,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ଭାରତର ବାଣିଜ୍ୟ ନିଅଣ୍ଟ ୨୮.୦ ବିଲିୟନ ଡଲାର (୨.୪୮ ଲକ୍ଷ କୋଟି) ଛୁଇଁବ। ଏହି ସଂଖ୍ୟା ଅଗଷ୍ଟରେ ୨୬.୫ ବିଲିୟନ ଡଲାର (୨.୩୫ ଲକ୍ଷ କୋଟି) ତୁଳନାରେ ୧.୫ ବିଲିୟନ ଡଲାର ଅଧିକ। ଦେଶର ବାଣିଜ୍ୟ ନିଅଣ୍ଟରେ ଏହି ବିଶାଳ ବୃଦ୍ଧିର ସବୁଠାରୁ ବଡ଼

**ସୁନା ଆମଦାନୀରେ ବୃଦ୍ଧି ମୁଖ୍ୟ କାରଣ**

କାରଣ ହେଉଛି ଦେଶରେ ସୁନା ଆମଦାନୀ ବଢ଼ିବା। ସେପ୍ଟେମ୍ବରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ସୁନା ଆମଦାନୀ ପ୍ରାୟ ଦ୍ୱିଗୁଣିତ ହେବା ଦ୍ୱାରା ଏଭଳି ସ୍ଥିତି ଉପୁଜିଛି। ଚଳିତବର୍ଷ ସୁନା ମୂଲ୍ୟ ୪୫,୩୬୩ ଟଙ୍କା ବୃଦ୍ଧି ପାଇଛି, କିନ୍ତୁ ଲୋକମାନେ ସେମାନଙ୍କର କ୍ରୟ ହ୍ରାସ କରିନାହାଁନ୍ତି। ସୁନା ଆମଦାନୀ ବ୍ୟତୀତ ଭାରତର ରପ୍ତାନି ମଧ୍ୟ ମନ୍ଥର ରହିଛି। ଯାହାର ମୁଖ୍ୟ କାରଣ ହେଉଛି ବିଶ୍ୱ ଚାହିଦାରେ ହ୍ରାସ ଏବଂ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ।

■ ଚୀନ୍ ସାମଗ୍ରୀ ଉପରେ ଟ୍ରମ୍ପଙ୍କ ୧୦୦% ଟାରିଫ୍ ପ୍ରସଙ୍ଗ

## ଚୀନ୍‌ର ଜବାବ୍; ଆମେ ଲଢ଼ିବାକୁ ଭୟ କରୁନୁ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଶତ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ଯାହାକୁ ଚୀନ୍ ଡବଲ ଷ୍ଟାଣ୍ଡାର୍ଡ ଏବଂ ଅନୁଚିତ ବାଣିଜ୍ୟ ଅଭ୍ୟାସ କହି କଡ଼ା ନିନ୍ଦା କରିଛି। ହେଲେ ଟ୍ରମ୍ପ୍‌ଙ୍କ ଏହି ପଦକ୍ଷେପ ବିରଳ ଖଣିଜ ପଦାର୍ଥ ରପ୍ତାନି ଉପରେ ଚୀନର କଡ଼ା ନିୟନ୍ତ୍ରଣର ଜବାବରେ ନିଆଯାଇଥିଲା।

ଚୀନ ସ୍ପଷ୍ଟ କରିଛି ଯେ ନିୟନ୍ତ୍ରଣଗୁଡ଼ିକ ବୈଧ ଏବଂ ବିଶ୍ୱ ଶିଳ୍ପ ଏବଂ ଯୋଗାଣ ଶୃଙ୍ଖଳର ସୁରକ୍ଷା ବଜାୟରଖିବା ପାଇଁ ସମସ୍ତ ଦେଶ ସହିତ ଆଲୋଚନା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବାକୁ ପ୍ରସ୍ତୁତ। ଏହି ସମୟରେ ଆମେରିକା ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତିରେ ଉନ୍ନତି ନ ହୁଏ, ତେବେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଏହି ମାସରେ ହେବାକୁ ଥିବା ବୈଠକ ବାତିଲ ହୋଇପାରେ। ଚୀନ୍ ଅଭିଯୋଗ କରିଛି ଯେ ସେପ୍ଟେମ୍ବର ମାସରୁ ଆମେରିକା ଚୀନ୍ ଉପରେ ଆର୍ଥିକ ଚାପ ବୃଦ୍ଧି କରିଛି। ଜଣେ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି, ଏହି କାର୍ଯ୍ୟଗୁଡ଼ିକ ଚୀନ୍‌ର ସ୍ୱାର୍ଥକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି ଏବଂ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନାର ବାତାବରଣକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ବାଣିଜ୍ୟ ମନ୍ତ୍ରଣାଳୟ ଏହା ମଧ୍ୟ କହିଛି, ପ୍ରତ୍ୟେକ ସମୟରେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେବା ଚୀନ୍ ସହିତ ଆଲୋଚନା କରିବାର ସଠିକ୍ ଉପାୟ ନୁହେଁ। ଚୀନ୍ ଟ୍ରମ୍ପ ପ୍ରଶାସନକୁ ତା'ର ବାଣିଜ୍ୟ ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଚୀନ୍ ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ ଯଦି ଆମେରିକା ତା'ର ଭୁଲ ନୀତି ଜାରି ରଖେ, ତେବେ ଚୀନ୍ ତା'ର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବ। ଚୀନ୍ ମୁଖପାତ୍ର ଆହୁରି କହିଛନ୍ତି, ଚୀନ୍‌ର ନୀତି ସ୍ପଷ୍ଟ। ଆମେ ବାଣିଜ୍ୟ ଯୁଦ୍ଧ ଚାହୁଁନାହୁଁ, କିନ୍ତୁ ଆମେ ଏଥିରୁ ଭୟଭୀତ ମଧ୍ୟ ନୁହେଁ। ଆମେ ଆମେରିକାକୁ ତା'ର ଭୁଲ ଅଭ୍ୟାସଗୁଡ଼ିକୁ ତୁରନ୍ତ ସଂଶୋଧନ କରିବାକୁ ଅନୁରୋଧ କରୁଛୁ।

**ବଢୁଛି ଆମେରିକାର ଋଣ ସଙ୍କଟ**

## ଚୀନ୍ ସହ ଲଢ଼େଇ ଆମେରିକାକୁ ମହଙ୍ଗା ପଡ଼ିବ

ୱାଶିଂଟନ୍,୧୨।୧୦(ଏଜେନ୍ସି)

ଆମେରିକାର ବର୍ଦ୍ଧିତ ଋଣ ଏବେ ଚିନ୍ତାର କାରଣ ପାଲଟିଛି। ଏହା ଏବେ ବିଶ୍ୱ ଆର୍ଥିକ ଅସ୍ଥିରତା ସୃଷ୍ଟି କରିପାରେ,ଯାହା ଆଗାମୀ ଦିନରେ ଡଲାରର ସ୍ଥିତିକୁ ଦୁର୍ବଳ କରିପାରେ। ବର୍ତ୍ତମାନେ ପ୍ରଶ୍ନ ଉଠୁଛି, ଯଦି ବିଶ୍ୱର ସର୍ବବୃହତ ଋଣଗ୍ରହୀତା ଧୀରେ ଧୀରେ ଋଣ ପରିଶୋଧ କରିବାରେ ବିଫଳ ହୁଏ ତେବେ କ'ଣ ହେବ। ଏହାର ଏକ ବଡ଼ କାରଣ ହେଉଛି, ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ଆମେରିକାରୁ ସେମାନଙ୍କର ପାଣ୍ଠି ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଚେତାବନୀ ଦେଇଛି ଯେ ଆମେରିକା ଏବେ ଋଣ ଜାଲରେ ଫସିବାରେ ଲଶଗିଛି। ବର୍ତ୍ତମାନ ସମୟରେ ଆମେରିକାରଋଣ ପରିମାଣ ୟୁରୋପ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ମିଳିତ ଜିଡିପି ଅପେକ୍ଷା ଅଧିକ ରହିଛି। ପ୍ରତ୍ୟେକ ଆମେରିକୀୟଙ୍କ ମୁଣ୍ଡ ଉପରେ ୧ ଲକ୍ଷ ଡଲାରଠାରୁ ଅଧିକ ଋଣ ରହିଛି।

ଆଇଏମ୍ଏଫ୍ ଦ୍ୱାରା ୩୬ ଟ୍ରିଲିୟନ ଡଲାରର ଆମେରିକାର ସଂଘୀୟ ଋଣ ଉପରେ ସାମ୍ପ୍ରତିକ ତଥ୍ୟ ପ୍ରକାଶ କରିବା ପରେ ଏହି ଚେତାବନୀ ଆସିଛି। ଏହି ଋଣ ମୁଖ୍ୟତଃ ୨୦୦୮ ପରବର୍ତ୍ତୀ ବେଲଆଉଟ୍, ରେକର୍ଡ ପ୍ରତିରକ୍ଷା ଖର୍ଚ୍ଚ ଏବଂ ମହାମାରୀ ସମୟରେ ପ୍ରୋତ୍ସାହନ ପ୍ୟାକେଜ ଯୋଗୁଁ ବୃଦ୍ଧି ପାଇଛି। ବର୍ତ୍ତମାନ, ଆମେରିକାର ସବୁଠାରୁ ବଡ଼ ଋଣଗ୍ରହୀତା ସେମାନଙ୍କର ଟଙ୍କା ଫେରସ୍ତ ଚାହୁଁଛନ୍ତି। ଚୀନ୍, ଜାପାନ, ବ୍ରିଟେନ୍ ଏବଂ କାନାଡା ଭଳି ଦେଶଗୁଡ଼ିକ ଚୁପଚାପ୍ ଆମେରିକାର ଟ୍ରେଜେରୀ ବଣ୍ଡ ବିକ୍ରି କରିବା ଆରମ୍ଭ କରିଛନ୍ତି। ଆମେରିକାର ସବୁଠାରୁ ବଡ଼ ଋଣଗ୍ରହୀତା ଚୀନ୍ ପୂର୍ବରୁ ଏହା କରିବା




**ତଳକୁ ଖସିବ ଡଲାର**

ଆରମ୍ଭ କରିସାରିଛି। ଜାପାନ ମଧ୍ୟ ସେହି ନୀତି ଅବଲମ୍ବନ କରୁଛି। ଆମେରିକା ନିବେଶକମାନଙ୍କୁ ବଜାରରେ ସ୍ଥିତି ବଜାୟ ରଖିବା ପାଇଁ ସୁଧ ହାର ବୃଦ୍ଧି କରୁଛି। ତଥାପି, ଏହା ସଙ୍କଟକୁ ଆହୁରି ଘନିଭୂତ କରୁଛି। ବାର୍ଷିକ ସୁଧ ଦେୟ ବର୍ତ୍ତମାନ ପେଣ୍ଟାଗନର (ଆମେରିକା ପ୍ରତିରକ୍ଷା ବିଭାଗ) ବଜେଟକୁ ଅତିକ୍ରମ କରି ୧ ଟ୍ରିଲିୟନ ଡଲଡର ଅତିକ୍ରମ କରିଛି। ବିଶ୍ୱ ପୁଞ୍ଜି ପ୍ରବାହରେ ଏହି ପରିବର୍ତ୍ତନ ପୂର୍ବରୁ ଦୃଶ୍ୟମାନ ହେଉଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା ଆଡ଼କୁ ମୁହାଁଇଛନ୍ତି।

ଆମେରିକାର ଋଣ ବଢ଼ିବା ପରେ ଏହି ସମ୍ଭାବ୍ୟ ସଙ୍କଟକୁ ଏଡାଇବା ପାଇଁ ଭାରତକୁ ଏକ ବହୁମୁଖୀ ରଣନୀତି ଗ୍ରହଣ କରିବାକୁ ପଡିବ। ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଡି-ଡଲାରାଇଜେସନ୍। ଏଥିପାଇଁ ଭାରତକୁ ଡଲାର ଅସ୍ଥିରତାର ପ୍ରଭାବକୁ ହ୍ରାସ କରିବା ପାଇଁ ରୁଷ ଏବଂ ୟୁଏଇ ଭଳି ଦେଶ ସହିତ ସ୍ଥାନୀୟ ମୁଦ୍ରା (ଯେପରିକି ଟଙ୍କା) ରେ ବାଣିଜ୍ୟକୁ ପ୍ରୋତ୍ସାହିତ କରିବାକୁ ପଡିବ। ଦ୍ୱିତୀୟତଃ, ଭାରତକୁ "ମେକ୍ ଇନ୍ ଇଣ୍ଡିଆ" ଏବଂ ପିଆଇଆଇ ଯୋଜନା ମାଧ୍ୟମରେ ଏକ ନିର୍ଭରଯୋଗ୍ୟ ବିଶ୍ୱ ଉତ୍ପାଦନ କେନ୍ଦ୍ର ହୋଇ ବିଦେଶୀ ନିବେଶ ଆକର୍ଷିତ କରିବାକୁ ପଡିବ, ଯାହା ଏହାକୁ ଚୀନ୍ ବାହାରକୁ ଯାଉଥିବା କମ୍ପାନୀଗୁଡ଼ିକ ପାଇଁ ଏକ ଆକର୍ଷଣୀୟ ବିକଳ୍ପ କରିବ। ତୃତୀୟତଃ, ଭାରତୀୟ ରିଜର୍ଭ ବ୍ୟାଙ୍କ କୁ ଏହାର ବିଦେଶୀ ମୁଦ୍ରା ଭଣ୍ଡାରକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାକୁ ପଡିବ। ଏଥିପାଇଁ ବିପଦ ହ୍ରାସ କରିବା ପାଇଁ ସୁନା ଏବଂ ଅନ୍ୟାନ୍ୟ ଶକ୍ତିଶାଳୀ ମୁଦ୍ରାର ଧାରଣ ବୃଦ୍ଧି କରିବାକୁ ପଡିବ। ସେହି ସମୟରେ, ଟଙ୍କାର ଆଭ୍ୟନ୍ତରୀଣ ମୂଲ୍ୟ ସ୍ଥିର ରହିବାକୁ ନିଶ୍ଚିତ କରିବା ପାଇଁ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଏବଂ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବା ଅତ୍ୟନ୍ତ ଜରୁରୀ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ।

**ବୃଷ:** ବନ୍ଧୁଙ୍କ ବ୍ୟବହାର ବ୍ୟଥିତ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଅନ୍ୟମାନଙ୍କ ଉପରେ ଅଧିକ ବିଶ୍ୱାସ କରନ୍ତୁନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ସଫଳତା ପାଇଁ କଠିନ ପରିଶ୍ରମ କରିବେ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କର୍କଟ:** ନୂତନ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ପରିବାର ଲୋକଙ୍କ ମଧ୍ୟରେ ସମୟ ଅତିବାହିତ କରିବେ। ଧ୍ୟାନର ସହିତ ନିଜ କାର୍ଯ୍ୟ କରନ୍ତୁ। ତରବରିଆ ଭାବେ ନିବେଶ କରନ୍ତୁ ନାହିଁ।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ।

**କନ୍ୟା:** ନିଜ ପାଇଁ ସମୟ ବାହାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ତୁଳା:** ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସମାଜ ସେବାରେ ସମୟ ଅତିବାହିତ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି। ଅଚାନକ ଖୁସି ଖବର ପାଇବେ।

**ଧନୁ:** ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶାରୀରିକ ଦୁର୍ବଳତା ଅନୁଭବ କରିବେ। ଅବିବାହିତଙ୍କ ବିବାହରେ ସମସ୍ୟା ଉପୁଜି ହେବ।

**ମକର:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ।

## କୁକୁର ପାଇଁ କର



ଇଟାଲିରେ ଏବେ ଲୋକଙ୍କ ସହ କୁକୁରଙ୍କ ଉପରେ ବି ଟୁରିଷ୍ଟ ଟ୍ୟାକ୍ସ ଲଗାଇବା ଯୋଜନା କରାଯାଉଛି। ବୋଲଜାନୋ ସହରର ଡୋଲୋମାଇଟ୍ ପାହାଡ଼ ପାଖରେ ୨୦୨୬ ମସିହାରୁ ବାହାରୁ ଆସୁଥିବା କୁକୁରଙ୍କ ଉପରେ ପ୍ରତିଦିନ ଦୁଇ ଡଲାର ଟ୍ୟାକ୍ସ ଲାଗିବ। କେବଳ ସେତିକି ନୁହେଁ, ଏଠାରେ ଯେଉଁ ସ୍ଥାନୀୟ ଲୋକଙ୍କ ପାଖରେ କୁକୁର ଅଛି, ସେମାନଙ୍କୁ ମଧ୍ୟ ପ୍ରତିବର୍ଷ ୧୦୦ ୟୁରୋ ଦେବାକୁ ପଡ଼ିବ। ତେବେ ଏଭଳି ନିୟମ ହେବା ପଛରେ କାରଣ ମଧ୍ୟ ରହିଛି। ଟିକସ ଅର୍ଥରେ ରାସ୍ତା ସଫେଇ କାର୍ଯ୍ୟ କରାଯିବା ସହ କୁକୁରଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ତିଆରି କରାଯିବ। ତେବେ ଏହି ଟ୍ୟାକ୍ସ ଏକ ବଡ଼ ନିୟମ ପରେ ଆସିଛି। ଉକ୍ତ ନିୟମ ଅନୁଯାୟୀ, ମାଲିକମାନଙ୍କୁ ନିଜ କୁକୁରଙ୍କର ଡିଏନ୍‌ଏ ପଞ୍ଜିକରଣ କରିବାକୁ ହୋଇଥାଏ। ଯଦି କୌଣସି ମାଲିକ ନିଜ କୁକୁରର ମଳ ନ ଉଠାଇବେ, ସେମାନଙ୍କ ଉପରେ ଡିଏନ୍‌ଏନ୍ ମେଳ କରାଯାଇ ୬୦୦ ୟୁରୋ ଜରିମାନା ଲଗାଯିବ। ସେହିପରି ଯେଉଁମାନେ ପୂର୍ବରୁ ଡିଏନ୍‌ଏ ରେଜିଷ୍ଟ୍ରେସନ କରିସାରିଛନ୍ତି, ସେମାନଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି କରରୁ ମୁକ୍ତି ମିଳିବ। ଏହି ନିୟମ ଆଣିଥିବା କାଉନସିଲର ଲୁଇସ୍ ୱାଲଚରଙ୍କ ମତରେ ଏହା ଏକ ଉଚିତ ପଦକ୍ଷେପ। ଅନ୍ୟପଟେ ଏଭଳି ନିଷ୍ପତ୍ତିରେ ସମସ୍ତେ ଖୁସି ନାହାନ୍ତି। ପ୍ରାଣୀ ସୁରକ୍ଷା ସଂଗଠନ ଇଏନ୍‌ପିଏର ସଦସ୍ୟ କାର୍ଲୋ ରୋଟି ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଏହା ଏକ ଭୁଲ ନିଷ୍ପତ୍ତି। କାରଣ ଏହା କେବଳ ପରିବାର ଏବଂ ପର୍ଯ୍ୟଟକଙ୍କୁ ବିଚଳିତ କରିବ ନାହିଁ, ବରଂ ଏହା ପଶୁମାନଙ୍କୁ କରଦାତା କରି ଏକ ଭୁଲ ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି। ସେହିପରି ପ୍ରାଣୀ ପରିବାରର ଏକ ଅଂଶ। ସେମାନଙ୍କ ଉପରେ ଟ୍ୟାକ୍ସ ଲଗାଇବା ସମସ୍ୟାର ସମାଧାନ ନୁହେଁ। ଏହାଦ୍ୱାରା ଲୋକେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲାବୁଲି କମ୍ କରିବେ। ଏପରିକି ଲୋକେ ପୋଷା ଜୀବଜନ୍ତୁ ରଖିବାରୁ ନିବୃତ୍ତ ରହିବେ। ଅନ୍ୟପଟେ ଏହି ସ୍ଥାନ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ଏଠାରେ ସେହି ଲୋକଙ୍କୁ ଟାର୍ଗେଟ୍ କରାଯାଉଛି, ଯେଉଁମାନେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲୁଛନ୍ତି।

## “୧୦୦ କୋଟି ଦେଲେ ବି ସଞ୍ଜୟଙ୍କ ସହ କାମ କରିବିନି”




ବଲିଉଡ୍‌ର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି ସଞ୍ଜୟ ଲୀଲା ଭଁସାଲି। ସଞ୍ଜୟ ସଙ୍ଗୀତ ନିର୍ଦ୍ଦେଶକ ଇସ୍ମାଇଲ୍ ଦରବାରଙ୍କ ସହ ‘ଦେବଦାସ’, ‘ହମ୍ ଦିଲ୍ ଦେ ଚୁକେ ସନମ୍’ ଫିଲ୍ମରେ କାମ କରିଛନ୍ତି। ଏହି ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଅନେକ ସମୟରେ ସଞ୍ଜୟ ଓ ଇସ୍ମାଇଲଙ୍କ ମଧ୍ୟରେ ବିବାଦକୁ ନେଇ ଚର୍ଚ୍ଚା ହୋଇଛି। ନିକଟରେ ଇସ୍ମାଇଲ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସଞ୍ଜୟଙ୍କ ସହ ତାଙ୍କ ବିବାଦକୁ ନେଇ ମୁହଁ ଖୋଲିଛନ୍ତି। ସେ ସଞ୍ଜୟଙ୍କୁ ଅହଙ୍କାରୀ କହିବା ସହ ୧୦୦ କୋଟି ଦେଲେ ବି ତାଙ୍କ ସହ କାମ କରିବେନି ବୋଲି କହିଛନ୍ତି। ଇସ୍ମାଇଲ୍ ଆହୁରି ମଧ୍ୟ କହିଛନ୍ତି, ୨୦୧୦ରେ ସେ ‘ଗୁଜାରିଶ୍’ ଫିଲ୍ମରେ ସଞ୍ଜୟଙ୍କ ସହ କାମ କରିଥାନ୍ତେ। କିନ୍ତୁ ‘ହମ୍ ଦିଲ୍ ଦେ ଚୁକେ ସନମ୍’ ସେଟ୍‌ରୁ ଆରମ୍ଭ ହୋଇଥିବା ବିବାଦ ‘ଦେବଦାସ ଫିଲ୍ମ ସମୟରେ ଆହୁରି ବଢ଼ି ଯାଇଥିଲା ଯେତେବେଳେ ସଞ୍ଜୟ ତାଙ୍କ ପିଆର୍ ଟିମ୍‌କୁ ଇସ୍ମାଇଲ୍‌ଙ୍କୁ ସାକ୍ଷାତକାରରୁ ଦୂରେଇ ରଖିବାକୁ କହିଥିଲେ। ସଞ୍ଜୟଙ୍କ ୱେବ୍‌ସିରିଜ୍ ‘ହୀରାମଣ୍ଡି’ର ସଙ୍ଗୀତ ଦାୟିତ୍ୱ ମଧ୍ୟ ଇସ୍ମାଇଲଙ୍କ ହାତକୁ ଆସିଥିଲା। ତେବେ ଏକ ଆର୍ଟିକଲ୍‌ରେ ‘ହୀରମଣ୍ଡି’ର ସଙ୍ଗୀତ ତା’ର ମେରୁଦଣ୍ଡ ବୋଲି ପ୍ରକାଶ ପାଇବା ପରେ ଏହା ଇସ୍ମାଇଲ୍ କରିଛନ୍ତି ବୋଲି ସଞ୍ଜୟ ଭାବିଥିଲେ। ଏହାପରେ ସଞ୍ଜୟ ଇସ୍ମାଇଲ୍‌ଙ୍କୁ ତାଙ୍କ ଅଫିସ୍‌କୁ ଡାକି ଏବାବଦରେ ପଚାରିଥିଲେ। ସଞ୍ଜୟ ତାଙ୍କୁ ଏଭଳିସ୍ଥିତିରେ ପକାଇବେ ଯାହା ତାଙ୍କୁ ଏହି ୱେବ୍‌ସିରିଜ୍ ଛାଡ଼ିବାକୁ ବାଧକରିବ ଆଶା କରି ଇସ୍ମାଇଲ୍ ଏଥିରୁ ଓହରି ଯାଇଥିଲେ। ଯଦି ସଞ୍ଜୟ ତାଙ୍କୁ ୧୦୦ କୋଟି ଦେଇ ତାଙ୍କ ଫିଲ୍ମର ସଙ୍ଗୀତ ଦେବାକୁ କୁହନ୍ତି ସେ ତାଙ୍କୁ ଶୀଘ୍ର ଏଠାରୁ ଚାଲି ଯାଆନ୍ତୁ ବୋଲି କହିବେ ବୋଲି ଇସ୍ମାଇଲ୍ କହିଛନ୍ତି।



## ଚର୍ଚ୍ଚାରେ ବିବାହ ବିଜ୍ଞାପନ

ଆଜିକାଲି ଅନେକ ଯୁବକ, ଯୁବତୀ ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକରୁ ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ଏଭଳି ବିଜ୍ଞାପନଗୁଡ଼ିକ ବେଶ୍ ସାଧାରଣ ହୋଇଥାଏ। ଏଇ ଯେଭଳି ଯୁବକ କିମ୍ବା ଯୁବତୀ ସୁନ୍ଦର ହୋଇଥିବେ, ଭଲ ଚାକିରି କରିଥିବେ, ସଂସ୍କାରୀ ପରିବାରର ହୋଇଥିବେ ଆଦି ବିଜ୍ଞାପନରେ ଉଲ୍ଲେଖ କରାଯାଇଥାଏ। ହେଲେ ଏବେ ଏକ ମ୍ୟାଟ୍ରିମୋନିଆଲ ବିଜ୍ଞାପନ ଚର୍ଚ୍ଚାରେ ଅଛି। କାରଣ ଏହି ବିଜ୍ଞାପନ ସାଧାରଣ ମ୍ୟାଟ୍ରିମୋନିଆଲ ବିଜ୍ଞାପନର ସମ୍ପୂର୍ଣ୍ଣ ବିପରୀତ। ବିଜ୍ଞାପନଟି ବିହାରର ଜଣେ ବେକାରୀ ଦନ୍ତ ଚିକିତ୍ସକ ଦେଇଛନ୍ତି। ତେବେ ସେ ନିଜ ପାଇଁ ଯେଉଁ ପ୍ରକାର କନ୍ୟା ଖୋଜୁଛନ୍ତି, ତାକୁ ଦେଖି ଲାଗୁଛି, ସେ ଜଣେ ସୁପର୍‌ଓମ୍ୟାନ୍ ସନ୍ଧାନରେ ଅଛନ୍ତି। ସେ ତାଙ୍କ ବିଜ୍ଞାପନରେ ଲେଖିଛନ୍ତି, ଯୁବତୀ ଜଣକ ସୁନ୍ଦରୀ ଓ ଗୌରବର୍ଣ୍ଣ ହୋଇଥିବେ। ସଚ୍ଚୋଟ, ଭରସାଯୋଗ୍ୟ, ସାହସୀ ହେବା ସହ ଧନୀ ଓ ଦେଶଭକ୍ତ ହୋଇଥିବେ। ଭାରତର ସୈନ୍ୟ ଓ କ୍ରୀଡ଼ା କ୍ଷମତାକୁ ବଢ଼ାଇବା ଦିଗରେ ଆଗ୍ରହୀ ଥିବେ। ଯୁବତୀ ଜଣକ ଦୟାଳୁ ହେବା ସହ ଛୋଟ ପିଲାଙ୍କର ଦେଖାଶୁଣା କରିପାରୁଥିବେ। ରୋଷେଇ ମଧ୍ୟ ଭଲ ଜାଣିଥିବେ। କେବଳ ସେତିକି ନୁହେଁ, ସେ ବିହାର କିମ୍ବା ଝାଡ଼ଖଣ୍ଡର ହିନ୍ଦୁ ବ୍ରାହ୍ମଣ ପରିବାରରୁ ହେବା ସହ କର୍ମଜୀବୀ ହୋଇଥିବେ। ତେବେ ଏତିକିରେ ତାଙ୍କ ବିଜ୍ଞାପନ ଶେଷ ହେବା ଭାବିବା ସ୍ୱାଭାବିକ। ହେଲେ ପୂରା କୁଣ୍ଡଳି ମେଳ ସହିତ ୩୬ ଗୁଣ ମେଳ ମଧ୍ୟ ଅନିବାର୍ଯ୍ୟ ବୋଲି ସେ ଶେଷରେ ଲେଖିଛନ୍ତି। ଏହି ବିଜ୍ଞାପନର ସ୍କ୍ରିନସଟ୍ ରେଡ୍ଡିଟ୍‌ରେ ପୋଷ୍ଟ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହା ଉପରେ ଲୋକେ ବେଶ୍ ମଜାଳିଆ ପ୍ରତିକ୍ରିୟା ଦେଇଛନ୍ତି।




## ଆଜିର ଇତିହାସ

- ୧୯୪୩- ଇଟାଲୀ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୬- ବଲିଭିଆରେ ବୋଇଂ ଜେଟ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।
- ୧୯୯୯- ଅଟଳ ବିହାରୀ ବାଜପେୟୀ ତୃତୀୟଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୩- ମଧ୍ୟପ୍ରଦେଶର ଦତିଆ ଜିଲ୍ଲାରେ ଏକ ପୋଲ ଉପରେ ଦଳାଚକଟା ଯୋଗୁଁ ୧୦୯ ଜଣଙ୍କ ମୃତ୍ୟୁ।

## କାର୍ତ୍ତିକ ସ୍ନାନର ମହତ୍ତ୍ୱ



**ଚାଲିଛି ପବିତ୍ର କାର୍ତ୍ତିକ ମାସ। ତେବେ କାର୍ତ୍ତିକ ମାସରେ ସ୍ନାନ, ବ୍ରତ, ତୁଳସୀ ପୂଜା, ଦୀପଦାନ ଓ ଦାନ ଦ୍ୱାରା ପାପରୁ ମୁକ୍ତି ମିଳିଥାଏ। ତା’ସହ ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମାଙ୍କ ଉପାସନା ଲାଗି ଖୁବ୍ ମହତ୍ତ୍ୱପୂର୍ଣ୍ଣ। ତେବେ ଏହି ମାସରେ ସ୍ନାନର ମହତ୍ତ୍ୱ କ’ଣ ରହିଛି, ସେ ସମ୍ପର୍କରେ ଜାଣିବା।**

**ମହତ୍ତ୍ୱ:** କାର୍ତ୍ତିକ ମାସରେ ସ୍ନାନର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ଅତ୍ୟନ୍ତ ପୁଣ୍ୟଦାୟକ ବୋଲି କୁହାଯାଇଛି। ଏହି ମାସରେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଗଙ୍ଗା, ଯମୁନା ତଥା କୌଣସି ପବିତ୍ର ନଦୀରେ ସ୍ନାନ କରିବାକୁ ଶ୍ରେଷ୍ଠ ବୋଲି ବିଚାର କରାଯାଏ। ଯଦି ପବିତ୍ର ନଦୀରେ ସ୍ନାନ ସମ୍ଭବ ନୁହେଁ, ତେବେ ପାଣିରେ ଗଙ୍ଗା ଜଳ ମିଶାଇ ଘରେ ସ୍ନାନ କରିପାରିବେ। ଏହାଦ୍ୱାରା ଶରୀର ଏବଂ ଆତ୍ମା ଶୁଦ୍ଧ ହୁଏ ଏବଂ ପାପରୁ ମୁକ୍ତି ମିଳେ। ଭଗବାନ ବିଷ୍ଣୁ ଏବଂ ମା ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୁଏ। ଜୀବନରେ ଧନ, ସୁଖ ଓ ସମୃଦ୍ଧି ପ୍ରାପ୍ତ ହୁଏ। ଶରୀର ସୁସ୍ଥ ଓ ମନ ଶାନ୍ତ ରହେ। କାର୍ତ୍ତିକ ମାସ ଯାକ ନିୟମିତ ପୂଜା ପାଠ କରିବା ଦ୍ୱାରା ଆଧ୍ୟାତ୍ମିକ ବିକାଶ ଘଟେ।

**ନିୟମ**

- ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠିବା ଉଚିତ।
- ପବିତ୍ର ନଦୀରେ ସ୍ନାନ କରିବା ଦରକାର।
- ସ୍ନାନ ସମୟରେ ଭଗବାନ ବିଷ୍ଣୁଙ୍କ ନାମ ସ୍ମରଣ କରିବା ଉତ୍ତମ।
- ସ୍ନାନ ପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରନ୍ତୁ।
- ଏହା ପରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ବୃନ୍ଦାବତୀଙ୍କ ପୂଜା କରିବା ଦରକାର।
- ଏହାବାଦ୍ ପ୍ରତିଦିନ ତୁଳସୀ ଗଛ ମୂଳରେ ଘିଅ ଦୀପ ପ୍ରଜ୍ୱଳିତ କରନ୍ତୁ।

## ଭୂମିରେ ରଖନ୍ତୁନି ଠାକୁର ମୂର୍ତ୍ତି

ପ୍ରତ୍ୟେକ ହିନ୍ଦୁଙ୍କ ଘରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଏ। ଏହା ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ତେବେ ପୂଜା ସମୟରେ କିଛି ଜିନିଷକୁ ତଳେ ଭୁଲବଶତଃ ରଖିବା ଦ୍ୱାରା ଖରାପ ପ୍ରଭାବ ପଡ଼ିଥାଏ। ଯାହା ଅନେକ ଜାଣି ନାହାନ୍ତି। ସାଧାରଣତଃ ସଫାସଫି କରିବା ସମୟରେ ଲୋକମାନେ ଠାକୁରଙ୍କ ମୂର୍ତ୍ତିକୁ ତଳେ ଭୁଲବଶତଃ ରଖି ଦିଅନ୍ତି। ତେବେ ଏଭଳି କରିବା ଅନୁଚିତ। କୁହାଯାଏ, ଠାକୁରଙ୍କ ମୂର୍ତ୍ତିକୁ ତଳେ ରଖିବା ଦ୍ୱାରା ତାଙ୍କ ପ୍ରତି ଅପମାନ ହୋଇଥାଏ। ଏହାଦ୍ୱାରା ଘରେ ଅଶାନ୍ତି ଦେଖାଦିଏ। ଠାକୁର ଘର ସଫା ବା ପରିଷ୍କାର କରିବା ସମୟରେ ମୂର୍ତ୍ତିକୁ ତଳେ ରଖନ୍ତୁ ନାହିଁ। ତେବେ ମୂର୍ତ୍ତିକୁ ନାଲି କପଡ଼ାରେ ଗୁଡ଼ାଇ ଥାଳିରେ ରଖିବା ଉଚିତ।



## ସ୍ୱସ୍ତି

## ଧନତେରାସ



**କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀକୁ ଧନ୍ୱନ୍ତରୀ ତ୍ରୟୋଦଶୀ ବା ‘ଧନତେରାସ୍’ ବୋଲି କୁହାଯାଏ। ଦୀପାବଳିର ଦୁଇଦିନ ପୂର୍ବରୁ ଏହାକୁ ପାଳନ କରାଯାଏ। ଏହିଦିନ ସୁନା, ରୁପା କିଣାକିଣିକୁ ଶୁଭ ବୋଲି ବିବେଚନା କରାଯାଏ।**

ପୌରାଣିକ କାହାଣୀ ଅନୁସାରେ, ସମୁଦ୍ର ମନ୍ଥନ ଶେଷରେ ଦେବବୈଦ୍ୟ ଧନ୍ୱନ୍ତରୀ ଅମୃତ କଳସରେ ପ୍ରକଟ ହୋଇଥିଲେ। ସେ ହିଁ ଦୁନିଆକୁ ଆୟୁର୍ବେଦ ବିଦ୍ୟାର ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲେ। ଏହି ପର୍ବ ଦୀପାବଳିର ଦୁଇ ଦିନ ପୂର୍ବରୁ ଆସିଥାଏ। ଏହିଦିନ ଧନର ଦେବତା କୁବେରଙ୍କ ପୂଜାର ମହତ୍ତ୍ୱ ରଖେ। ଅନ୍ୟ ଏକ ମାନ୍ୟତାନୁସାରେ, ଏହିଦିନ ଯମରାଜାଙ୍କଠାରୁ ରାଜା ହିମଙ୍କ ପୁତ୍ରଙ୍କୁ ତାଙ୍କ ପତ୍ନୀ ରକ୍ଷା କରିଥିଲେ। ସେହିପରି ସନ୍ଧ୍ୟାରେ ଧନ୍ୱନ୍ତରୀଙ୍କୁ ଦୀପଦାନ କରିବା ଶୁଭ ବୋଲି କୁହାଯାଇଛି। ଏହାଦ୍ୱାରା ଯମରାଜ ଖୁସି ହୁଅନ୍ତି ଏବଂ ଅକାଳ ମୃତ୍ୟୁରୁ ରକ୍ଷା ମିଳେ।

ପ୍ରାଚୀନକାଳରୁ ହିଁ ଧନତେରାସ୍‌ରେ କିଛି ନା କିଛି କିଣିବାର ପରମ୍ପରା ରହିଛି। ଏହିଦିନ କିଣାଯାଉଥିବା ଜିନିଷ ନଷ୍ଟ ହେଉ ନ ଥିବା ବିଶ୍ୱାସ ଅଛି। ଅନେକ ଲୋକ ଏହି ଦିନରେ ସୁନା, ରୁପା ଆଦି କିଣିଥାନ୍ତି। କିଛି ଲୋକ ଝାଡ଼ୁ ନିହାତି ଏହିଦିନ କିଣନ୍ତି। ଝାଡ଼ୁକୁ ମା’ ଲକ୍ଷ୍ମୀଙ୍କ ରୂପ ଭାବେ ବିବେଚନା କରାଯାଏ। ଏହା ସୁଖ ସହିତ ଖରାପ ଶକ୍ତି ନାଶ କରୁଥିବା ବିଶ୍ୱାସ ଅଛି। ମା’ ଲକ୍ଷ୍ମୀ ସମୃଦ୍ଧି ପ୍ରଦାନ କରନ୍ତି।

ଏହିଦିନ ମା’ଲକ୍ଷ୍ମୀ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି କିଣିବା ଦ୍ୱାରା ଘର ଧନଧାନ୍ୟରେ ଭରପୂର ହୋଇଥାଏ। ଏହା ସହିତ ଦକ୍ଷିଣାବର୍ତ୍ତୀ ଶଙ୍ଖ, ରୁଦ୍ରାକ୍ଷ, ଧାର୍ମିକ ପୁସ୍ତକ ଓ ପଦ୍ମମାଳା କିଣିବା ଶୁଭ। ସେହିପରି ଏହିଦିନ ବାସନ କିଣିବା ମଧ୍ୟ ଶୁଭ। ବାସନରେ କିଛି ଶସ୍ୟ, ନଚେତ୍ ଟଙ୍କା ଭରି ଆଣିବା ଦ୍ୱାରା ଘର ସବୁବେଳେ ଧନଧାନ୍ୟରେ ଭରି ରହିଥାଏ ବୋଲି ଏହା ଦର୍ଶାଏ। ଅନ୍ୟପକ୍ଷରେ ଷ୍ଟିଲ୍, ଆଲୁମିନିୟମ, ପ୍ଲାଷ୍ଟିକ୍, କାଚ ବାସନ କିଣିବା ଅଶୁଭ ହୋଇଥାଏ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

**ଶିବନାରାୟଣ ମହାପାତ୍ର**

(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ ‘ପୁରଞ୍ଜନ ଉପାଖ୍ୟାନ’ରେ ଉପାଖ୍ୟାନ ସମ୍ପର୍କରେ କୁହାଯାଇଥିଲା। ଏଥର ଏହାର ତତ୍ତ୍ୱ ସମ୍ପର୍କରେ କୁହାଯାଇଛି।)

ଏବେ ଉପାଖ୍ୟାନର ତତ୍ତ୍ୱ କୁ ବୁଝିବାକୁ ଚେଷ୍ଟା କରିବା।

ଏହି ଗଳ୍ପର ଚରିତ୍ର ଗୁଡିକ ହେଉଛନ୍ତି:

ପୁରଞ୍ଜନ : ଜୀବତ୍ମା
ଅଭିଜ୍ଞାତ : ପରମାତ୍ମା
ପୂରଞ୍ଜନୀ : ଜୀବର ମତୀ / ବୁଦ୍ଧି
ନବ ଦ୍ୱାର ସମ୍ପନ୍ନ ପ୍ରାସାଦ : ମଣିଷର ଶରୀର
ନଅ ଗୋଟି ଦ୍ୱାର : ମଣିଷର ମୁହଁରେ ସାତ ଗୋଟି ଦ୍ୱାର (ନାକ-୨ ,କାନ -୨ , ଆଖି -୨ ,ପାଟି-ଏକ )
ନିମ୍ନରେ ଦୁଇଟି ଦ୍ୱାର ( ମଳ ଦ୍‌ବାର ଓ ମୂତ୍ର ଦ୍ୱାର )
ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର : ମଣିଷ ଶରୀର ର ପଞ୍ଚ କୋଷ ( ଅନ୍ନମୟ ,ପ୍ରାଣମୟ ,ମନୋମୟ ,ବିଜ୍ଞାନମୟ ,ଆନନ୍ଦମୟ )
ପୂରଞ୍ଜନୀର ଦଶ ଅଙ୍ଗ ରକ୍ଷକ : ଜୀବର ପାଞ୍ଚ କର୍ମେନ୍ଦ୍ରିୟ (ହାତ ,ମୁହଁ ,ଗୋଡ ,ଲିଙ୍ଗ ,ଗୁର୍ଦା )
ପାଞ୍ଚ ଜ୍ଞାନେନ୍ଦ୍ରିୟ ( ଆଖି, କାନ ,ନାକ ,ଜିଭ ,ଚର୍ମ )
ପୁରଞ୍ଜନୀର ସେନାପତି : ଜୀବର ମନ
ପାଞ୍ଚ ଫଣା ବିଶିଷ୍ଟ ସର୍ପ : ପାଞ୍ଚ ପ୍ରାଣ (ପ୍ରାଣ ,ଆପାନ ,ବ୍ୟାନ ,ଉଧାନ ,ସାମାନ )
ପାଞ୍ଚ ଟି ଘୋଡା : ପାଞ୍ଚ ଇନ୍ଦ୍ରୀୟ (ଶ୍ରବଣ , ଘ୍ରାଣ ,ଦର୍ଶନ ,ସ୍ପର୍ଶ ,ସ୍ୱାଦ )
ଦୁଇ ଚକ ବିଶିଷ୍ଟ ରଥ : ମଣିଷ ର ଦୁଇ ଗୋଡ
ଜରା : ବୃଦ୍ଧାବସ୍ଥା
ଚଣ୍ଡବେଗ : କାଳ ଚକ୍ର
ଚଣ୍ଡବେଗର କଳା ,ଧଳା ସୈନ୍ୟ : ଦିନ (ଧଳା ) ଓ ରାତି (କଳା )

ଏବେ ସମ୍ପୂର୍ଣ୍ଣ ଘଟଣାଟି ଆଲୋଚନା କରିବା।

ଏକଦା ପୁରଞ୍ଜନ (ଜୀବତ୍ମା ) ଏବଂ ଅଭିଜ୍ଞାତ (ପରମାତ୍ମା ) ଦୁଇ ଅନ୍ତରଙ୍ଗ ବନ୍ଧୁ ଥିଲେ। ଯେ ପର୍ଯ୍ୟନ୍ତ ପୁରଞ୍ଜନ (ଜୀବତ୍ମା ) ଅଭିଜ୍ଞାତ (ପରମାତ୍ମା )ଙ୍କ ସହିତ ନିବିଡ଼ ଥିଲା, ପୁରଞ୍ଜନ ଅତ୍ୟନ୍ତ ଆନନ୍ଦରେ ଥିଲା। ହଠାତ୍ ପୁରଞ୍ଜନ (ଜୀବତ୍ମା )ର ଇଚ୍ଛା ହେଲା କିଛି ନଗର ( ବିଭିନ୍ନ ଯୋନିରେ) ଭ୍ରମଣ କରିବାକୁ। ବିଭିନ୍ନ ସହର (ଚୌରାଶି ଲକ୍ଷ ଯୋନି) ବୁଲିବା ପରେ ହିମାଳୟର ଦକ୍ଷିଣ ଦିଗ (ଭାରତ ) ରେ ଆସି ପହଞ୍ଚିଲା। ସେଠାରେ ନବ ଦ୍ୱାର ବିଶିଷ୍ଟ ଏକ ପ୍ରାସାଦ (ମଣିଷ ଶରୀର ) ଦେଖିଲା। ଏହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ଥିଲା (ପ୍ରାଚୀର ଗୁଡିକୁ ଉପରେ ବ୍ୟାଖ୍ୟା କରାଯାଇ ଅଛି)।

ଉକ୍ତ ପ୍ରାସାଦରେ ଜଣେ ସୁନ୍ଦରୀ କନ୍ୟା (ନାମ ପୂରଞ୍ଜନୀ) (ମଣିଷ ର ମତି / ବୁଦ୍ଧି / ଅବିଦ୍ୟା ) ବାସ କରୁ ଥିଲା। ଏହି କନ୍ୟାଙ୍କୁ ଦଶ ଜଣ ଅଙ୍ଗ ରକ୍ଷକ (ଉପରେ ବ୍ୟାଖ୍ୟା କରା ଯାଇ ଅଛି) ଘେରି ରହିଥିଲେ ଏବଂ କନ୍ୟାର ଜଣେ ସେନାପତି ( ମଣିଷ ର ମନ ) ଥିଲେ। ସୁନ୍ଦରୀ ଯୁବତୀ ଅବିବାହିତ ଥିଲେ - ପୁରଞ୍ଜନଙ୍କୁ ବିବାହ ନିମନ୍ତେ ଆଗ୍ରହ କରିବାରୁ ପୁରଞ୍ଜନ ପୂରଞ୍ଜନୀ ଙ୍କୁ ବିବାହ କଲେ ( ମଣିଷ ଯୋନିରେ ପ୍ରବେଶ କଲେ)।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

## କୁଳଦୀପଙ୍କୁ ୫ ୱିକେଟ; ୱେଷ୍ଟଇଣ୍ଡିଜ୍ ୨୪୮ ରେ ଆଉଟ୍

# ଫଲୋଅନ୍ ପରେ ଲଢ଼ିଲେ ହୋପ୍-କ୍ୟାମ୍ପବେଲ୍

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି)

ଦୁଇ ବାମହାତୀ ସ୍ପିନର କୁଳଦୀପ ଯାଦବଙ୍କୁ ୫ ଓ ରବୀନ୍ଦ୍ର ଜାଡେଜାଙ୍କୁ ୩ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ୫ ୱିକେଟରେ ୫୧୮ (ଘୋଷଣା) ରନ୍ ଜବାବରେ ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଫଳରେ ୨୭୦ରନ୍‌ରେ ପଛରେ ରହି ୱେଷ୍ଟଇଣ୍ଡିଜ୍ ଫଲୋଅନ୍ ହୋଇଛି। ଫଲୋଅନ୍ ପରେ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଲଢ଼ୁଆ ବ୍ୟାଟିଂ କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ୱିକେଟରେ ୧୭୩ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ କ୍ୟାମ୍ପବେଲ ୮୭ ଓ ହୋପ୍ ୬୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡିରୁ ୧୩୮ ରନ୍ ସଂଗ୍ରହ କରିବା ଫଳରେ ୨୦୧୬ ପରେ ପ୍ରଥମଥର ମ୍ୟାଚ୍ ଚତୁର୍ଥ ଦିନକୁ ଯାଇଛି। ଦଳ ପକ୍ଷରୁ ଟାଗେନାରିନ୍ ଚନ୍ଦରପଲ ୧୦ ଓ ଆଲିକ୍ ଆଥାନାଜେ ୭ ରନ୍‌ରେ ଆଉଟ ହୋଇଥିଲେ। ମହମ୍ମଦ୍ ସିରାଜ ଓ ୱାଶିଂଟନ ସୁନ୍ଦର ଭାରତ ପକ୍ଷରୁ ଉପରୋକ୍ତ ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି।





### ପ୍ରଥମ ଇନିଂସରେ ସ୍ପିନରଙ୍କର ପ୍ରାଧାନ୍ୟ

ଏହି ଟେଷ୍ଟର ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୪ ୱିକେଟରେ ୧୪୦ ରନ୍‌ରୁ ଖେଳ ଆରମ୍ଭ କରି ସତର୍କତାର ସହ ଖେଳିଥିଲେ ୱେଷ୍ଟଇଣ୍ଡିଜ୍‌ର ସାଇ ହୋପ୍ ଓ ଟେଭିନ ଇମ୍‌ଲାଚ୍। ତୃତୀୟ ଦିନ ୱେଷ୍ଟଇଣ୍ଡିଜ୍ ଆଉ ୧୬ ରନ୍ ଯୋଡ଼ିବା ପରେ ହୋପ୍‌ଙ୍କୁ ୩୬ ରନ୍‌ରେ ବୋଲ୍ଡ କରି କୁଳଦୀପ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାର ୭ ରନ୍ ପରେ ପୂର୍ବଦିନର ଅନ୍ୟତମ ଅପରାଜିତ ବ୍ୟାଟର ଇମ୍‌ଲାଚ୍ (୨୧) ମଧ୍ୟ କୁଳଦୀପଙ୍କ ଶିକାର ବନିଥିଲେ। ଏହି ସମୟରେ ଦଳ ସାମୟିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଭ୍ରମଣକାରୀ ଦଳ ୧୭୫ ରନ୍‌ରେ ୮ମ ୱିକେଟ ହରାଇବା ପରେ ଖାରୀ ପିଏରେ ଓ ଆଣ୍ଡରସନ ଫିଲିପ୍ ୯ମ ୱିକେଟରୁ ୪୬ ରନ୍, ଫିଲିପ୍ ଓ ଜେଡେନ ସିଲ୍ସ ୧୦ମ ୱିକେଟ୍‌ରେ ୨୭ ରନ୍ ଉଠାଇଥିଲେ। ଏହା ଫଳରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୨୪୮ ରନ୍ କରିଥିଲେ ମଧ୍ୟ ଫଲୋଅନ ହୋଇଥିଲା।

ଏଠାରେ ବ୍ୟାଟିଂ କରିବା ସହଜ ହୋଇଥିଲେ ମଧ୍ୟ ଭାରତୀୟ ସ୍ପିନରମାନେ ସୁଯୋଗ ସୃଷ୍ଟି କରି ୱିକେଟ ହାସଲ କରିଥିଲେ। ଦଳ ପକ୍ଷରୁ ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ସର୍ବାଧିକ ୫ଟି ଓ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ପାଇଥିଲେ। ଜାଡେଜାଙ୍କୁ ଦ୍ୱିତୀୟ ଦିନ ସମସ୍ତ ୩ଟି ଯାକ ୱିକେଟ ମିଳିଥିଲାବେଳେ ତୃତୀୟ ଦିନ ବିଫଳ ହୋଇଥିଲେ। ଆଜି ୱେଷ୍ଟଇଣ୍ଡିଜ୍ ହରାଇଥିବା ୬ଟି ୱିକେଟ ମଧ୍ୟରୁ କୁଳଦୀପଙ୍କୁ ୫ ୱିକେଟ ମିଳିଥିଲା। ବୁମ୍‌ରା ଅନ୍ୟ ଜଣଙ୍କୁ ଆଜି ଆଉଟ କରିଥିଲେ।

### ଏ ବର୍ଷର ରେକର୍ଡ ପାର୍ଟନରସିପ୍

ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦୁଇଟି ସହଜ ୱିକେଟ ହରାଇଥିଲା। ୩୫ ରନ୍‌ରେ ୨ ୱିକେଟ ହରାଇଥିବା ପରେ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଅବିଭକ୍ତ ତୃତୀୟ ୱିକେଟରୁ ୧୩୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ ୱିକେଟରେ ୧୭୩ ରନ୍ କରିଥିଲା। ଏହି ପାର୍ଟନରସିପ୍ ଚଳିତବର୍ଷ ୱେଷ୍ଟଇଣ୍ଡିଜ୍ ଲାଗି ସର୍ବାଧିକ। ସେହିପରି କାଉଣ୍ଟର ଆଟାକ କରିଥିବା କ୍ୟାମ୍ପବେଲ ମଧ୍ୟ ଟେଷ୍ଟ କ୍ରିକେଟରେ ସର୍ବାଧିକ ୮୭ ରନ୍ କରିଛନ୍ତି। ହୋପ୍ ୩୧ଟି ଇନିଂସ ପରେ ଅର୍ଦ୍ଧଶତକ ହାସଲ କରି ୬୬ ରନ୍‌ରେ ଅପରାଜିତ ରହିଛନ୍ତି। ଏହା ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ହାତରେ ୮ଟି ୱିକେଟ ବାକି ରଖି ଏବେ ମଧ୍ୟ ୯୭ ରନ୍‌ରେ ପଛରେ ରହିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍-୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଳଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)


**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୧୭୩/୨, ୪୯ ଓଭର** (କ୍ୟାମ୍ପବେଲ-ବ୍ୟାଟିଂ-୮୭, ହୋପ୍-ବ୍ୟାଟିଂ-୬୬, ସିରାଜ-୧/୧୦, ସୁନ୍ଦର-୧/୪୪)।

## ଜୟସ୍ୱାଲଙ୍କ ଉପରକୁ ବଲ ପକାଇ ସିଲ୍ସ ଦଣ୍ଡିତ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ୱେଷ୍ଟଇଣ୍ଡିଜ୍ ଫାଷ୍ଟ ବୋଲର ଜେଡେନ ସିଲ୍ସ ତାଙ୍କ ଉପରକୁ ବଲ ଫିଙ୍ଗି ଦଣ୍ଡିତ ହୋଇଛନ୍ତି। ଦଣ୍ଡ ଆକାରରେ ମ୍ୟାଚ୍ ରେଫରି ତାଙ୍କ ମ୍ୟାଚ୍ ଫି'ର ୨୫ ଶତକଡ଼ା କାଟିନେଇଛନ୍ତି ଓ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ଦେଇଛନ୍ତି। ଏଭଳି ଆଚରଣ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଓ ବିପଜ୍ଜନକ ବୋଲି ମ୍ୟାଚ୍ ରେଫରିଙ୍କର ହୃଦ୍‌ବୋଧ ହୋଇଛି। ଘଟଣାରୁ ଜଣାଯାଇଛି, ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ଭାରତୀୟ ଇନିଂସର ୨୯ ତମ ଓଭରରେ ଏହି ଅଘଟଣ ଘଟିଥିଲା। ଏହି ଓଭରରେ ଜେଡେନ୍ ସିଲ୍ସ ଫଲୋ ଥ୍ରୁ'ରେ ବଲ ଧରିବା ପରେ ଜୟସ୍ୱାଲଙ୍କ ଉପରକୁ ବଲ ଫିଙ୍ଗିଥିଲେ। ବଲ୍‌ଟି ତାଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହା ଫଳରେ କୌଣସି କ୍ଷତି ହୋଇ ନ ଥିଲା। ଏହାକୁ କିନ୍ତୁ ଗମ୍ଭୀରତାର ସହ ନେଇଥିଲେ ଓ ବିଚାର ବେଳେ ସିଲ୍ସ ଏହାକୁ ଅସ୍ୱୀକାର କରିଥିଲେ। ରନ୍ ଆଉଟ କରିବା ଲାଗି ସିଲ୍ସ ଯେତେ କହିଥିଲେ ମଧ୍ୟ ଏହା ଅଣଖେଳୱାଡ ଓ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରୁଛି ବୋଲି ମ୍ୟାଚ୍ ରେଫରି କହିଥିଲେ। ଏହା ପରେ ଦଣ୍ଡ ସ୍ୱରୂପ ୨୫ ଶତକଡ଼ା ମ୍ୟାଚ୍ ଫି କାଟିନେବା ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେବାକୁ ନିଷ୍ପତ୍ତି ନେଇଥିଲେ।

● ୧୮ ବର୍ଷରୁ କମ୍ କବାଡ଼ି

## ଭାରତୀୟ ଦଳରେ ସମ୍ବଲପୁରର ପ୍ରିୟଙ୍କା



ଭୁବନେଶ୍ୱର,୧୨।୧୦(ସମିସ): ବାହାରିନ୍‌ଠାରେ ଆରମ୍ଭ ହୋଇଛି ୧୮ ବର୍ଷରୁ କମ୍ ଏସିଆନ୍ କବାଡି ଚାମ୍ପିଅନ୍‌ସିପ। ଏହି ପ୍ରତିଯୋଗିତାରେ ୧୪ ଜଣିଆ ଭାରତୀୟ ଦଳରେ ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ସେହିପରି ପୂର୍ବତନ ଅନ୍ତର୍ଜାତୀୟ ମହିଳା ଖେଳାଳି ଜୟଶ୍ରୀ ସ୍ୱାଇଁଙ୍କୁ ଏହି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ମିଳିଛି। ଉଭୟଙ୍କୁ ଓଡ଼ିଶା କବାଡ଼ି ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଦମୟନ୍ତି ଓଝାଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର,୧୨।୧୦(ସମିସ): ଓଡ଼ିଶାର ପାରା ଆଥ୍‌ଲେଟ ଦମୟନ୍ତୀ ଓଝା ଗୋଆରେ ଅନୁଷ୍ଠିତ ପ୍ରଥମ ବୋସିଆ ପର୍ପଲ ଫେଷ୍ଟ ଫେଡେରେସନ କପ୍-୨୦୨୫ରେ ମିକ୍ସଡ ପେୟାରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ରମେଶ କୁମାରଙ୍କ ସହ ଦମୟନ୍ତୀ ଯୋଡି ହୋଇଥିଲେ। ଆଉ ଜଣେ ଓଡ଼ିଶା ପ୍ରତିଯୋଗୀ ସୋନାଲି ଓଝା କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ।

● ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତା

## ୯ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୮ ପଦକ



ଭୁବନେଶ୍ୱର,୧୨।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତାର ତୃତୀୟ ତଥା ଶେଷ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ପଦକ ରହିଛି। ମହିଳା ଖେଳାଳି ଅନୁପମା ସ୍ୱାଇଁ କଣ୍ଟାକ୍ଟ ଫାଇଟିଙ୍ଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ହ୍ୟାଟ୍ରିକ୍ ସ୍ୱର୍ଣ୍ଣ। ଅମରେଶ୍ୱର ସ୍ୱାଇଁ ଆଜିର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ଓ ଦ୍ୱିତୀୟ ଦିନରେ ୧୪ଟି ପଦକ ମିଳିଥିଲା। ମୋଟରେ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୯ଟି କାଂସ୍ୟ ସହ ଓଡ଼ିଶା ୨୮ଟି ପଦକ ଜିତି ଶ୍ରେଷ୍ଠ ସଫଳତା ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଦିନ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିପରି ପ୍ରଥମ ଦିନରେ ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

● ବାସୁଦେବ ମହାନ୍ତି ସ୍ମାରକୀ ଚେସ୍

## ପ୍ରୀତିକା ପ୍ରଧାନଙ୍କୁ ଟାଇଟଲ୍



ଭୁବନେଶ୍ୱର,୧୨।୧୦(ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରୀତିକା ପ୍ରଧାନ ବାସୁଦେବ ମହାନ୍ତି ସ୍ମାରକୀ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ୫ ରାଉଣ୍ଡ ଖେଳ ଶେଷସୁଦ୍ଧା ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ପ୍ରୀତିକା ଅନ୍ୟମାନଙ୍କୁ ପଛରେ ପକାଇ ଟାଇଟଲ କବ୍‌ଜା କରିନେଇଥିଲେ। ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ନିଶାଦ ସେନାପତି ଦ୍ୱିତୀୟ, ପୋଖରୀପୁଟ ଡିଏଭି ସ୍କୁଲ୍‌ର ଦିବ୍ୟାଂଶ ମହନ୍ତ ତୃତୀୟ, ଭୁବନେଶ୍ୱର କେଭି ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ୫ମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ଓ ମାନପତ୍ର ଆୟୋଜକଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏହାକୁ ଆୟୋଜିତ କରିଥିଲା। ଏହାର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

## ହଂକଂଠୁ ହାରି ଭାରତ ବିଦା



ଭୁବନେଶ୍ୱର,୧୨।୧୦(ସମିସ): ହଂକଂଠାରୁ ୩-୦ ବ୍ୟବଧାନରେ ପରାଜିତ ହୋଇ ଭାରତୀୟ ପୁରୁଷ ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ରୁ ବିଦାୟ ନେଇଛି। ଆଜି ଅପରାହ୍ଣରେ ଖେଳାଯାଇଥିବା ମୁକାବିଲାରେ ହଂକଂ ପ୍ରଥମ ୩ଟି ମୁକାବିଲାକୁ ଜିତିନେବା ପରେ ଆଉ କୌଣସି ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ର‌୍ୟାଙ୍କ ଚତୁର୍ଥ ଓ ହଂକଂର ଷଷ୍ଠ ଥିଲାବେଳେ ମ୍ୟାଚ୍ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ହଂକଂ ଖେଳାଳିମାନେ ଶୃଙ୍ଖଳିତ, ଦୃଢ଼ ମାନସିକ ଓ ଟେକ୍ନିକାଲି ଦୃଢ଼ ଥିବାରୁ ଭାରତୀୟମାନେ ସେମାନଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଗତ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଭାରତ ୨ଥର କାଂସ୍ୟ ପଦକ ଜିତିଥିଲା। ମାନୁସ ଶାହ, ମାନବ ଠାକର ଓ ଯୁବ ଖେଳାଳି ଅଙ୍କୁର ଭଟ୍ଟାଚାର୍ଯ୍ୟ ପ୍ରତିଦ୍ୱନ୍ଦ୍ୱୀ ହଂକଂ ଖେଳାଳିଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଏବେ ୫ମ ସ୍ଥାନ ଲାଗି ଭାରତ ଓ କୋରିଆ ମଧ୍ୟରେ ମୁକାବିଲା ହେବ। ଆଜିର ଅନ୍ୟ ମୁକାବିଲାରେ ଜାପାନ ୩-୧ରେ କୋରିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

ସୁଲତାନ ଜୋହର କପ୍

## ଭାରତର ଦ୍ୱିତୀୟ ବିଜୟ

ଜୋହର ବାହରୁ, ୧୨।୧୦: ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ଜୁନିଅର ପୁରୁଷ ଦଳ ୪-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ଅର୍ଶଦୀପ୍ ସିଂହ ଓ ୧୫ତମ ମିନିଟ୍‌ରେ ପିବି ସୁନିଲ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଅରଜିତ୍ ସିଂହ ହୁଣ୍ଡାଲ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଓଡ଼ିଆ ଖେଳାଳି ରୋଶନ କୁଜୁର ଦଳ ପାଇଁ ଅନ୍ତିମ ତଥା ୪ର୍ଥ ଗୋଲ୍‌ଟି ଦେଇଥିଲେ।

● ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ଜାଭେଲିନ୍‌ରେ କୁନିଙ୍କୁ ରୌପ୍ୟ ସଫଳତା



ଭୁବନେଶ୍ୱର, ୧୨।୧୦ (ସମିସ): ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶା ଦଳର ପଦକ ବିଜୟଧାରା ଜାରି ରହିଛି। ପ୍ରତିଯୋଗିତାର ତୃତୀୟ ଦିବସରେ ରବିବାର ଓଡ଼ିଶାର କୁନି ରାଜଗୋଣ୍ଡ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ବାଳିକା ୧୪ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ କୁନି ଏହି ସଫଳତା ପାଇଛନ୍ତି। ସେ ୩୭.୫୫ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ହରିୟାଣାର ଆରାଧା ସିଂହ (୩୮.୬୪ମିଟର) ଓ ପଶ୍ଚିମବଙ୍ଗର ଅନୁଶ୍ରୀ ବିଶ୍ୱାସ (୩୬.୫୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ୍ ସମୀକ୍ଷା ସ୍ୱରପ୍ରେମୀ ୨୦.୧୫ ମିଟର ଜାଭେଲିନ ଫିଙ୍ଗି ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଦିବସରେ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ଓଡ଼ିଶାର ପ୍ରତୀକ ମହାରଣା ରୌପ୍ୟ ଏବଂ ୨ୟ ଦିବସରେ ଆଲୋକିକା ସ୍ୱାଇଁ ମହିଳା ୧୮ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ଜିତିଥିଲେ।



ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ହିଲୀ ଭାରତକୁ ହରାଇଦେଲେ; ଅଷ୍ଟ୍ରେଲିଆର ରେକର୍ଡ ଚେଜ୍

ବିଶାଖାପାଟନମ, ୧୨।୧୦ (ଏଜେନ୍ସି)

ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଏଠାରେ ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୩ ୱିକେଟରେ ଭାରତକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୩୧ ରନର ରେକର୍ଡ ଟାର୍ଗେଟ୍‌କୁ ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ଗୋଟିଏ ଓଭର ପୂର୍ବରୁ ବିଜୟୀ ହୋଇଥିଲା। ଏଲିସା ହିଲୀ ୧୪୨ ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳି ଭାରତକୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ପତ୍ନୀ ହିଲୀ ୧୦୭ ବଲର ଏହି ପାଳିରେ ୨୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲିସେ ପେରୀ ୪୭, ଆସଲେ ଗାର୍ଡନର ୪୫, ଫୋଏବେ ଲିଚଫିଲ୍ଡ ୪୦ ରନ କରିଥିଲେ। ଭାରତ ପକ୍ଷରୁ ଶ୍ରୀଚରଣୀ ୩ ଏବଂ ଦୀପ୍ତି ଶର୍ମା ଓ ଅମନଜୋତ୍ କୌରଙ୍କୁ ୨ଟି ୱିକେଟ୍ ମିଳିଥିଲା। ମହିଳା ଦିନିକିଆରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ପୂର୍ବରୁ ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କା ୩୦୨ ରନକୁ ସଫଳତାର ସହ ପିଛା କରିଥିଲା।



ଏଲିସା ହିଲୀ ୧୪୨ ରନ

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଦୁଇ ଓପନର୍ ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନା ପ୍ରଥମ ୱିକେଟ୍‌ରେ ୧୫୫ ରନର ଭାଗୀଦାରି ଗଢ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ଫଳରେ ଭାରତ ୪୮.୫ ଓଭରରେ ୩୩୦ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମନ୍ଧାନା ୬୦ ବଲରୁ ୯ ଚୌକା ଓ ୩ ଛକା ସହ ୮୦ ଓ ପ୍ରତୀକା ୭୫ ରନ କରିଥିଲେ। ମଧ୍ୟକ୍ରମରେ ମଧ୍ୟରେ ହର୍ଲିନ ଦେଓଲ ୩୮, ଜେମିମା ରୋଡ୍ରିଗ୍ସେଜ ୩୩, ରିଚା ଘୋଷ ୩୨, ଅଧିନାୟିକା ହରମନପ୍ରୀତ୍ କୌର ୨୨ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ମଧ୍ୟଗତିର ବୋଲର ସଦରଲାଣ୍ଡ ସର୍ବାଧିକ ୫ଟି ଓ ମୋଲିନେକ୍ସ ୩ଟି ୱିକେଟ ନେଇଥିଲେ।

ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଚତୁର୍ଥ ମ୍ୟାଚରୁ ୩ ବିଜୟ ଓ ଗୋଟିଏ ବାତିଲ ସହ ଅଷ୍ଟ୍ରେଲିଆ ୭ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅପରପକ୍ଷରେ ପୂର୍ବ ମ୍ୟାଚରେ ଦକ୍ଷିଣଆଫ୍ରିକାଠାରୁ ହାରିଥିବା ଭାରତ ୪ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ଆସନ୍ତା ୧୯ରେ ଇଂଲଣ୍ଡକୁ ଭେଟିବ ଭାରତ।

**ଆଜିର ମ୍ୟାଚ୍**

**ଦ. ଆଫ୍ରିକା- ବାଂଲାଦେଶ**

**ଆରମ୍ଭ : ଅପରାହ୍ଣ ୩ଟା**

**ସ୍ଥାନ : ବିଶାଖାପାଟଣମ୍**

### ମ୍ୟାଚ୍‌ରେ କୀର୍ତ୍ତିମାନ

**୫ ହଜାର ରନ:** ମିତାଲି ରାଜ (୭୮୦୫ ରନ)ଙ୍କ ପରେ ୨ୟ ଭାରତୀୟ ଭାବେ ମନ୍ଧାନା (୫୦୨୨) ଦିନିକିଆରେ ୫ ହଜାର ରନ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱରେ ସର୍ବକନିଷ୍ଠ (୨୯ ବର୍ଷ), ସବୁଠୁ କମ୍ ଇନିଂସ (୧୧୨) ଓ ସବୁଠୁ କମ୍ ବଲ୍ (୫୫୬୯) ଖେଳି ୫ ହଜାର ରନ ସଂଗ୍ରହ କରିବାରେ ମନ୍ଧାନା କୀର୍ତ୍ତିମାନ କରିଛନ୍ତି। ଷ୍ଟିଫାନୀ ଟେଲର (୧୨୯ ଇନିଂସ) କମ୍ ଇନିଂସ ଓ ସୁଜି ବେଟ୍ସ (୬୧୮୨) କମ୍ ବଲ୍ ଖେଳି ୫ ହଜାର ରନ ସଂଗ୍ରହ କରିଥିଲେ।

**୧୦୦୦ ରନ:** ବିଶ୍ୱର ପ୍ରଥମ ମହିଳା କ୍ରିକେଟର୍ ଭାବେ ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ଦିନିକିଆ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ଗୋଟିଏ ବର୍ଷରେ ସର୍ବାଧିକ ରନ ବେଲିଣ୍ଡା କ୍ଲାର୍କ (୯୭୦ ରନ, ୧୯୯୭ ମସିହା)ଙ୍କ ନାମରେ ରହିଥିଲା।

**୧୫୫ ରନ:** ମନ୍ଧାନା ଓ ପ୍ରତୀକା ଓପନିଂ ଯୋଡ଼ିରେ ୧୫୫ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଦଳର ସର୍ବାଧିକ ଓପନିଂ ପାର୍ଟନରସିପ୍।

**୩୩୦ ରନ:** ଦିନିକିଆ ବିଶ୍ୱକପ୍ ଇତିହାସରେ ଭାରତ ଏହାର ସର୍ବାଧିକ ଦଳଗତ ସ୍କୋର ହାସଲ କରିଛି। ୨୦୨୨ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩୧୭ ରନ କରିଥିଲା।

**୩୦୦+:** ବିଶ୍ୱକପ୍‌ରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ମହିଳା ବିପକ୍ଷରେ କୌଣସି ଦଳ ୩୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS